# ବେଦାନ୍ତା

Spreadig Knowledge Amongst Mankind.......

ଅଗଷ୍ଟ – ୨୦୧୭ AUGUST - 2017



# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା ]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର


## ଯୋଗାଯୋଗ

Whatsapp: + 91 9594993733

ଭ୍ରାମ୍ୟଭାଷ - + 91 8828213733

## Email ids:

vedantimagazine@gmail.com

editor.vedantimagazine@gmail.com

# ଏଣୁତେଣୁ......

ନମସ୍କାର ।

ଅଗଷ୍ଟ ମାସ ୨୦୧୭ ହେଉଛି "ବେଦାନ୍ତୀ"ର ଦ୍ୱିତୀୟ ଜନ୍ମବାର୍ଷିକୀ । ଗ୍ୱହୁଁ ଗ୍ୱହୁଁ ଦୁଇ ବର୍ଷ ବିତିଗଲାଣି ଆଉ ବେଦାନ୍ତୀ ଆଗେଇ ଗ୍ୱଲିଛି ଉନ୍ନତି ପଥରେ । ଆଉ ସାଥିରେ ଅଛନ୍ତି ସମସ୍ତ ଓଡିଶାବାସୀ ।

ବେଦାନ୍ତୀ ପତ୍ରିକାଟି ହେଉଛି ସମସ୍ତ ଓଡିଆଙ୍କର । ଏଥିରେ ରହିଛି ସମସ୍ତଙ୍କର କିଛି ନା କିଛି ଅବଦାନ । ଲେଖକ ଲେଖିକାମାନଙ୍କର ଅବଦାନ ରହିଛି ସେମାନଙ୍କର ବହୁମୂଲ୍ୟ ସମୟରୁ କିଛି ସମୟ ଦେଇ ସେମାନଙ୍କ ରଚନା ବେଦାନ୍ତୀ ମାଧ୍ୟମରେ ସମସ୍ତ ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ ପହଞ୍ଚେଇବାପାଇଁ ଆଉ ପାଠପାଠିକା ମାନଙ୍କର ଅବଦାନ ରହିଚ ବେଦାନ୍ତୀ ପଢିବା ସହ ଏହାର ପ୍ରଗ୍ୱର- ପ୍ରସାର କରିବାପାଇଁ । ଆଉ ଏଇଥିପାଇଁ ସୁରୁଖୁରୁରେ ଗ୍ୱଲିଛି ବେଦାନ୍ତୀ ତାର ଗନ୍ତବ୍ୟସ୍ଥଳରେ ପହଞ୍ଚିବାପାଇଁ ।

ଆଜିକାଲି କର୍ମକ୍ଷେତ୍ରରେ ବ୍ୟସ୍ତତା ପାଇଁ ଏକ ପତ୍ରିକାଟିଏ ପଢିବା ପାଇଁ କାହାରି ପାଖରେ ସମୟ ନାହିଁ । ଆଉ କେବେ କେମିତି ସମୟ ମିଳିଲେ ମଧ୍ୟ, ନିଜ ମାତୃଭାଷାରେ ଲିଖିତ ପତ୍ରିକାଟିଏ ମିଳିବା ମଧ୍ୟ କଷ୍ଟକର ବିଷୟ, ବିଶେଷ କରି ଓଡିଶା ବାହାରେ ରହୁଥିବା ଓଡିଆମାନଙ୍କ ପାଇଁ । ଆଉ ଏଇଠାରୁ ହିଁ ଆରମ୍ଭ ହୋଇଥିଲା ବେଦାନ୍ତୀର ଜନ୍ମ । ଆଜି ବହୁତ ଖୁସି ଲାଗିଛି ଯେ ବେଦାନ୍ତୀ ପହଞ୍ଚିପାରିଛି ଦେଶ ବିଦେଶରେ ଅନେକ ସ୍ଥାନରେ ଏବଂ ସମସ୍ତେ ତାକୁ ଆଦରି ନେଇଛନ୍ତି ।

ଆଶା, ଭବିଷ୍ୟତରେ ମଧ୍ୟ ଆପଣମାନଙ୍କ ସହଯୋଗ ଏହିପରି ନିରନ୍ତର ମିଳୁଥିବ ବେଦାନ୍ତୀକୁ ଆହୁରି ଅନେକ ଆଗକୁ ଯିବାପାଇଁ ।

ଜୟ ଉତ୍କଳ, ଜୟ ଓଡିଆବାସୀ ।

ଅରବିନ୍ଦ ମିଶ୍ର

# ଏ ସଂଖ୍ୟାରେ ରହିଅଛି....


| | | |
|---|---|---|
| ଜନ୍ମବେଦୀକୁ ଯାତ୍ରା ଅନ୍ତରାଳେ | ଅନୁସୂୟା ମିଶ୍ର | 06 |
| ଆହ୍ୱାନ ଜୀବନର | ଭାସ୍କର ଚନ୍ଦ୍ର ଖଣ୍ଡା | 10 |
| ବସନ୍ତର ଫେରିବାର ନାହିଁ | କାଳକଙ୍କର | 11 |
| କମ୍ବଳ | କମଳା ଶତପଥୀ | 13 |
| ମରୁଭୂମିର ସ୍ୱପ୍ନ | ମଧୁଛନ୍ଦା ବେହେରା | 21 |
| ଶୀତଳାଗ୍ନି | ସୁସ୍ମିତା ମହାପାତ୍ର | 22 |
| ନିରୁଦ୍ଦିଷ୍ଟ ଦେବତା | ଇଂ. ସାରଦା ପ୍ରସାଦ ପରିଡା | 23 |
| ପ୍ରେମର ଯନ୍ତ୍ରଣା | ଡ. ବିଜ୍ଞାନୀ ଦାସ | 25 |
| ପ୍ରତିଶୃତି | ସୁଲୋଚନା ପଟ୍ଟନାୟକ | 32 |
| ଧାରା ଶ୍ରାବଣ | ଦୀପକ ଷଡଙ୍ଗୀ | 33 |
| ବ୍ୟୋମକେଶ- କାମାକ୍ଷୀ | ପ୍ରତିଭା ପ୍ରିୟଦର୍ଶିନୀ | 34 |
| କୃଷ୍ଣ ଆଗମନେ | ହିମାଂଶୁ ଶେଖର ବାରିକ୍ | 40 |
| ସତ୍ୟମେବ ଜୟତେ | ପ୍ରବୋଧ ଚନ୍ଦ୍ର ମୁଦ୍ରା | 42 |
| ବହୁଥିବା ପବନ | ଶାନ୍ତିଲତା ମିଶ୍ର | 44 |
| ତୁମ ପାଇଁ....... | ପ୍ରଦେଶ କୁମାର ପ୍ରଧାନ | 50 |
| ଜୀବନ: ଏକ ଅଲେଖା ଦଲିଲ୍ | ନୃସିଂହ ଚରଣ ବେହେରା | 51 |
| ଅଣୁଗଳ୍ପ ଅଭିନୟ | ସଂଗ୍ରାମ କେଶରୀ ପୃଷ୍ଟି | 52 |
| କନ୍ଧମାଳ ଧକେଇ ଧକେଇ କାନ୍ଦୁଛି | ଶଶଧର ମହାପାତ୍ର | 54 |
| ନପୁଂଷକ | ବିନୟ ମହାପାତ୍ର | 56 |
| ଦୁଇ ସମଲପୁରି କବିତା | ଆଶୁତୋଷ ମେହେର | 57 |

| | | |
|---|---|---|
| ଜ୍ଞାନୋଦୟ | ଡ. ସୌମ୍ୟ ରଞ୍ଜନ ମିଶ୍ର | 58 |
| ଜନ୍ମଦାତା | ମୋହନ ଚନ୍ଦ୍ର ବିଷୋୟୀ | 60 |
| ଜୀବନ | ପ୍ରିୟମ୍ବଦା ସେଠି | 62 |
| ପ୍ରେମିକା | ସୁବ୍ରତ କୁମାର ମୁଦୁଲି | 64 |
| ସେ କବି | ବରୁଣ କୁମାର ଦାସ | 65 |
| ସମୁଦ୍ର ଓ ଝାଉଁବଣ | ସନାତନ ମହାକୁଡ | 66 |
| ଅସ୍ତର୍‌ଗିଣୀ ( ଧାର୍‌ବାହିକ) | ପ୍ରଫେସର ଅନତା ପଣ୍ଡା | 67 |
| ଆକାଶର ପରୀ | ଅଶୋକ ବିଶ୍ୱାଳ | 69 |
| ହାତ ଧରି ଗ୍ଲୁଥିମି | ଫିରୋଜ କୁମାର ପଟେଲ | 70 |
| ଇମ୍ଫାଲ, ମଣିପୁର ( କୋହିମା ଛାତିର କଣ୍ଟାଫୁଲ) - ଧାର୍‌ବାହିକ ଭ୍ରମଣ କାହାଣୀ- | ପ୍ରିୟବ୍ରତ ପାତ୍ର | 71 |
| ଧନୀ ପୁଅର ମୁଁ ଭୀକାରି ବାପ | ପ୍ରଶାନ୍ତ କୁମାର ନାଥ | 81 |
| ବାପା..ତମେ ଗଲ୍ ପରେ | ସଚ୍ଚିଦା ନନ୍ଦ ବାରିକ | 82 |
| ମୋର୍ କଥା କେ ମାନ୍ | ଶୁଭମ ନାୟକ | 84 |
| ମଇ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | 85 |
| ଟିକିଏ ହସନ୍ତୁ | ସଂଗୃହୀତ | 86 |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | 87 |




# ଜନ୍ମବେଦୀକୁ ଯାତ୍ରା ଅନ୍ତରାଳେ



ଅନୁସୂୟା ମିଶ୍ର

ଶହ ଶହ ବର୍ଷ ତଳର କଥା। ମହାରାଜ ଇନ୍ଦ୍ରଦ୍ୟୁମ୍ନଙ୍କ ରାଜମହଲ ମଧ୍ୟସ୍ଥ ଏକ ନିଭୃତ କୋଠରୀରେ କାର୍ଯ୍ୟରତ ଥାଆନ୍ତି ବ୍ରାହ୍ମଣର ଛଦ୍ମବେଶରେ ଦେବଶିଳ୍ପୀ ବିଶ୍ୱକର୍ମା। ନିରାକାର ପରଂବ୍ରହ୍ମଙ୍କୁ ସାକାର କରିବାର ଦାୟିତ୍ୱ ଯେ ତାଙ୍କ ଉପରେ ନ୍ୟସ୍ତ! କିଏ ଜାଣେ କେଉଁ ରୂପରେ ସେ ପ୍ରକଟ ହେବାକୁ ଚାହାନ୍ତି! ରାଜାରାଣୀଙ୍କ ସମେତ ନଅରବାସୀ ସମସ୍ତଙ୍କୁ ଚେତାଇ ଦିଆଯାଇଥାଏ ଯେ, ଶିଳ୍ପୀଙ୍କ କାର୍ଯ୍ୟ ଶେଷ ହେବା ପୂର୍ବରୁ ଯଦି କେହି ସେହି ବନ୍ଦ କୋଠରୀର ଦୁଆର ଖୋଲନ୍ତି, ତେବେ ନିର୍ମାଣ କାର୍ଯ୍ୟକୁ ସେହିଠାରେ ଛାଡି ଶିଳ୍ପୀ ବାହୁଡି ଯିବେ, ସେହି ମୁହୂର୍ତ୍ତରେ ହିଁ। କୁଶଳୀ ନିହାଣର ଠକ୍ ଠକ୍ ଶବ୍ଦ ରୁଦ୍ଧଦ୍ୱାର ଟପି ଜଣାଇ ଦେଉଥାଏ ଯେ ନିର୍ବିଘ୍ନରେ ଆଗେଇ ଚାଲିଛି ନିର୍ମାଣ କାର୍ଯ୍ୟ। ଏହିପରି ଭାବରେ କିଛିଦିନ ଅତିକ୍ରାନ୍ତ ହୋଇଗଲା। ହଠାତ୍ ଦିନେ ବ୍ୟତିକ୍ରମ ଦେଖାଦେଲା। କୋଠରୀ ମଧ୍ୟରୁ ଶୁଣାଗଲା ନାହିଁ ଆଉ କୌଣସି ଶବ୍ଦ। ଉତ୍କଣ୍ଠିତା ମହାରାଣୀ ଗୁଣ୍ଡିଚାଙ୍କ ମନରେ ଆଶଙ୍କାର ସୂତ୍ରପାତ ହେଲା....କିଛି ଅଘଟଣ ଘଟିନି ତ? ଏତେ ଦିନର ଅବିଶ୍ରାନ୍ତ ପରିଶ୍ରମ ବୃଦ୍ଧ ଶିଳ୍ପୀଙ୍କୁ କୌଣସି ଅସୁବିଧାରେ ପକାଇନି ତ? ୨୧ତମ ଦିନରେ ସେ ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ। ନାରୀମନର ସ୍ୱଭାବସୁଲଭ କୋମଳତା ତାଙ୍କୁ ବାଧ୍ୟ କଲା ରୁଦ୍ଧଦ୍ୱାର ଖୋଲି ଶିଳ୍ପୀଙ୍କର କୁଶଳ ସମାଚାର ବିଷୟ ସନ୍ଧାନ କରିବା ପାଇଁ। ଆଉ, ଠିକ୍ ସେହି ମୁହୂର୍ତ୍ତରେ ଘଟିଗଲା ଏକ ଅଭାବନୀୟ ଘଟଣା। ଦୁଆର ଖୋଲିବା ମାତ୍ରେ ଅନ୍ତର୍ଦ୍ଧାନ ହୋଇଗଲେ ଦେବଶିଳ୍ପୀ। ସ୍ତମ୍ଭୀଭୂତା ଗୁଣ୍ଡିଚା। କଣ ସେ କଲେ! ତାଙ୍କ ଯୋଗୁଁ ଯେ ଅଧାଗଢା ହୋଇ ରହିଗଲେ ତିନିଠାକୁର। ନିଜ ପାଖେ ନିଜେ ଅକ୍ଷମଣୀୟ ଗୁଣ୍ଡିଚା ଦୋଷି ଭାବରେ ତିଳ ତିଳ ହୋଇ ଜଳିବାକୁ ଲାଗିଲେ ନିଜ ମଧ୍ୟରେ।

ମହାରାଜ ଇନ୍ଦ୍ରଦ୍ୟୁମ୍ନ ମଧ୍ୟ କିଂକର୍ତ୍ତବ୍ୟବିମୁଢ। ଯେଉଁ କାର୍ଯ୍ୟକୁ ଦେବଶିଳ୍ପୀ ଅଧାରେ ଛାଡି ଦେଇଗଲେ, ତାକୁ ସମ୍ପୂର୍ଣ୍ଣ କରିବାର ଯୋଗ୍ୟତା ବା କାହାର ଅଛି? ବିଗ୍ରହ ସଂପୂର୍ଣ୍ଣ ନହେଲେ

ପୂଜା ବା ପାଇବେ କପରି? ତେବେ ଶ୍ରୀମନ୍ଦିର କଣ ଖାଲି ପଡିବ? ଶୋକାଭିଭୂତ ଭକ୍ତମନର ସମସ୍ତ ଦ୍ୱନ୍ଦ୍ୱକୁ ଦୂର କରିଥିଲେ ମହାପ୍ରଭୁ ନଜେ । ଏସବୁ ଯେ ତାଙ୍କରି ଲୀଳା! ତାଙ୍କ ବ୍ୟତୀତ ତାଙ୍କୁ ପ୍ରକାଶ କରିବାର ବା ରୂପ ଦେବାର ସାମର୍ଥ୍ୟ ବା କାହାର ଅଛି? କଳଯୁଗରେ ସେ ଏହିପରି ଅଧାଗଢା ରୂପରେ ହିଁ ପ୍ରକଟ ହେବାକୁ ଚ୍ଛାହାନ୍ତି । ମହାରାଜଙ୍କୁ ସ୍ୱପ୍ନାଦେଶ ହେଲା ସେହି ଅର୍ଦ୍ଧନର୍ମିତ ଦାରୁବିଗ୍ରହଙ୍କୁ ଶ୍ରୀମନ୍ଦିରରେ ସ୍ଥାପନା କରିବା ନମନ୍ତେ । ଆଶ୍ୱସ୍ଥ ହେଲେ ରାଜାରାଣୀ । ବ୍ରହ୍ମାଙ୍କ ଦ୍ୱାରା ସ୍ଥାପିତ ହେଲେ ତିନ ବିଗ୍ରହ ରତ୍ନବେଦୀ ଉପରେ – ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରାଙ୍କ ରୂପରେ ।

ଭକ୍ତପ୍ରବର ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଉପରେ ସନ୍ତୁଷ୍ଟ ହୋଇ ଇଚ୍ଛାମୁତାବକ ବର ପ୍ରାର୍ଥନା କରିବାକୁ ତାଙ୍କୁ କହିଲେ ମହାପ୍ରଭୁ । ମାତ୍ର ଅନେକ ଚନ୍ତା କରିବା ପରେ ରାଜା ଯେଉଁ ବର ଚ୍ଛାହିଁଲେ ତାହା ରାଜ୍ୟବାସୀଙ୍କୁ ସ୍ତମ୍ଭୀଭୂତ କରିଦେଲା । ରାଜା ଯେ ଆଜୀବନ ନଃସନ୍ତାନ ହୋଇ ରହିବାକୁ ଚ୍ଛାହାନ୍ତି! ଶୋକରେ ଅଧୀର ହୋଇ ଉଠିଥିଲେ ରାଣୀ ଗୁଣ୍ଡିଚ୍ଛା । ନଜର ଦୂରଦୃଷ୍ଟିବଳରେ ଇନ୍ଦ୍ରଦ୍ୟୁମ୍ନ ଦେଖିପାରିଥିଲେ ଯେ ହୁଏତ ଭବିଷ୍ୟତରେ ତାଙ୍କର ବଂଶଧରମାନେ ଶ୍ରୀମନ୍ଦିରକୁ ନଜର ପୈତୃକ ସଂପତ୍ତି ବୋଲି ବିବେଚନା କରି ଉତ୍ତରାଧିକାରୀତ୍ୱ ଦାବୀ କରିପାରନ୍ତି । ତେଣୁ ସେ ନର୍ବଂଶ ରହିବାର ନଷ୍ପତ୍ତି ନେଇଥିଲେ । ସବୁ ବୁଝିଥିଲେ ମଧ୍ୟ ମାତୃତ୍ୱ ଆଶାରେ ଉଦବେଳତ ନଜ ନୀରୀହୃଦୟ ନକଟରେ ବିବଶ ହୋଇ ପଡିଥିଲେ ରାଣୀ ଗୁଣ୍ଡିଚ୍ଛା । ଶୂନ୍ୟକୋଳର ବୋଝକୁ ସାରା ଜୀବନ ସେ ସହିପାରେବେ ତ! ରାଣୀଙ୍କ ମନରେ ଖେଳ ବୁଲୁଥିବା ନୀରବ କ୍ଷୋଭ, ତଥାର ଅସଂପୂର୍ଣ୍ଣ ନାରୀତ୍ୱର ଗ୍ଳାନୀ ମହାପ୍ରଭୁଙ୍କୁ ବା କପରି ଅଛପା ରୁହନ୍ତା! ଇଏ ଯେ ବାଞ୍ଛା କଳ୍ପତରୁ! ରାଜାଙ୍କର ମନୋବାଞ୍ଛା ପୂରଣକରିବା ସଙ୍ଗେ ସଙ୍ଗେ ରାଣୀଙ୍କୁ ସିଏ ପ୍ରତିଶୃତି ଦେଇଥିଲେ ଯେ ସନ୍ତାନକୁ ଗର୍ଭରେ ଧାରଣ ନ କରିପାରିଲେ ମଧ୍ୟ ମାତୃର ସୁଖରୁ ବଞ୍ଚିତା ହେବେନାହିଁ ରାଣୀ । ଏହି ପ୍ରତିଶୃତି ଅନୁଯାୟୀ ମହାପ୍ରଭୁ ନଜେ ସନ୍ତାନ ହିସାବରେ ଆସି ପ୍ରତିବର୍ଷ ଗୁଣ୍ଡିଚ୍ଛାଙ୍କ ନକଟରେ କଛିଦିନ ଅବସ୍ଥାନ କରନ୍ତି ଏବଂ ରାଣୀଙ୍କ ମନରେ ରହିଥିବା ଅପୂର୍ଣ୍ଣତାର ଅନୁଭବକୁ ମାତୃତ୍ୱର ଆନନ୍ଦରେ ଭରିଦିଅନ୍ତି ।

ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ପ୍ରତିବର୍ଷ ମହାପ୍ରଭୁ ଜଗନ୍ନାଥ, ବଡଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ଶ୍ରୀମନ୍ଦିରରୁ ବାହାରି ଗୁଣ୍ଡିଚ୍ଛା ମନ୍ଦିର ଉଦ୍ଦେଶ୍ୟରେ ଯାତ୍ରା କରନ୍ତି । ଏହି ଦିନ ଗୁଣ୍ଡିଚ୍ଛାଙ୍କ ମନରେ ଢେଉ ଖେଳୁଥିବା ଉତ୍କଣ୍ଠା ସହ ସନ୍ତାନ ସମ୍ଭାବନାର ଲକ୍ଷଣ ପ୍ରକାଶ

ପାଇବା ପୂର୍ବରୁ ମାତୃତ୍ୱର ସୌଭାଗ୍ୟକୁ ଅପେକ୍ଷା କରି ରହିଥିବା ନାରୀଟିଏ ର ମନର ଅବସ୍ଥାର ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଇପାରେ ।

ମନ୍ଦିର ପରମ୍ପରା ଅନୁଯାୟୀ ଗୁଣ୍ଡିଚା ମନ୍ଦିରରେ ରହଣୀ ମଧ୍ୟରେ ଭିନ୍ନ ଭିନ୍ନ ବେଶ ମାଧ୍ୟମରେ ମହାପ୍ରଭୁ ଦଶ ଅବତାର ଗ୍ରହଣ କରିଥାଆନ୍ତି । ପ୍ରଥମ ଦିନ ମୀନ ଅବତାର । ମିନ ଯେପରି ଜଳରେ ବାସ କରେ, ମାତୃଗର୍ଭରେ ମଧ୍ୟ ଜଳରେ ଭାସମାନ ଅବସ୍ଥାରେ ହିଁ ଜୀବନର ସୂତ୍ରପାତ ହୋଇଥାଏ । ତେଣୁ ମୀନ ଅବତାରକୁ ମଣିଷ ଜୀବନର ଆଦ୍ୟତମ ଅବସ୍ଥା ହିସାବରେ ଗ୍ରହଣ କରାଯାଇପାରେ । ଦ୍ୱିତୀୟ ଦିନର କଚ୍ଛପ ଅବତାର ମଣିଷ ଜୀବନରେ ଆଦ୍ୟ ଶୈଶବ ଅବସ୍ଥାକୁ ଦର୍ଶାଇଥାଏ । ଏହି ଅବସ୍ଥାରେ ଚାଲିବାକୁ ଅକ୍ଷମ ଶିଶୁଟିଏ କଇଁଚ ପରି ଛାତି ଓ ପେଟର ସାହାଯ୍ୟରେ ଆଗକୁ ଯାଇଥାଏ । ତୃତୀୟ ଦିନ ବରାହ ଅବତାର । ଏହା ମଣିଷ ଜୀବନରେ ବାଲ୍ୟର ପ୍ରଥମ ଅବସ୍ଥାକୁ ସୂଚାଉଥାଏ । ଏହି ଅବସ୍ଥାରେ ଚଞ୍ଚଳମତି ଶିଶୁଟି କ୍ଷିପ୍ରଗତିରେ ଚାରିଆଡେ ଧାଁଧପଡ କରିବା ସହ, କେବେ କେବେ ବରାହ ପରି ମାଟି ଖୋଳକ ଖାଇଦିଏ ମଧ୍ୟ ।

ଚତୁର୍ଥ ଦିନ ନୃସିଂହ ଅବତାର । ଏହା ବାଳୁତ ଅବସ୍ଥାରେ ମଣିଷ ମନର ଜିଦି ଓ କ୍ରୋଧର ସୂଚନା ଦେଇଥାଏ । ପଞ୍ଚମ ଦିନ ବାମନ ଏବଂ ପରଶୁରାମ ଅବତାର । ବାମନ ଅବତାର କୈଶୋରର ନୈତିକତା ତଥା ଶୃଙ୍ଖଳତ ଜୀବନ ଏବଂ ପରଶୁରାମ ଅବତାର ତାରୁଣ୍ୟର କ୍ଷଣକୋପ ଓ ପ୍ରତିଶୋଧପରାୟଣତାର ପରିଚୟ ଦିଏ । ଷଷ୍ଠ ଦିନରେ ରାମ ଅବତାର ଏବଂ ବଳରାମ ଅବତାରର ବେଶ କରାଯାଏ । ରାମ ଅବତାର ଯୁବକ ଅବସ୍ଥାରେ ପହଞ୍ଚିବା ପରେ ଗାର୍ହସ୍ଥ୍ୟ ଧର୍ମ ପାଳନର ସୂଚନା ଦେଇଥାଏ । ବଳରାମ ଅବତାର କର୍ମମୟ ଆଦ୍ୟପ୍ରୌଢ଼ ଅବସ୍ଥାକୁ ବୁଝାଏ । ବଳରାମଙ୍କ ହାତରେ ଶୋଭା ପାଉଥିବା ଲଙ୍ଗଳକୁ ଜୀବିକାର ପ୍ରତୀକ ହିସାବରେ ଗ୍ରହଣ କରାଯାଇପାରେ । ଏହି ଅବସ୍ଥାରେ ପରିବାର ତଥା ପରିଜନଙ୍କ ଭରଣପୋଷଣର ଦାୟିତ୍ୱବୋଧ ତଳେ ମଣିଷ ଏପରି ଦବିଯାଏ ଯେ ନିଜ ଅଜାଣତରେ ହିଁ ପ୍ରୌଢତ୍ୟକୁ ଅତକ୍ରମ କରି ଆଗକୁ ଚାଲିଯାଏ । ସପ୍ତମ ଦିନରେ ବୌଦ୍ଧ ଏବଂ କଳକୀ ଅବତାର । ନବମ ଅବତାର ବୁଦ୍ଧ, ମଣିଷ ଜୀବନରେ ବାନପ୍ରସ୍ଥ ଅବସ୍ଥାର ସୂଚନା ଦିଏ, ଯେତେବେଳେ କ ମଣିଷ ସଂସାରର ଅସାରତାକୁ ହୃଦୟଙ୍ଗମ କରି ନିଜକୁ ଭଗବତ୍ ମୁଖୀ କରିଥାଏ । ଜୀବନର ଶେଷ ଅବସ୍ଥାରେ ମଣିଷ "ସତ୍ୟ"ର ମହତ୍ୱ ଉପଲବ୍ଧୀ କରି ସଂସାରରୁ

ଅସତ୍ୟର ମୂଳୋତପାଟନ କରିବା ଉଦ୍ଦେଶ୍ୟରେ ଆଗେଇଯାଏ। ଏହା ହିଁ କଳକୀ ଅବତାରର ଭିତ୍ତିଭୂମି। ନବମ ଦିନ, ଅର୍ଥାତ ଦଶମୀ ତିଥିରେ ମହାପ୍ରଭୁ ଭାଇଭଉଣୀଙ୍କ ସହ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାଆନ୍ତି। କହିବା ବାହୂଲ୍ୟ, ଏହି ଦିନ ମା ଗୁଣ୍ଡିଚାଙ୍କ ମନ ସନ୍ତାନ- ବିଚ୍ଛେଦ ଜନତ ଦୁଃଖରେ ବିଳାପ କରିଉଠେ।

ରାଣୀ ଗୁଣ୍ଡିଚାଙ୍କ ମହଲରେ ହିଁ ଦେବଶିଳ୍ପୀଙ୍କ କର୍ତ୍ତୃକ ଦାରୁ ବିଗ୍ରହଙ୍କର ଜନ୍ମ। ତେଣୁ ଗୁଣ୍ଡିଚା ମନ୍ଦିରକୁ ତିନ ଠାକୁରଙ୍କର ଜନ୍ମବେଦୀ ହିସାବରେ ଗ୍ରହଣ କରାଯାଏ। ବର୍ଷକରେ ଥରେ ଏଠାକୁ ଆସି ମହାପ୍ରଭୁ ଦଶ ଅବତାର ମାଧ୍ୟମରେ ମଣିଷ ଜୀବନର ପ୍ରଥମରୁ ଶେଷପର୍ଯ୍ୟନ୍ତ ପ୍ରତିଟି ଅବସ୍ଥାକୁ ଦେଖାଇ ଥାଆନ୍ତି। ଅନ୍ୟ ଅର୍ଥରେ କୁହାଯାଇପାରେ ଯେ ଭକ୍ତବତ୍ସଳ ପ୍ରଭୁ, ରାଣୀ ଗୁଣ୍ଡିଚାଙ୍କୁ ଦେଇଥିବା ପ୍ରତିଶୃତି ରକ୍ଷା କରି ସେଇ ସାତଦିନ ମଧ୍ୟରେ ତାଙ୍କୁ ସନ୍ତାନର ସଂପୂର୍ଣ୍ଣ ଜୀବନକାଳର ଅନୁଭବ ପ୍ରଦାନ କରନ୍ତି। ଭଗବାନଙ୍କ ଲୀଳାକୁ ବିଝିବାକୁ ଆମ ବୋଧଶକ୍ତି ଅସମର୍ଥ ହେଲେ ମଧ୍ୟ, କଥାଟିଏ ସର୍ବଜନସମ୍ମତ....ସେ ଚାହିଁଲେ କଣ ବା ନ କରି ପାରନ୍ତି!!!

ଶତାବ୍ଦୀ ନଗର, ୟୁନିଟ୍- ୮, ଭୁବନେଶ୍ୱର



# ଆହ୍ୱାନ ଜୀବନର



ଭାସ୍କର ଚନ୍ଦ୍ର ଖଣ୍ଡା

ଜୀବନଟା ଯଦି ଗୋଟେ ସେ ଆହ୍ୱାନ
କରିବି ତାକୁ ସ୍ୱୀକାର
ବଢିବି ଆଗକୁ ଲଂଘି ବାଧା ବିଘ୍ନ
ପଥେ ଆସୁ ଯେତେ ତାର

କାହାରି ସ୍ୱାର୍ଥରେ ନ ସାଜି ବାଧକ
ଆଗେଇ ସେ ଚଲାପଥେ
ନିଜ ସ୍ୱାର୍ଥକୁ ସେ ଜଳାଞ୍ଜଳି ଦେଇ
ଜନ ସମାଜର ହିତେ

ନିସ୍ୱାର୍ଥପରର ସେପରି ଭାବନା
ଆବଦ୍ଧ ହୋଇ ନ ରହୁ
ଜୀବନର ସେଇ କର୍ମ ପଥେ ତାର
ପ୍ରସ୍ଫୁଟିତ ହୋଇ ଯାଉ

କରିନାହିଁ ଯଦି କାର ମନ୍ଦ ଚନ୍ତା
ଭୟ ବା କାହିଁକି ଆଜି
ପ୍ରାପ୍ତି ହେବ ସେଇ ପ୍ରଭୁ ଆଶୀର୍ବାଦ
ଶୁଭ ସଂକେତରେ ସାଜି

ବାସ୍ତବିକତାର ତା ଚଲା ପଥରେ
କରି ଆହ୍ୱାନ ସ୍ୱୀକାର
ମଙ୍ଗଳ କାମନା କରି ସଭିଙ୍କର
ହେଉ ସିଏ ଆଗଭର

ସହଦେବଖୁଣ୍ଟା, ବାଲେଶ୍ୱର

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ବସନ୍ତର ଫେରିବାର ନାହିଁ



କାଳକଙ୍କର

ଫୁଲ ଫୁଟୁଥିବ କେତେ ପ୍ରକାରର
କେତେ ବାସ୍ନା ଚହଟିବ ଚଉପାଶର
ଅଗଣିତ ମଣିଷମାନେ ଦେବତାରୁ ଦାନବ ହେଉଥିବେ
ପୁଣି ଫେରୁଥିବେ ବିବର୍ତନବାଦର
ମାଟି ତାର ସେମିତି ରଂଗରେ ଜମାଟ ବାନ୍ଧୁଥିବ
ପୁଣି ଧୂଳ ହୋଇ ଉଡୁଥିବ ଦିଗଦିଗନ୍ତର
ଫୁଲ ଫେରୁଥିବ
ବାସ୍ନା ମଧ୍ୟ ଫେରୁଥିବ

ଫେରୁ ନ ଥିବ ବସନ୍ତ
ବସନ୍ତର ଫେରିବାର ନାହିଁ ।।

ଇଂଲଣ୍ଡରେ ଆନ୍ଦୋଳନ ହେବ
ହେବ ଆନ୍ଦୋଳନ ଆମାରିକାରେ
ସୋଭିଏତ ରୁଷ୍ ପୁଣି ଏକତ୍ରୀତ ହେବ
ଭାରତରେ ପାକସ୍ତାନ ବାଂଲାଦେଶ କଥା କହୁଥିବ
ସାଉଦୀ ଆରବରେ ରାଜତନ୍ତ୍ର ଯାଉଥିବ ଆସୁଥିବ
ନେପାଳର ନେପଥ୍ୟରେ ଶୁଭୁଥିବ ଗଣତନ୍ତ୍ରର ଚକ୍ରାର
ସଂବିଧାନ କେବେ କେବେ ହସୁଥିବ କେତେବେଳେ କାନ୍ଦୁଥିବ
ଅନେକ ସଂଶୋଧନ ପରେ ମଧ୍ୟ ସାଗରର ଶୋଷ ମେଂଟୁ ନ ଥିବ

ମଣିଷ ସକାଳେ ଯାଉଥିବ ସଂଜକୁ ଫେରୁଥିବ
ରତିର ଦେହରେ ଆପଣାକୁ ଅଣ୍ଡାଳ ହେଉଥିବ

ଫେରୁ ନ ଥିବ ବସନ୍ତ
ବସନ୍ତର ଫେରିବାର ନାହିଁ ।।

ପୃଥିବୀ ଘୁରି ହେଉଥିବ ଆପଣା ଅକ୍ଷରେ କକ୍ଷରେ
ସୂର୍ଯ୍ୟ କନ୍ତୁ ସେମିତି ସ୍ଥିର ଥିବ ଅନାଦି କାଳର
ମଣିଷ ଯାଯାବର ହୋଇ ଘୁରି ବୁଲୁଥିବ
ପୁଣି ଫେରୁଥିବ ସଭ୍ୟତାକୁ ସମାଜକୁ ରାଷ୍ଟ୍ରକୁ
ମାଟିର ଦେହରୁ ମଣିଷ ଆକାଶକୁ ଯନ୍ତ୍ର ଚଳାଇବ
ପାଣିର ପେଟକୁ ଚରି ସାଗର ମହାସାଗର ଡେଇଁ ଗୁଲୁଥିବ
ଗରିବର ପେଟକୁ ଦାନା କମ୍ପା ପେଟକୁ କନା ନଅଂଟ ହେଉଥିବ
କଏ କୋଟି କୋଟି ଟଙ୍କାର ଅଣୁ ପରମାଣୁ ଅସ୍ତ୍ର ଶସ୍ତ୍ରରେ ଆପଣାକୁ ଦେଖୁଥିବ
କେତେବେଳେ ସ୍ୱପ୍ନମାନେ ଆଗକୁ ଯାଉଥିବେ କେତେବେଳେ ପଛକୁ ଫେରୁଥିବେ

ଫେରୁ ନ ଥିବ ବସନ୍ତ
ବସନ୍ତର ଫେରିବାର ନାହିଁ ।।

ସୌଭଗିନୀ, ରଟିଲୋ, ଙ୍ଗେଚ, ପୁରୀ

# କମ୍ବଳ



କମଳା ଶତପଥୀ

ସେପଟ ଘରୁ ମା' ପୁଅଙ୍କର ନତିଦିନିଆ ଯୁକ୍ତିତର୍କରୁ ଛିଟିକାଏ ଭାସିଆସି ଶୁଭବ୍ରତଙ୍କ କାନରେ ପଡିବା କ୍ଷଣୀ ଚମକ ପଡିଲେ ସେ। କାହାର ଏ ସ୍ୱର? ତାଙ୍କ ଦଶ ବର୍ଷର ପୁଅ ବବୁର ନା, ଦୀର୍ଘ ବର୍ଷ ତଳେ ସେଇ ଏକା ଅଭିଯୋଗ, ସେଇ ଏକା ଜିଦି କରି ବୋଉକୁ ହଇରାଣ କରୁଥିବା ତାଙ୍କ ନିଜର! ସେଦିନର ଶୁଭବ୍ରତଙ୍କର ଜିଦି ଆଉ ଆଜିର ବବୁର ଜିଦି ଭିତରେ ଯେମିତି କିଛି ଫରକ ନାହିଁ, ସେହିପରି ସେଦିନର ବୋଉ ଆଉ ଆଜି ବବୁର ମମି ସୁଚେତାଙ୍କ ଉତ୍ତରରେ ମଧ୍ୟ କିଛି ବି ଫରକ ନାହିଁ। ସବୁକାଳର ମା' ମାନେ କ'ଣ ଏକା ପ୍ରକାରର?

"ମୁଁ ସେଟାକୁ ଜମାରୁ ଘୋଡେଇବିନି। ଦେଖୁନ, ସେଥିରୁ କେମିତି ଲମ୍ବା ଲମ୍ବା ସୂତା ବାହାରିଛି! ମୋର ନୂଆ ବ୍ଲାଙ୍କେଟ୍ ଦରକାର। ଡ୍ୟାଡିଙ୍କୁ କୁହ, ମୋ ପାଇଁ ନୂଆଟେ ଆଣିଲେ ଯାଇ ମୁଁ ଶୋଇବି।" ବବୁର ସ୍ୱରରେ ଅସମ୍ଭବ ଅବୁଝାପଣ...ସାମାନ୍ୟ ଉତ୍ତେଜନା ମଧ୍ୟ। କିନ୍ତୁ ସେତିକି ଶାନ୍ତ ଶୁଭୁଛି ସୁଚେତାଙ୍କ ସ୍ୱର।

"ଏଇ ଋତିରେ? ସୂତା ବାହାରି ଆସିଲା ମାନେ କ'ଣ ସେଇଟା ପୁରୁଣା ହେଇଗଲା? ବ୍ଲାଙ୍କେଟ୍ ର କାମ ହେଲା ଶୀତରୁ ରକ୍ଷା କରିବା, ଆଉ ସେ କାମ ପାଇଁ ନୂଆ କ'ଣ, ପୁରୁଣା କ'ଣ! ପୁରୁଣା ହେଇଗଲାଣି ବୋଲି ଆମେ ତାକୁ ଫୋପାଡିଦେଲେ ମନ ଖରାପ କରିବା ନାହିଁ ସେ! ସବୁ ବ୍ଲାଙ୍କେଟ୍ ସମାନ। ଦି' ଚାରି ଦିନ ପରେ ଶୀତ କୁଆଡେ ପଳେଇବ, ଆଉ ତା' ପରେ କ'ଣ ହେବ ସେ ବ୍ଲାଙ୍କେଟ୍? ରହି ରହି ସେ ବି ପୁରୁଣା ହେବ କି ନାହିଁ? "

"ନା, ମୁଁ ଜମା ଘୋଡେଇବିନି ସେଇଟା। ଭାରି ଖରାପ ଦିଶୁଛି। ଘୋଡେଇଲେ ନିଦ ପଳେଇବ ଆଖିରୁ।"

"ପାଗେଳାଟା! ଆଖି ବୁଜିଦେଲା ପରେ, ବ୍ଲାଙ୍କେଟ୍ ପୁରୁଣା ଅଛି କି ନୂଆ, ତତେ କ'ଣ ଦିଶିବ ଯେ ତୁ ଜାଣିବୁ! ମୋ ବାପାଟା ପରା, ଶୋଇପଡ ଶୀଘ୍ର। ସକାଳୁ ଉଠିଲା ବେଳକୁ ସବୁଦିନ ଡେରି ହେଇଯାଉଛି।"

ଶୁଭବ୍ରତଙ୍କ ଆଖିରେ ଅମାନିଆ ଲୁହଗୁଡା ଜମାଟ ବାନ୍ଧି ପକେଇଲେ ମନକୁ ମନ। କୋହ ହୋଇ ବହି ଆସିବାର ବାଟ ଖୋଜୁଥିଲେ ଭିତରେ ଭିତରେ। ବବୁର ଶୋଇବାଘରୁ ବାହାରି ସୁଚେତା ବ୍ରେଷେଇ ଘର ସଫା କରିବାକୁ ଯାଇ ସାରିଲେଣି। କିନ୍ତୁ ଶୁଭବ୍ରତଙ୍କ କାନରେ ଏବେବି ମା' ପୁଅଙ୍କ କଥୋପକଥନ ଗୁଞ୍ଜରିତ ହୋଇଚାଲିଛି। ନିଜକୁ ସେ ଖୋଜି ହେଉଛନ୍ତି ସେମାନଙ୍କ ଭିତରେ।

କେତେ ବର୍ଷ ବିତିଗଲାଣି ବୋଉ ଚାଲିଯିବାର? ତିରିଶି ବର୍ଷ! ହେଲେ ଆଜି ବି ବୋଉର ଉଷୁମ କୋଳର ସ୍ପର୍ଶକୁ ସେ ଅନୁଭବ କରିପାରନ୍ତି। ମନେ ପଡିଯାଏ ବୋଉର ବିବଶତାକୁ, ଯେତେବେଳେ ହାଡଭଙ୍ଗା ଶୀତର ଦାଉରୁ ବଞ୍ଚେଇବା ପାଇଁ ବୋଉ ପାଖରେ କିଛି ବି ନଥାଏ ନିଜର ଉଷୁମ କୋଳ ଆଉ ସାତସିଆଁ ଛିଣ୍ଡା କନ୍ଥାଟା ବ୍ୟତୀତ, ଯାହାକୁ ଘୋଡେଇବାକୁ ସେ ଭାରି ଘୃଣା କରନ୍ତି। ବିରକ୍ତ ହୋଇ ବୋଉ ସହିତ ପ୍ରତି ରାତିରେ ଏମିତି ବବୁ ପରିକା ଯୁକ୍ତିତର୍କ କରନ୍ତି, ଆଉ ତାଙ୍କୁ ନିଜ ପାଖକୁ ଭିଡିଆଣି ପୁରୁଣା ଛିଣ୍ଡା କନ୍ଥାଟାକୁ ଭଲ ଭାବରେ ଘୋଡେଇ ଦଉ ଦଉ ସୁଚେତାଙ୍କ ପରି ବୋଉ ବି ତାଙ୍କୁ ବୁଝେଇଥାଏ, "ବାପାଟା ପରା, ଭଲକରି ଦେହ ମୁଣ୍ଡକୁ ଘୋଡେଇ ପକା, ଥଣ୍ଡା ପଶିଯିବ ଛାତିରେ।ନିଆଁ ଲଗା ଶୀତଟା କ'ଣ ଏ ବର୍ଷ ପଡିଲା ଭଳିଆ ପଡିଛି! ପ୍ରାଣ ଛାଡି ଯାଉଛି ପରା!"

ବାଳକ ଶୁଭବ୍ରତ କିନ୍ତୁ ନିଜ ଦେହରୁ କନ୍ଥାଟାକୁ ବାହାର କରି ଦଉ ଦଉ ଜିଦି କରନ୍ତି, "ତୁ ସେ କନ୍ଥାଟାକୁ ଫୋପାଡି ଦେ"। ଧଡି ବାହାରି ଗଲାଣି ତା'ର। ମୁଁ ସେଟାକୁ ଜମା ବି ଘୋଡେଇବିନି। ବାପାଙ୍କୁ କହ ମୋ ପାଇଁ ଗୋଟେ ସୁଲୁସୁଲିଆ କମ୍ବଳ ଆଣିଦେବେ ସହରରୁ, ଠିକ୍ ନଟଅଜାଙ୍କ ପରିକା, ତାହାହେଲେ ମୁଁ ଘୋଡେଇ ହେବି।"

ଏପରି ଦୁର୍ଲ୍ଲଭ ଜିନଷ କଣି ପାରିବାର ସକ୍ଷମତା ଯେ ବାପାଙ୍କର ନାହିଁ, ସେକଥା ବାଳକ ଶୁଭବ୍ରତଙ୍କୁ ବୋଉ କହିବାକୁ ନଗ୍ଭହିଁ ତାଙ୍କୁ ବୁଝେଇବାକୁ ଚେଷ୍ଟା କରେ, "ଶୀତ ରହିଲେ ତ ଗଲା, ସେଇଟା କନ୍ଥା ହେଉ କ ହେଉ କମ୍ବଳ, ସେଥିରେ କ'ଣ ଯାଏ ଆସେ! ତୋର ମୋର ଘୋଡେଇ ପଡିବା । ଥରେ ନଦ ଆସିଗଲେ ଗଲା!"

"ନା, ମୋଟେ ନୁହେଁ । ଏଇଟା ଘୋଡେଇଲେ କାହାକୁ ବି ନଦ ହେବନ । ତୁ ବାପାଙ୍କୁ କହ ମୋ ପାଇଁ ଆଣିଦେବେ ନଟଅଜାଙ୍କ ପରି କମ୍ବଳରୁ ଗୋଟେ ।"

"ଛି, ଏମିତି କ'ଣ ଜିଦି କରନ୍ତି! ଏତେ ବର୍ଷ ହେଲା କନ୍ଥାଟା ଆମକୁ ଶୀତରୁ ରକ୍ଷା କରି ଆସୁଛି, ତାକୁ ଏମିତି ଘରୁ ବାହାର କରିଦେଲେ ସେ ମନଦୁଃଖ କରିବନ!"

"ହଉ ତା' ମନଦୁଃଖ । ଏମିତିଆ ଛିଣ୍ଡା କନ୍ଥାଟା ପୁରୁଣା କ ନୁଆ, ତତେ କ'ଣ ଦିଶିବ ଯେ ତୁ ଜାଣିବୁ? ଦିନ କେଇଟା ପରେ ଶୀତ ଛାଡିଗଲେ ସେ ନୂଆ କମ୍ବଳ ବି ପୁରୁଣା ହେଇଯିବ, ତାକୁ ବି କ'ଣ ଫୋପାଡି ଦେବାକୁ ଜିଦି କରିବୁ? ମୋ ବାପାଟା ପରା, ଆଉ ଜିଦି କରନ । ମୋ କୋଳକୁ ପଶିଆ, ମୁଁ ଗପ କହିଦେବି ଯେ, ଏଇ ସାଙ୍ଗେ ସାଙ୍ଗେ ନଦ ଆସିଯିବ ।"

କହୁ କହୁ ବୋଉ ଆରମ୍ଭ କରିଦିଏ ସବୁଦିନଆ ଗପକୁ ତା'ର....ବଡ ହେଇଗଲେ ପୁଅ ମୋର ସହରକୁ ଯିବ, ଗ୍ଭକରି କରିବ, କେତେ ଭଲ ଭଲ ଜିନଷ ମୋ ପାଇଁ କଣିକ ଆଣିବ ।..."

"ନଟଅଜାଙ୍କ ପରିକା ଫୁଲପକା ମମ୍ବଳ ବି ଆଣିବି । ଦେଖିବୁ ତା' ଭିତରେ ଶୋଇଲେ ଜମାରୁ ଶୀତ ଲାଗିବନ । ତୁ ଜାଣିଛୁ...କେତେ ଉଷୁମ ଲାଗେ ତା' ଭିତର! ଉହ୍ନେଇ ଠାରୁ ବି ଗରମ...ଏକଦମ ଗରମ । ଶୀତ ଫିତ ସବୁ ଅଦୃଶ୍ୟ ହେଇଯିବ...ଉଡିଯିବ ଚଢେଇ ପରି ଫୁର୍ କନା..."

"ହଁ ହଁ, କମ୍ବଳ ବି ଆଣିବ। ତା'ର ମୋର ଏମିତି ଘୋଡେଇ ହୋଇ ଶୋଇବୁ।" କହୁ କହୁ ବୋଉ ତାଙ୍କୁ ଆହୁରି ପାଖକୁ ଟାଣି ଆଣି ଚଗ୍ କନ୍ଥାଟାକୁ ଆହୁରି ଭଲରେ ଦେବ ଉପରେ ଘୋଡେଇ ପକାଏ। ଗପ ସରୁ ସରୁ ବୋଉ ଗୀତ ଗାଇବା ବି ଆରମ୍ଭ କରିଦିଏ ତାଙ୍କ ପାଇଁ। ସେ ଗୀତର ମଧୁରତା, କ ସାଗ୍ ଦିନର ଖେଳକୁଦର କ୍ଲାନ୍ତି, କଏ ତାଙ୍କୁ ଅବଶ କରିଦିଏ କେଜାଣି, ଏତେ ସବୁ ନା ନା ପରେ ବି ସେଇ ଛିଣ୍ଡା କନ୍ଥା ଭିତରେ ଗଭୀର ନଦରେ ଶୋଇପଡନ୍ତି ସେ ଅବିଳମ୍ବେ। କନ୍ତୁ ନଦରେ ସ୍ୱପ୍ନ ଦେଖନ୍ତି ଏକ ସୁଲୁସୁଲିଆ ଫୁଲପକା କମ୍ବଳଟେ ଘୋଡି ହେଇଛନ୍ତି ବୋଉ ଆଉ ସେ, ଠିକ୍ ନଟଅଜାଙ୍କ ପରି। ନା, ନା ତା'ଠୁ ବି ସୁନ୍ଦର, ତା'ଠୁ ବି ନରମ। କଣି ଆଣିଛନ୍ତି ବାପା ତାଙ୍କ ପାଇଁ ସହରରୁ।

ମାଳ ଅଞ୍ଚଳରେ ସେ ବର୍ଷର ଶୀତ ସବୁ ରେକର୍ଡ ଭାଙ୍ଗିଦେଇଥିଲ୍। ଗାଁର ବୁଢା ବୁଢା ଲୋକେ କହୁଥିଲେ ତାଙ୍କ ଦିହକରେ ଏମିତିଆ ଶୀତ ସେମାନେ ଅନୁଭବ କରିନଥିଲେ। ଓଃ, କାଲୁଆ ପବନରେ ମଞ୍ଜ ଥରିଯାଉଛି, ଦେହହାତ ଅସାଡ ହେଇଯାଉଛି। ଗଛପନ୍ର ବି ଥଣ୍ଡାର ପ୍ରକୋପରେ ନର୍ଜୀବା ଦେଖା ଯାଉଥିଲେ। ଦିନ ବାରଟା ପର୍ଯ୍ୟନ୍ତ ସୂର୍ଯ୍ୟ ଦେବତାଙ୍କର ଦେଖା ଦର୍ଶନ ମିଳୁନଥିଲ୍। ଯୁଆଡେ ଗୃହିଁବ, ସିଆଡେ ଖାଲି ଧୂଆଁ ଧୂଆଁ। ସତେ ଯେମିତି କୋଉଠି ଆଉ କଛି ବି ନାହିଁ ସେ ଅଞ୍ଚଳରେ। ଏମିତିକ ହାତେ ଦୂରରେ ଠିଆ ହୋଇଥିବା ଲୋକଟାକୁ ଚହ୍ନି ହେଉନଥିଲ୍ କଏ ବୋଲି।

ସନ୍ଧ୍ୟା ହେଉ ହେଉ ଗାଁ ଦାଣ୍ଡରେ ଠାଏ ଠାଏ ନଆଁ ଜାଳ ଲୋକେ ବସି ରହୁଥିଲେ। ପଖାଳ ତୋରାଣୀରେ ହାତ ମାରିବ କଏ! ଯିଏ ଯାହା ପାରିଲ୍ ସେଥିରେ ଖାଲି ଘୋଡେଇ ପକୋଉଥିଲ୍ ନଜକୁ। ତଥାପି ଥଣ୍ଡାରୁ ନସ୍ତାର କାହିଁ! '

ନଜର ପୁରୁଣା ପୁରୁଣି ଶାଢୀ ଆଉ ବାପାଙ୍କ ଧୋତି ଗୃଦର ସବୁ ମିଶେଇ ମାଶେଇ ଦୁଇ ତିନଟା କନ୍ଥା ବନେଇ ଦେଇଥିଲ୍ ବୋଉ ଶୀତରୁ ରକ୍ଷା ପାଇବା ପାଇଁ। ସେଥିରୁ ଯୋଉଟା ଟିକଏ ଭଲ ଥିଲ୍, ସେଇଟା ବାପା ଘୋଡେଇ ହେଉଥିଲେ। ଜେଜେ ମା', କକୁ, ସମସ୍ତଙ୍କୁ ଖଣ୍ଡେ ଖଣ୍ଡେ ଦେଲ୍ ପରେ ସବୁଠାରୁ ଚଗ୍ ଦଦରାଟି ପଡିଥିଲ୍ ବୋଉ ଆଉ ଶୁଭବ୍ରତଙ୍କ

ହାବୁଡରେ । ଠାଏ ଠାଏ ସେଥିରେ ବୋଉ କନା ଜୋଡି ସିଲେଇ କରି ତାକୁ ଘୋଡେଇବା ଯୋଗ୍ୟ କରୁଥିଲା ସବୁ ଶୀତରେ ସତ, ହେଲେ ଶୁଭବ୍ରତଙ୍କ ମନକୁ ଜମାରୁ ପାଉନଥିଲା ସେଇଟା । ତାଙ୍କର ଖୁବ ଇଚ୍ଛା ହେଉଥିଲା ଗାଁ ସେମୁଣ୍ଡରେ ଥିବା କୋଠାଘରେ ରହୁଥିବା ନଟଅଜା ଘୋଡୋଉଥିବା କମ୍ବଳଟି ଘୋଡେଇ ହୋଇ ଆରାମରେ ଶୋଇପଡନ୍ତେ ।

ବାପାଙ୍କ ସାଥିରେ ଦିନେ ତାଙ୍କ ଘରକୁ ଯାଇଥିଲା ବେଳେ ବାହାର ଖଟରେ ନଟଅଜା ସେଟାକୁ ଘୋଡି ହୋଇ ବସିଥିଲେ । ସମସ୍ତଙ୍କ ନଜର ବଞ୍ଚେଇ ସେଥିରେ ସେ ହାତ ମାରି ଦେଇଥିଲେ । ଆଃ, କି ନରମ କନ୍ଥାଟେ ସତରେ! ଏଟାକୁ ଘୋଡେଇଲା ପରେ କ'ଣ ଆଉ ଶୀତ ହଉଥିବା କାହାକୁ! ମୋଟେ ନୁହେଁ । ଦେଖୁନ, ନଟଅଜା କେମିତି ଆରାମରେ ବସି ବସି ମୁଢି ବାଦାମ ଗୋବୋଉଛନ୍ତି ।

ବାପା ନଟଅଜାଙ୍କ ଗୋଡ ପାଖରେ ବସି ବସି କ'ଣ ଜମିବାଡି କଥା ହେଉଥିଲେ । ଦୁଇ ଜଣଙ୍କର ଧ୍ୟାନ ତାଙ୍କ ଉପରେ ନଥିଲା । ଚୁପ୍ କନା ସେଇ ସୁନ୍ଦରିଆ କନ୍ଥା ଭିତରେ ହାତ ପୂରେଇଦେଲେ ଶୁଭବ୍ରତ । କି ଉଷୁମ ଲାଗୁଛି ତା' ଭିତର! ଲାଗୁଛି ସତେ କି ନିଆଁ ପୋଉଁଛନ୍ତି ସେ । ମନ ତାଙ୍କର ଛଟପଟ ହେବାକୁ ଲାଗିଲା ତା' ଭିତରେ ଘଡିଏ ଶୋଇଯିବାକୁ । କିନ୍ତୁ ନଟଅଜା ପରିକା ଥେଣ୍ଟେର୍ ବୁଢା କ'ଣ ତାଙ୍କୁ ସେ ସୁଯୋଗ ଦେବ!

ବାପାଙ୍କ କାମ ସରିଗଲା ପରେ ସେଠୁ ସେ ବାହାରି ଆସିଲେ ଆଉ ଶୁଭବ୍ରତଙ୍କୁ ମଧ୍ୟ ତାଙ୍କ ସହିତ ଆସିବାକୁ ହେଲା । ହେଲେ ମନ ତାଙ୍କର ସେଇ ସୁନ୍ଦରିଆ କନ୍ଥା ପାଖରେ ହିଁ ରହିଗଲା । ଦିନରାତି ତାଙ୍କ ଆଖି ଆଗରେ ତା' ମନୋଲୋଭା ରୂପ ଖାଲି ନାଚବାକୁ ଲାଗିଲା । କେମିତି କନ୍ଥାଟାଏ ତାଙ୍କୁ ଘୋଡେଇବାକୁ ମିଳନ୍ତାନି!

ଶୀତର ପ୍ରକୋପ ଆହୁରି ବଢି ବଢି ଗଲା । ଝାଟିମାଟିର କାନ୍ଥକୁ ଭେଦି ଥଣ୍ଡା ପବନ ସିଧାସଳଖ ଛାତି ଭିତରକୁ ପଶିଯିବାକୁ ଲାଗିଲା । ଜେଜେମା'ଟା ଦିନରାତି ଖୁଁ ଖୁଁ ହୋଇ କାଶୁଥିଲା ବେଳେ ପେଲି ହେଉଥିଲେ ବାପା । ଖଣ୍ଡିଏ ଖଣ୍ଡିଏ କନ୍ଥାରେ ଶୀତକୁ ନିଜ ପାଖରୁ ଦୂରେଇ ରଖିବା ସମ୍ଭବ ହେଉନଥିଲା । କିନ୍ତୁ ଆଉ ଉପାୟ କିଛି ନଥିଲା । ଅଗଣାରେ ସନ୍ଧ୍ୟା

ହେଉ ହେଉ କାଠିକୁଟା ଆଣି ନିଆଁ ଧରେଇ ଦଉଥିଲା ବୋଉ । ଶୁଭବ୍ରତଙ୍କ ପାଠ ପଢାପଢି ସବୁ ହେଉଥିଲା ଚୂଲି ପାଖରେ । ଯିଏ ଯେମିତି ପାରିଲା ନିଜକୁ ଉଷୁମ ରଖିବାର ଚେଷ୍ଟାରେ ଲାଗିଥିଲା । ତଥାପି ହାଡଥରା ଶୀତରେ ସମସ୍ତେ ଘାଇଲା ହୋଇ ଯାଉଥିଲେ । ଆଉ ଏମିତି ବେଳେ ଶୁଭବ୍ରତଙ୍କ ଆଖି ଆଗରେ ନାଚ ଯାଉଥିଲା ନଟଅଜାଙ୍କ ସୁନ୍ଦର ଫୁଲପକା କନ୍ଥା, ଯାହାକୁ ବାପା କହିଥିଲେ "କମ୍ବଳ" ବୋଲି ।

ଶୋଇଲା ବେଳକୁ ଗୋଟେ ଗୋଟେ ଉହ୍ନେଇ ଲଗେଇ ସମସ୍ତଙ୍କ ପାଖରେ ଥୋଇ ଦଉଥିଲା ବୋଉ । ଟିକଏ ତ ଆରାମ ଲାଗିବ । କିନ୍ତୁ କେତେ ସମୟ! ଉହ୍ନେଇରୁ ନିଆଁ ସରିଗଲେ ପୁଣି ମାଡି ଆସୁଥିଲା ଶୀତ । ଶୀତ ବଢିବା ସଙ୍ଗେ ସଙ୍ଗେ ରାତି ବି' ବଢି ଚାଲିଥିଲା, ଆଉ ତା ସହିତ କମି ଯାଉଥିଲା ସହିବା ଶକ୍ତି । ବାପାଙ୍କ ଦେହ ଖରାପ ହେଇ ସାରିଥିଲା । ଜେଜେମା' ନିତି ରାତିରେ କୁନ୍ଥାଉଥିଲା । ରାତିସାରା କକା ବିଡି ଟାଣି ଟାଣି ନିଜକୁ ଉଷୁମ କରୁଥିଲେ ଆଉ ଖୁଁ ଖୁଁ ହୋଇ କାଶୁଥିଲେ । ଏତେ ସବୁ ଭିତରେ କିନ୍ତୁ ବୋଉ ନିଜେ ପୁଙ୍ଗୁଳା ଶୋଇ ଶୁଭବ୍ରତଙ୍କୁ ଭଲକି ଘୋଡେଇ ଦଉଥିଲା । କେବେ କେମିତି ରାତିରେ ନିଦ ଭାଙ୍ଗିଗଲେ ସେ ଦେଖୁଥିଲେ ଶୀତର କରାଳ ହାତର ସ୍ପର୍ଶ ବୋଉର ସାରା ଦେହକୁ ମୋଡି ପକାଉଥିଲେ ବି ତା' ଦେହର କନ୍ଥାକୁ ସେ ଶୁଭବ୍ରତଙ୍କ ଦେହରେ ଏମିତି ପକେଇଥାଏ ଯେମିତି କାଲୁଆ ପବନ ତାଙ୍କୁ ଟିକଏ ବି ସ୍ପର୍ଶ କରି ପାରିବନି ।

ରାତିସାରା ବୋଉକୁ ଥରୁଥିବାର ଦେଖି ଶୁଭବ୍ରତ ଉହ୍ନେଇରେ ଶୁଖିଲା ପନ୍ପ କାଠ ପକେଇ ଦିଅନ୍ତି । ସେଥିରୁ ନିଆଁ ବାହାରେନି ସିନା ହେଲେ ପ୍ରବଳ ଧୂଆଁ ବାହାରେ । କାରଣ ନିଆଁ କେମିତି ଲଗାଯାଏ ତାଙ୍କୁ ଜଣାନଥିଲା ସେତେବେଳେ । ସେଇ ଧୂଆଁରେ ବି ସାମାନ୍ୟ ଉଷୁମ ଲାଗେ ଘର ଭିତରଟା । ସେ ଆସି ଶୋଇପଡନ୍ତି ବୋଉ ପାଖରେ ଆହୁରି ଜାକଜୁକ ହେଇ ।

ସେଦିନ ରାତିରେ ବି ସେମିତି କରିଥିଲେ ସେ । ବୋଉର ଦେହଟା ଖରାପ ଥିଲା ବୋଲି ସେଦିନ ସେ ଶୀଘ୍ର ଶୋଇ ପଡିଥିଲା । ଉହ୍ନେଇରେ ନିଆଁ ଧରେଇ ବାପା ଶୋଇବାକୁ ଚାଲି ଯାଇଥିଲେ ।

ତାଙ୍କ ଦେହ ବି ତ ଭଲ ନଥିଲା । ଗଲା ପୂର୍ବରୁ ବାପା ତାଙ୍କୁ ବୁଝେଇ ଦେଇଥିଲେ, "ବୋଉର ଦେହ ଭଲନାହିଁ, ତାକୁ ରାତିରେ ହଇରାଣ କରିବୁ ନାହିଁ ।"

"କ'ଣ ହେଇଛି ବୋଉର? " ବାପାଙ୍କ ଉଦାସ ମୁହଁକୁ ଦେଖି ଛାତି ତାଙ୍କର ବୋଝିଲା ହେଇଉଠିଲା । ଭୟ ବି ଲାଇଲା । ବୋଉର ମୁହଁ ଏକଦମ ଅଲଗା ଦିଶୁଛି । ଅଜବ ଗୋଟାଏ ଘଡ ଘଡ ଶବ୍ଦ ଛାତିରୁ ବାହାରୁଛି । ବାପାଙ୍କ ମୁହଁକୁ ଅବୁଝା ଦୃଷ୍ଟିରେ ସେ ଚାହିଁ ରହିଥିଲେ ।

"ଥଣ୍ଡା ପଶିଯାଇଛି ଛାତିରେ । ତାକୁ ଶୋଇବାକୁ ଦେ । ସକାଳକୁ ଠିକ୍ ହେଇଯିବ ।" ଛିଣ୍ଡା କନ୍ଥାଟାକୁ ଭଲରେ ବୋଉ ଉପରେ ଘୋଡେଇ ଦେଇ ସେ ଚାଲିଗଲେ ।

କିଛି କହିନଥିଲେ ବି ଶୁଭବ୍ରତ ବୁଝି ପାରିଥିଲେ କାହିଁକି ବୋଉର ଏ ଅବସ୍ଥା ହେଇଛି । ରାତିସାରା ଉଜ୍ଜେଇ ପାଖରେ ବସି ବସି ସେଥିରେ ନିଆଁ ବଢେଇବା ଲାଗି ସେ କାଠିକୁଟା ଯାହା ପାଇଲେ ଆଣି ଗଦେଇବାରେ ଲାଗିଲେ । ନିଆଁ ଅପେକ୍ଷା ଧୂଆଁ ପ୍ରବଳ ବେଗରେ ଘର ଭିତରେ ମାଡିଗଲା । ନିଶ୍ୱାସ ନେବାରେ କଷ୍ଟ ହେଲାରୁ ଶୁଭବ୍ରତ ବାହାରକୁ ଚାଲିଆସିଲେ । କିନ୍ତୁ ବୁଝିପାରିଲେନି ଯେ ବୋଉ ପାଇଁ ତାହା ଅଧିକ କ୍ଷତିକାରକ ହେବ । ମନେ ମନେ ସେ ଭାବିଥିଲେ ଉଷ୍ମ ଲାଗିଲେ ବୋଉକୁ ଭଲରେ ନିଦ ହେଇଯିବ, ଆଉ ସେ ଶୀଘ୍ର ଠିକ୍ ହେଇଯିବ ।

କିନ୍ତୁ ବୋଉ ଠିକ୍ ହେଇନଥିଲା, ବରଂ ଅଣନିଶ୍ୱାସୀ ହେଇ ସବୁଦିନ ପାଇଁ ଶୀତରୁ ମୁକ୍ତି ପାଇ ଯାଇଥିଲା । ଘର ଭିତରର ପ୍ରବଳ ଧୂଆଁ ତା' ଛାତିକୁ ଆହୁରି ଜାମ୍ କରିଦେଇଥିଲା । ସକାଳୁ ସକାଳୁ ବାପା ଆଉ ଜେଜେମା'ରେ ଚିତ୍କାର ଶୁଣି ଚମକି ପଡିଲେ ଶୁଭବ୍ରତ । ଦଉଡି ଆସିଲେ ଶୋଇବା ଜାଗାରୁ । ହତଚକିତ ରହିଗଲେ ବୋଉର ଅସାଡ ଶରୀରକୁ ସାମନାରେ ଦେଖି । ଇଏ କ'ଣ ହେଇଗଲା?

ବାପାଙ୍କ ଆଖିରେ ଲୁହ ବନ୍ଧବାଡ ମାନୁନଥିଲା । ଜେଜେମା' ଛାତି ବାଡେଇ ବାଡେଇ କାନ୍ଦୁଥିଲା । ସେ କିନ୍ତୁ ଚୁପ୍ ଚାପ୍ ବସିଥିଲେ । ତାଙ୍କୁ ଲାଗୁଥିଲା ବୋଉ ଏଇ ମାତ୍ର ଉଠିବ,

କନ୍ଥାରେ ପୁଣି ତାଙ୍କୁ ଘୋଡେଇଦେବ, ଆଉ ସବୁଦିନ ପରି କମ୍ବଳ ପାଇଁ ସେ ଜିଦି କରି ସେ ଛିଣ୍ଡା କନ୍ଥାଟାକୁ ଏମିତି ଛାଟି ଦଉଥିବେ ।

କିନ୍ତୁ କିଛି ବି ହେଲ ନାହିଁ ଆଉ । ସେ ଥଣ୍ଡା କାଲୁଆ ପବନର ତୋଡ ଆଗରେ ହାର ମାନିଯାଇ ବୋଉ ସବୁଦିନ ପାଇଁ ତାଙ୍କୁ ଛାଡି ଗ୍ଲି ଯାଇଥିଲ୍ । କମ୍ବଳର ଗପ, ଗପ ହୋଇ ରହିଗଲ୍ ସବୁଦିନ ପାଇଁ ।


ତା' ପରଠାରୁ ତାଙ୍କ ଗାଁରେ ଆଉ ସେଭଳିଆ ଶୀତ କେବେ ବି ପଡିଲ୍ ନାହିଁ କି ନଟଅଜାଙ୍କ କମ୍ବଳ କଥା ତାଙ୍କର ମନେ ରହିଲ୍ ନାହିଁ । ସେ ଜାଣି ଯାଇଥିଲେ ବାପାଙ୍କର କ୍ଷମତା ନାହିଁ ସେପରି ଜିନିଷଟେ କେଣିବା ପାଇଁ । ଥିଲେ ବୋଉ ତାଙ୍କର କେବେ ବି ମରିନଥାନ୍ତା ।

ହେଲେ କାହିଁକି କେଜାଣି, ଆଜି ତାଙ୍କ ପାଖରେ ସବୁଇଛି ଥିଲେ ବି ବବ୍ଲୁକୁ ନୂଆ କମ୍ବଳଟେ ସେ କେବେ କିଣିଦେଇ ପାରନ୍ତିନି । ଏ ବର୍ଷ ମୁମ୍ବଇର ଶୀତ ପୂର୍ବର ସବୁ ରେକର୍ଡକୁ ଭାଙ୍ଗିଦେଇଛି । ସୁଚେତା ତାଙ୍କୁ ବାରମ୍ବାର ଅନୁରୋଧ କରିଛନ୍ତି ଆଉ କିଛି ଶୀତ ଜିନିଷ କିଣିବା ପାଇଁ । ମାତ୍ର ସେ ପାରିନାହାନ୍ତି । ବିରକ୍ତ ହେଇ ସୁଚେତା ଏବେ କହିବା ଛାଡିଦେଇ ସାରିଲେଣି । ସେ ଜାଣୁଛନ୍ତି ତାଙ୍କ ଅସନ୍ତୁଷ୍ଟତାକୁ ।

କିନ୍ତୁ କ'ଣ କରିବେ! ଯେବେ ବି ଦୋକାନକୁ ଯାଇଛନ୍ତି କମ୍ବଳ କିଣିବା ପାଇଁ, ତାଙ୍କ ଆଖିରେ କମ୍ବଳ ନୁହେଁ, ପଡିଛି ଥଣ୍ଡାରେ ଶେତା ପଡିଯାଇଥିବା ବୋଉର ସେ ଅସାଡ ଦେହ, ଆଉ କାନକୁ ବାରମ୍ବାର ଶୁଭିଛି, "ମୋ ପୁଅ ମୋ ପାଇଁ ସହରରୁ କମ୍ବଳ ଆଣିବ । ଆଉ ଆଣିଲେ, ତା'ର ମୋର ଏମିତି ଘୋଡେଇ ହୋଇ ଶୋଇବୁ ।"

ଏସବୁ ପରେ ସେ କ'ଣ ସତରେ କମ୍ବଳଟେ କିଣିପାରନେ କି!

Kamala.satpathy@gmail.com



# ମରୁଭୂମିର ସ୍ୱପ୍ନ



ମଧୁଛନ୍ଦା ବେହେରା

ମରୁଭୂମି ବି ସ୍ୱପ୍ନ ଦେଖେ!
ତା ଦେହରେ ବହିଯାଉଛି
ଅସରନ୍ତି ନଈ ନାଳ ମାନ
ଆଷାଢ ଶ୍ରାବଣର ବରଷା ଧାରାରେ
ମୁଣ୍ଡ ଟେକ ଉଠନ୍ତି ନୂଆ ନୂଆ ଗଛମାନ ।
ସବୁଜ ପତ୍ରଧାରୀ ଗହଳିଆ ଗଛମାନ ।
ଟିକ ଟିକ ଚଢେଇ ମାନଙ୍କ କଚରି ମିଚରି
ଶବ୍ଦରେ
ମରୁଭୂମି ଭୁଲିଯାଏ ନିଜର ସତ୍ତାକୁ
ଫୁଲର ଅପୂର୍ବ ମହକ ବଢାଏ
ମରୁଭୂମିର ସ୍ୱପ୍ନ ଆଗକୁ ଆଗକୁ
ସ୍ୱପ୍ନ କଣ ସତହେବ?
ତାହା ପୁଣି ମରୁଭୂମି ର ସ୍ୱପ୍ନ
ମରୁଭୂମି ପଚାରେ ନିଜକୁ?

ପୁନର୍ବାର, ଉଦାସରେ ଢାଙ୍କି ହୋଇଯାଏ
ତାର ମନ ଆକାଶ
କାହାକୁ ବା କହିବ
ଏହା ତ ନିୟତିର ତା ପ୍ରତି
କ୍ରୁର ଉପହାସ ।
ଭାଗ୍ୟକୁ ଆଦରି ସିନା, ମରୁଭୂମି
ସବୁ ଭୁଲିଯାଉଛି
ସତରେ ତାର ପରି ଦୁଃଖୀ କିଏ ଅଛି ।
ବାଲି ଝଡ ମିଶିଯାଏ ପୁଣି
ତାର ପାହାନ୍ତି ସୁନେଲି ସ୍ୱପ୍ନ
ସ୍ୱପ୍ନରୁ ବାହାରି ବାସ୍ତବରେ ଦେଖ
କେତେ କଣ୍ଟକିତ ତା ଜୀବନ
କର୍ମକୁ ଆଦରି ସିନା,
ନିଜକୁ ବୁଝାଏ ମରୁଭୂମି
ସୁଖ ସିନା ପାଏ ନାହିଁ
ଛାତିରେ ତା ଦୁଃଖ ଯାଏ ଜମି ।

କଟୱାରିଆ ସରାଇ, ନୂଆ ଦିଲ୍ଲୀ

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଶୀତଳାଗ୍ନି



ସୁସ୍ମିତା ମହାପାତ୍ର

ଅଗ୍ନକ ଅସରାଏ
ବରଷାର ସୁଅ,
ଧୋଇନେବ ଭାବିଥିଲି
ଅନ୍ତର କୋହ ।
ପୋଛିଦେବ ଅତୀତର
ଅଲିଭା ସେ ସ୍ମୃତି,
ଭୁଲିବି ମୁଁ ଯୌବନର
ବନ୍ଧନ ପ୍ରୀତି ।

ମୁକୁଳବି ପ୍ରିୟତମ
ହୃଦ ପଞ୍ଜୁରିରୁ,
ଲିଭାଇବି ସ୍ୟାହିତକ
ପ୍ରେମ ପୁରାଣରୁ ।

ଭିନ୍ନ କଛି ଲେଖା କନ୍ତୁ
ଥିଲା କପାଳରେ,
ତାଜା ହେଲା ସ୍ମୃତି ସବୁ
ଭିଜା ବନ୍ଦନରେ ।

ଯହୁଁ ଯହୁଁ ବଢୁଥିଲା
ବରଷାର ଧାରା,
ତହୁଁ ଉତ୍ତେଜିତ ତନୁ
ଧମନୀ ଓ ଶିରା ।

ପୃଷ୍ଠାପରେ ପୃଷ୍ଠା ସବୁ
ଓଲଟି ଗ୍ଲଲିଲା,
ବିସ୍ମୃତ ସ୍ମୃତି ଲିପି
ପୁଣି ଦୋହରିଲା ।

ଭୟାନକ ଥିଲା ସେହି
ବରଷାର ରାତି,
ବେଳୁଁବେଳ ବଢୁଥିଲା
ଅଙ୍ଗେଅଙ୍ଗେ ତାତି ।

ବିରହର ମଲାନଆଁ
କୁହୁକଲା ଦେହେ,
ଗ୍ଲହୁଁ ଗ୍ଲହୁଁ ଚରିଗଲା
ଶରୀସାରା ପ୍ରାୟେ ।

ଜାଳ ପୋଡି ଛାରଖାର
କଲା ପ୍ରାଣ ମନ,
ମରି ମରି ସେହିଦିନୁଁ
ଜୀଇଁଛି ଜୀବନ ॥

ରାଉରକେଲା, ଓଡିଶା

# ନିରୁଦ୍ଦିଷ୍ଟ ଦେବତା



ଇଂ. ସାରଦା ପ୍ରସାଦ ପରିଡା

ସକାଳ ପାହିବା ବେଳକୁ
ଘଣ୍ଟ ଘଣ୍ଟା,
କାହାଳୀ ର ଗର୍ଜନ
ସିଂହ ଦ୍ୱାରରେ ହକାରି ହୁଏ ଭକ୍ତ
ହେ ଦେବତା କେଉଁଠି ଅଛ
ପଟି ପରେ ପଟି
ଖଞ୍ଜା ଯାଏ ଆଭୂଷଣ
ଆଳତି ମହ ମହ ଧୂପ ଦୀପ ର
କେତେ ବିଚକ୍ଷଣ ରେ
ସଜେଇ ଦେଉଛି ପ୍ରତିମାକୁ ସେବକ
ହେଲେ, ହେ ଦେବତା
ତମେ କେଉଁଠି ଅଛ?

ଆରକଡେ ମଣିଷ ପଣିଆ କୁ
ନଗ୍ନ ଦେହରେ
ଅଟ୍ଟହାସ୍ୟ କରେ ପାଗଳ
ଶ୍ୱାନ ସହ ଛଡା ପଡା,
ଗଲା କାଲିର ବାସି ଭୋଗ ପାଇଁ ।
ହାରୁ ହାରୁ ପ୍ରଶ୍ନ ଛାଡେ
ହେ ଦେବତା କେଉଁଠି ଅଛ?

ଭିଡ ଲାଗେ
ଦୀନ ଠୁ ଦାନବୀର ପର୍ଯ୍ୟନ୍ତ
ସମସ୍ତ ଅଣ୍ଟି ପତାନ୍ତି
ଡାଲା ଭର୍ତ୍ତି ଭୋଗ
ପୋଡା ମୋବିଲ ର ଆଳତି ରେ
ବଖାଣ କରନ୍ତି;
ଝିଅ ବାହା ଠୁ
ଗଗନଚୁମ୍ବୀ ଅଟ୍ଟାଳିକାର ଠିକା ଯାଏଁ
ଗୋଟିଏ ପରେ ଗୋଟାଏ
ଅଭିଯୋଗ ଫର୍ଦ୍ଦ
ତଥାପି ମନ ମାନେନି
ଲାଭ କ୍ଷତିର ହିସାବ ଭିତରେ
ଖୋଜିବଶେ ମଣିଷ
ହେ ଦେବତା କେଉଁଠି ଅଛ?

ରେଡ୍ କାର୍ପେଟ ବିଛାଯାଏ
ଧାଇଁ ଆସନ୍ତି ନେତା
ଲାଗେ ଶହେ ଚଉରାଳିଶ ଧାରା
କଣ ମାଗନ୍ତି ଆଉ ପଥରଟାକୁ
ନିରୋଳା ରେ କେଜାଣି!
ସବୁକଛି ତ ହାତ ମୁଠାରେ?

ଲେଉଟାଣିକ
ତୁଚ୍ଛା ଭକ୍ତିର ପ୍ରଦର୍ଶନ
ଅଜାଡି ଦିଅନ୍ତି ହୁଣ୍ଡି ଭର୍ତ୍ତି ଟଙ୍କା ।
ଛଡା ପଡା ଲାଗେ
ଖୋଜା ହୁଏ ଯଜମାନ ର ହିସାବ
ଆଉ କେତେ ତଡା ଖାଏ ଅନ୍ଧ ଦମ୍ପତ୍ତି
ଦରୁଆନ ର ଦାଉ ରେ
ପ୍ରଶ୍ନ କରେ
ହେ ଦେବତା କେଉଁଠି ଅଛ?

ଏପଟେ ହିସାବ ଛିଣ୍ଡେନ
ବଳ ପୁରୁବା ର ଦାଦାଗିରି
ସବୁବେଳେ!
ଉପରୁ ତଳ ପର୍ଯ୍ୟନ୍ତ ଆସିବା ବେଳକୁ
କଣ ଆଉ ବଞ୍ଚୁଛି ଯେ;
ନିରୀହ ବ୍ରାହ୍ମଣ ର ଭାଗ ପଡେନ
ପ୍ରଶ୍ନ କରେ
ହେ ଦେବତା କେଉଁଠି ଅଛ?

ତେଣେ ଦେବତା ନିରୁଦ୍ଧିଷ୍ଟ
ମନ୍ଦିର ରୁ
ଧର୍ମ ଆଉ ଧନ ର
ଠିକାଦାରଙ୍କ ତାଡନାରେ
ଏଣିକ ଦେଉଥାଅ ନୈବଦ୍ୟ
ମହକୁଥାଉ ଚନ୍ଦନର ଗନ୍ଧ
ବାଣ୍ଟୁଥାଅ ପାଉଣା
ଥାପୁଡେଇ ହାତ;
ସିଏ ତ ଅଗୋଚରରେ
ଯୋଗାଡ ରେ ଅଛି
ମେଣ୍ଟିବାରେ ନାନା ମତେ
ଗରିବର ଭୋକ ।

ଅଧ୍ୟାପକ, କୋଣାର୍କ ବିଜ୍ଞାନ ଓ କାରିଗରୀ
ମହାବିଦ୍ୟାଳୟ, ଜଟଣୀ

**ବେଦାନ୍ତୀର ହ୍ୱାସଟଆପ୍ ( What sapp) ନମ୍ବର ହେଲା- 9594993733**
**ଆପଣମାନେ ଏଥିରେ ଆମକୁ ସମ୍ପର୍କ କରିବା ସହ ନିଜ ନିଜର ମତାମତ ଆଉ ଲେଖା ମଧ୍ୟ ପଠାଇପାରିବେ ।**

# ପ୍ରେମର ଯନ୍ତ୍ରଣା



ଡ. ବିଜ୍ଞାନୀ ଦାସ

ରବିର ନିଦ ଭାଙ୍ଗିବାବେଳକୁ ଦିନ ୨ଟା ବାଜିଲାଣି । ଜାହ୍ନବୀ ଓ ମାମୁଁ ତାକୁ ଗୋଟାଏ ବେଳକୁ ଖାଇବାକୁ ଡାକଥିଲେ, ହେଲେ ଉଠେଇ ପାରିନଥିଲେ । ରବି ଉଠିବାବେଳକୁ ଘରର ଅନ୍ୟମାନେ ସମସ୍ତେ ଖାଇସାରିଲେଣି । ମାଇଁଙ୍କ ଦେହ ଟିକେ ଭଲଥାଏ ଓ ସେ ଖାଇପିଇ ଶୋଇପଡିଥାଆନ୍ତି । ରବି ଉଠିବାର ଦେଖି ଜାହ୍ନବୀ ପାଖକୁ ଆସିଲା ଓ ପଚାରିଲା, "କଣ ନିଦ ଭାଙ୍ଗିଲା ? ତାହେଲେ ଖାଇବା ବାଢିଦେବି ? "

"ଭୋକ ତ ହେଲାଣି ପ୍ରବଳ । ହେଲେ ମୁଁ ଟିକେ ନିତ୍ୟକର୍ମ ସାରେ ଓ ଗାଧୋଇପଡେ ।" - ଏମିତି କହି ରବି ନିତ୍ୟକର୍ମ ସାରିବା ପାଇଁ ତଳ ମହଲାକୁ ଗଲା ଓ ସେଠୁ ଗାଧୁଆପାଧୁଆ ସାରି ଉପରକୁ ଆସିଲା ।

ରବି ଗାଧୋଇସାରି ଫେରିବାବେଳକୁ ଜାହ୍ନବୀ ଖାଇବା ବାଢିସାରିଥିଲା । ଘରର ଅନ୍ୟମାନେ ସେତେବେଳକୁ ଖାଇସାରି ଗଡପଡ ହେଉଥିଲେ । କେବଳ ଜାହ୍ନବୀ ହିଁ ଚେଇଁଥିଲା । ରବି ଖାଇ ବସିବାବେଳେ ଜାହ୍ନବୀ କହିଲା, "ତମର ଫୋନ୍ ଆସିଥିଲା ।"

"କାହାଠାରୁ ? "

"ପଦ୍ମା ଫୋନ୍ କରିଥିଲା ।"

"ଆରେ ପଦ୍ମା ଫୋନ୍ କରିଥିଲା, ତୁ ମତେ ଉଠେଇଲୁନି କାହିଁକି ? " - ରବି ଏତେ ଜୋରରେ ଏ କଥା କହିଲା ଯେ ଯେମିତି ଜାହ୍ନବୀ ଗୋଟିଏ ମସ୍ତବଡ ଭୁଲ୍ କରିପକେଇସଛି । ଜାହ୍ନବୀ ଚମକପଡିଲା ।

"ତମେ ଏମିତି ବ୍ୟସ୍ତ କାହିଁକି ହେଉଛ ? ସେଇଟା ତ କିଛି ବିଶେଷ କଥା ନଥିଲା । ସିଏ ତା ପି.ଏଚ୍.ଡି. ବିଷୟରେ ପଚାରିବାକୁ ଡାକଥିଲା ।"

ରବି ନିଜକୁ ନିୟନ୍ତ୍ରଣ କଲା । "ସରି, କାଲି ଅନିଦ୍ରା ହୋଇ ମୋ ମୁଣ୍ଡ ଠିକ୍‌ରୂପେ କାମକରୁନି । ମୁଁ କାହିଁକି କେଜାଣି ଭାବିଦେଲି ଯେ ଗୋଟିଏ ଜରୁରୀ ଫୋନ୍ ଥିଲା ବୋଲି ।"

ଖାଇସାରି ସେ ପଦ୍ମାକୁ ଫୋନ୍ ଲଗେଇଲା । ସିଏ ଭାବିଥିଲା ପଦ୍ମା ଭୁବନେଶ୍ୱର ଫେରିଆସିଥିବ ଓ ନିର୍ଦ୍ଧାରିତ ସମୟ ୫ଟା ବେଳକୁ ସେମାନେ ରାମମନ୍ଦିରରେ ଦେଖାକରିବେ । ହେଲେ ପଦ୍ମା ଫୋନ୍ ଧରିଲାନି । ରବି ତଥାପି ଯାଇ ୫ଟା ପୂର୍ବରୁ ରାମମନ୍ଦିର ଫାଟକ ପାଖରେ ଅପେକ୍ଷା କରିବସିଲା । ୫ଟାରୁ ୭ଟା ହେଲା, ତଥାପି ପଦ୍ମାର ଦେଖାନାହିଁ । ତା' ଭିତରେ ଦୁଇଚାରିଥର ଫୋନ୍ ବି ଲଗେଇଲା, ହେଲେ କିଛି ଲାଭନାହିଁ । କାଲି ସକାଳୁ ତାର ଦିଲ୍ଲୀକୁ ଫ୍ଲାଇଟ୍ ଅଛି । ସେଥିପାଇଁ ପ୍ରସ୍ତୁତି କରିବାକୁ ପଡିବ । ୭ଟା ପର୍ଯ୍ୟନ୍ତ ଅପେକ୍ଷା କରି ଶେଷରେ ସେ ମାମୁଁଙ୍କ ଘରକୁ ଫେରିଲା ।

ରାତିଟା ସେମିତି ବିତିଗଲା । ଜାହ୍ନବୀ ଭାରି ଯତ୍ନ ନେଇଥିଲା । ରବିପାଇଁ ରାତ୍ରିଭୋଜନ ବି ସିଏ ବାଢିଦେଲା ଓ ଭାରି ଗେହ୍ଲେଇ ହୋଇ ପଚାରିଲା, "ସତରେ କଣ ତମେ ସେ ଆମେରିକାନ୍ ଝିଅକୁ ବାହାହେବ ?"

ରବି କଣ ଉତ୍ତର ଦେବ ବୁଝିପାରିଲାନି । ତେଣୁ ନୀରବ ରହିଲା । ସେତିକିବେଳେ ମାଇଁ ବିଛଣାରୁ ଉଠି ରବିର ପାଖକୁ ଆସିଲେ । ସେ ତଥାପି ଦୁଃଖୀଥିଲେ । ରବି ଓ ଜାହ୍ନବୀଙ୍କର କଥାବାର୍ତ୍ତା ଶୁଣି ସେ ରବି ପାଖରେ ବସିଗଲେ । ବୁଝାଇ କହିଲେ, "ଦେଖେ ବାପା, ସେମିତି କରିବୁନିରେ । ମୋନାପାଇଁ ମୋ ହୃଦୟ ଯେମିତି ବିଦାରିତ ହୋଇଯାଇଛି, ତୋ ମା'ର ମନ କଣ ହେବ, ମୁଁ ବୁଝିପାରୁଛି । ତୁ ଯଦି ସେ କିରସ୍ତାନୀ ଝିଅକୁ ବାହାହେବୁ, ତୋ ମା' ଜୀବନ ଧରି ରହିପାରିବଟି ?"

ଜାହ୍ନବୀ ମାଇଁଙ୍କୁ ସେଠୁ ଉଠେଇନେଇ ତାଙ୍କ ବିଛଣାରେ ବସେଇଦେଲା ଓ କହିଲା, "ମାଉସୀ, ତମେ ଟିକେ ବିଶ୍ରାମ ନିଅ । ଏସବୁ କଥାରେ କାହିଁକି ମୁଣ୍ଡ ପୁରେଉଚ ? ମୁଁ ତ ତାଙ୍କୁ ସେମିତି ଥଟ୍ଟାରେ କହୁଥିଲି ।"

ଜାହ୍ନବୀ ସତରେ ଭଲ ଝିଅଟିଏ । ସେମିତି ଦେଖିଲେ ରବି ତାକୁ ବାହାହେବାକୁ ମନାକରି ଅପମାନିତ କରିଛି । କିନ୍ତୁ ସିଏ କିଛି ମନରେ ନଆଣି ଆଗରୁ ଯେମିତି ବ୍ୟବହାର କରୁଥିଲା, ଠିକ୍ ସେଇଭଳି ବ୍ୟବହାର କରୁଛି ।

ରବି ମନରେ କଛି ପଶୁନଥିଲା । ସେ ଘଡିଟା ସେମିତି ବିତିଗଲା । ମୋନାର ଶାଶୁଘର ତରଫରୁ ତା' ପରଦିନ ରିସେପ୍‌ସନ୍ ରଖାଯାଇଥିଲା । ସେମାନେ ରବିଙ୍କୁ ଗୋଟିଏ ଦିନ ଅଟକଯିବା ପାଇଁ ବହୁତ ଅନୁରୋଧ କରୁଥିଲେ । ହେଲେ ଫେରିବାବେଳକୁ କେତେ ଯେ କାମ ଅପେକ୍ଷା କରିବସିଥିବ, ସେସବୁ ଭାବି, ରବି ଆଉ ଟିକେଟ୍ ବଦଳାଇବାକୁ ଚାହିଁଲାନ ।

ଆମେରିକାକୁ ଫେରିଆସିବା ପରେ ରବି ପୁଣି ବ୍ୟସ୍ତରହିଗଲା । ଦୁଇଟି କୋର୍ସ ପଢାଇବାର ଦାୟିତ୍ୱ ସାଙ୍ଗକୁ ଗ୍ରାଣ୍ଟ ପ୍ରପୋଜାଲ୍ ଲେଖିବା ଓ ଦୁଇଜଣ ଗ୍ରାଜୁଏଟ୍ ଷ୍ଟୁଡେଣ୍ଟ ଓ ତିନଜଣ ଅଣ୍ଡରଗ୍ରାଜୁଏଟ୍ ଷ୍ଟୁଡେଣ୍ଟଙ୍କୁ ସମୟଦେବାରେ ନଜର ସମୟ ବିତିଯାଉଥିଲା । ପଦ୍ମାକୁ ଇମେଲ୍ କଲେ ସିଏ ଉତ୍ତର ଦେଉନଥିଲା କ ଫୋନ୍‌କଲେ ଧରୁନଥିଲା । ସେଇଥିରୁ ରବି ଅନୁମାନ କରୁଥିଲା ଯେ କଛି ଗୋଟିଏ ଅସୁବିଧା ତ ଅଛି ନଶ୍ଚୟ । ହୁଏତ ସେ ମିଛ କାହାଣୀଟି ଯେଉଁଟିକୁ ସିଏ "ନରେ ବା ଗୁଞ୍ଜରେ ଅଶ୍ୱତ୍‌ଥାମା ହତ" ସୂତ୍ର ଅନୁଯାୟୀ ବୋଉ ଓ ଭାଉଜଙ୍କ ଆଗରେ ପ୍ରକାଶ କରିଥିଲା, ଏବେ ସେଇଟା ପଦ୍ମା କାନରେ ପଡିଛି । ପଦ୍ମାକୁ ସେକଥା ସିଏ ଇମେଲ୍‌ରେ ବି ବୁଝାଇ ଲେଖିଥିଲା, ହେଲେ ପଦ୍ମା ସେ ଇମେଲ୍ ପଢିଲା କ ନାହିଁ କଏ ଜାଣେ, କାରଣ ସେ ଇମେଲ୍‌ର ଉତ୍ତର ବି ମିଳନଥିଲା ।

ଗ୍ରାଣ୍ଟ ଲେଖାଲେଖି ଓ କଲେଜ୍‌ର ପରୀକ୍ଷାପତ୍ର ସବୁ ସରିଗଲା ପରେ ପଦ୍ମାକଥା ବେଶି ମନେପଡିଲା । ପଦ୍ମା ଯେହେତୁ ଉତ୍ତର ଦେଉନଥିଲା, ତା' ରୁମ୍‌ମେଟ୍ ମିଲି, ଯିଏ ଏବେ ଆମେରିକାରେ ରହୁଥିଲେ, ତାଙ୍କୁ ରବି ଫୋନ୍ ଲଗେଇଲା । ସିଏ ପ୍ରଥମେ ଫୋନ୍ ଧରିଲେନ । ମେସେଜ୍ ଛାଡି ଅପେକ୍ଷାକରିବା ପରେ ସିଏ ଡାକଲେ ।କହିଲେ, "ଆପଣ ତ ବହୁତ ଦିନପରେ ଡାକ ଚମକେଇ ଦେଲେ ରବିବାବୁ । କଣ ସବୁ ଭଲ ତ? "

"ହଁ ସବୁ ଭଲ । ଏଇ ଟିକେ ୟୁନଭର୍‌ସିଟି କାମରେ ବ୍ୟସ୍ତ ରହିଯାଇଥିଲି । ଆଉ ତମର ସବୁ ଭଲ ତ? "

"ହଁ ମୋର ସବୁ ଭଲ । ତେବେ ଆପଣଙ୍କ ପାଇଁ ଆମ ତରଫରୁ ଏକ ଭଲ ଖବର ଅଛି । ଆମେ ତିନମାସ ପରେ ମା, ବାପା ହେବାକୁ ଯାଉଛୁ । ତେଣୁ ସରି, ଆପଣଙ୍କ ବାହାଘରକୁ ତ ଆସିହେବନ ।"

"ମୋ ବାହାଘର ! ମୋ ବାହାଘର ତ ଏବେ ହେବାର ନାହିଁ । ତମକୁ କଏ କହିଲା ? "

ମିଲି ଯେମିତି ଚମକପଡିବାର ମନେହେଲା । ତାପରେ ପଗ୍ଗରିଲା, "ହେଲେ ପ୍ରମୋଦ ଭାଇ ତ ଲେଖିଥିଲେ ଯେ ପଦ୍ମାର ବାହାଘର ଜୁଲାଇ ୧୩ ତାରିଖ ଦିନ ହେଉଛି । ତାମାନେ, ...... ।"

ରବି ବି ଚମକପଡିଲା । "ତମେ ସତ କହୁଚ ମିଲି ? ଏକଥା ପ୍ରମୋଦ ଲେଖିଥିଲା ।"

"ହଁ, ମୁଁ ତାଙ୍କ ଇମେଲ୍ ଫର୍‌ଓ୍ୱାର୍ଡ କରିଦେବି । ସିଏ ମତେ ନିମନ୍ତ୍ରଣ କରି ଅନୁରୋଧ କରିଥିଲେ ଯେ ଯଦି ମୁଁ ଓଡିଶା ଆସୁଥାଏ ତ, ତେବେ ସେ ବାହାଘରରେ ଯୋଗଦେବାକୁ । ତାହେଲେ ସିଏ ପଦ୍ମାକୁ ସର୍‌ପ୍ରାଇଜ୍ ଦେଇପାରିବେ ।"

ରବିର ମୁଣ୍ଡ ଗୋଳମାଳ ହୋଇଗଲା । ପଦ୍ମାର ବାହାଘର କାହା ସହିତ ହେଉଛି ତେବେ ? ଏଇଟା ତ କେବେ ସତ ହୋଇନପାରେ ।

ପାଞ୍ଚମିନଟ୍ ଭିତରେ ମିଲିଙ୍କ ଇମେଲ୍ ଆସିଗଲା । ହଁ, ପଦ୍ମାର ବାହାଘର ବିଷୟରେ ପ୍ରମୋଦ ହିଁ ଲେଖିଛି ।

ରବି ତାପରେ ମିଲିକୁ ନିଜର ପରିସ୍ଥିତି ଜଣେଇଲା । "ମୁଁ ଜାଣିନି ପଦ୍ମାକୁ ଜବରଦସ୍ତ ବାହା କରିଦିଆଯାଉଛି କି ସିଏ ନିଜେ ରାଜିହୋଇଛି । ସିଏ ତ ମୋ ଫୋନ୍ କି ଇମେଲ୍‌ର କିଛି ବି ଉତ୍ତର ଦେଉନି । ତମେ ଟିକେ ତା' ସହିତ କଥାବାର୍ତ୍ତା କରି ବୁଝିବ କି ? "

ମିଲି ବଡ ଦୁଃଖିତ ହେବାଭଳି ଜଣାପଡିଲେ । କହିଲେ, "ସରି, ମୁଁ ଜାଣିନି ଆପଣମାନଙ୍କ ଭିତରେ କି ଭୁଲ୍‌ବୁଝାମଣା ହୋଇଛି । ତେବେ ମୁଁ ପଦ୍ମାକୁ ଫୋନ୍‌କରି କଥାହେବି ଓ ଆପଣଙ୍କୁ ଜଣେଇବି ।"

ସେଇ ମୁହୂର୍ତ୍ତରେ ରବିର ଇଚ୍ଛାହେଲା ଯେ ସେ ଟିକେଟ୍ କରି ଓଡିଶା ଗ୍ଗଲିଯିବ ଓ ଘଟଣାଟା କଣ ଠିକ୍‌ଭାବେ ବୁଝିବ । ପଦ୍ମାକୁ ସିଏ ଯେତିକି ଜାଣିଛି, ସିଏ ବଡ ଦୃଢମନା, ତା' ଇଚ୍ଛା ବିରୁଦ୍ଧରେ ତାକୁ କିଏ କୌଣସି କଥାପାଇଁ ରାଜି କରେଇପାରିବେନି । ତେବେ ପଦ୍ମା କଣ ନିଜେ ଏମିତି ନିଷ୍ପତ୍ତି ନେଇଛି ?

ପରଦିନ ମିଲି ଫୋନ୍ କଲେ । କହିଲେ, "ହଁ ପଦ୍ମାର ବାହାଘର ହେଉଛି । ତାର ସ୍ୱାମୀ ବି ଆମେରିକାରେ, ଚିକାଗୋ ସହରରେ ରହୁଛନ୍ତି । ତାଙ୍କ ନାଁ ପରମେଶ୍ୱର ଦାସ । ମୁଁ ଏସବୁ ଜାଣି ବହୁତ ଦୁଃଖିତ ରବିବାବୁ । ଆପଣମାନଙ୍କ ଭିତରେ ଏମିତି କେମିତି ହୋଇପାରିଲା ? "

ପୁଅପିଲ୍ କେବେ କାନ୍ଦନ୍ତିନ । ହେଲେ ରବିର ଆଖିରୁ ଝରଝର ହୋଇ ଲୁହଝରିଲ୍ । ସିଏ ନିଜକୁ ଆଜିପର୍ଯ୍ୟନ୍ତ ଏତେ ଅସହାୟ କେବେ ମନେକରିନଥିଲ୍ । ପଦ୍ମା ତାର ପ୍ରଥମ ପ୍ରେମ । ସେ ପ୍ରେମ ଏମିତି ତାକୁ ପରିହାସ କରିବ ବୋଲି ସ୍ୱପ୍ନରେ ବି ସେ ଭାବିନଥିଲ୍ । ପଦ୍ମା ଭଳି ଝିଅକୁ ବୁଝିବାରେ ସତରେ କଣ ତାର ଭୁଲ୍‌ହଲ୍ ହେ ? ହୃଦୟକୁ କିଏ ଯେମିତି କାଟି ପକାଉଥିଲ୍ ।

ଏ ଯନ୍ତ୍ରଣାକୁ ସିଏ ସହିପାରିବ ତ?

ପଦ୍ମା ଆଉ କାହାର ହୋଇଯିବ । କେବେ ପୁଣି ତା' ସାମନାରେ ଆସି ଠିଆହୋଇଯିବ । ଏସବୁ ସତରେ କଣହେଉଛି ? ସିଏ "ଦେବଦାସ" ସିନେମା ଦେଖିଛି; ହେଲେ ଆଜି ଏଇ ମୁହୂର୍ତ୍ତରେ ତାର ସେମିତି "ଦେବଦାସ" ହୋଇଯିବାକୁ ଇଚ୍ଛାହେଉଛି; ନିଜକୁ ମାତାଲ୍ କରି, ଦାଣ୍ଡରେ କାନ୍ଦକାନ୍ଦି ଗଡିଯିବାକୁ ଇଚ୍ଛାହେଉଛି । "ପଦ୍ମା ଏମିତି କାହିଁକି କଲ୍? "

ତିନିଦିନ ବିତିଗଲ୍ ଏମିତି ପଦ୍ମାକୁ ଝୁରିଝୁରି; ତାର ଫଟୋ ଦେଖି, ତାର ପୁରୁଣା ଇମେଲ୍ ସବୁ ପଢି ଓ ପଦ୍ମା ତାକୁ ଉପହାର ଦେଇଥିବା ସମ୍ବଲ୍‌ପୁରୀ ସାର୍ଟଟିକୁ ସାଉଁଳି ସାଉଁଳି ।

ସେ ତିନିଦିନରେ ରବିର ଖିଆପିଆର କିଛି ଠିକଣା ନଥାଏ । କାହାର ଫୋନ୍ ଆସିଲେ ସିଏ ଧରୁନଥାଏ । ଜୀବନ ଯେମିତି ତୁଚ୍ଛ ମନେହେଉଥାଏ । ପଦ୍ମା ତା' ପାଇଁ ପ୍ରେରଣା । ଯେତେ ତା' ନିଜର ଉଚ୍ଚାଭିଳାଷ ସବୁ ପଦ୍ମାଭିତ୍ତିକ ହୋଇଯାଇଥିଲେ, ପଦ୍ମାକୁ ଖୁସି କରାଇବା ପାଇଁ, ପ୍ରଭାବିତ କରାଇବା ପାଇଁ ସିଏ ନିଜର ରିସର୍ଚ୍ଚକୁ ପ୍ରାଧାନ୍ୟ ଦେଇଥିଲ୍ । ଏବେ ପଦ୍ମାବିହୀନ ଜୀବନ ତାର କେମିତି ବିତିବ ?

ଦେହ ଯେମିତି ଜଳଜଳ ଯାଉଥିଲ୍ । ଛାତି ଯେମିତି ଚିରି ହୋଇଯାଉଥିଲ୍ । କବି ଅଭିମନ୍ୟୁ ସାମନ୍ତସିଂହାରଙ୍କର ଛାନ୍ଦ ପଦେ ମନେପଡିଲ୍,

"ଅନଳ ନୁହଁଇ, ଦେହ ଦହଇ
ଅସ୍ତ୍ର ନୁହଁଇ ବକ୍ଷରେ ଭେଦଇ
ନୁହଁଇ ସଲିଳ ବୁଡାଏ କୂଳ
ନୁହଁଇ ମାଦକ କରେ ବିହ୍ୱଳ
ନୁହଁଇ ବଡଶୀ
ବଳେ ମନମୀନ ନିଏ ଆକର୍ଷି ।"

ଏଇ ଛାନ୍ଦ ଗାଇ ରବି ସ୍କୁଲରେ କେତେ ପୁରସ୍କାର ପାଇଥିଲା । ସେତେବେଳେ ଏ ଛାନ୍ଦର ଅର୍ଥ ସିଏ ଏତେ ଭଲଭାବରେ ବୁଝିନଥିଲା । ଏବେ ସେଇ ଛାନ୍ଦର ତତ୍ତ୍ୱ ତା ନିଜ ଜୀବନରେ ଅନୁଭବ କରୁଛି । ଲାଗୁଛି ଯେମିତି ଏ ପ୍ରେମ ତାକୁ ଭସାଇ ଦେବ । ତାର ଯେଉଁ ତୀକ୍ଷଣ ବୁଦ୍ଧି ଓ ମନ ପାଇଁ ସିଏ ତା ଜୀବନରେ ଏତେଦୂର ଆସିପାରିଛି, ତାହା କ୍ଷଣକରେ ଧ୍ୱସ୍ତବିଧ୍ୱସ୍ତ ହୋଇଯିବ, କେବଳ ଏ ପ୍ରେମ ପାଇଁ ।

ତିନିଦିନ ପରେ, କାନ୍ଦିକାନ୍ଦି ଲୁହ ଶୁଖିଯିବା ପରେ, ଝୁରିଝୁରି ମନର ଆବେଗ ମରିଯିବା ପରେ, ଭାବିଭାବି ଭାବନା ସବୁ ଶୂନ୍ୟ ହୋଇଯିବା ପରେ, ସିଏ ନିଜକୁ ନିଜେ ପ୍ରବୋଧନା ଦେଇ ଶାନ୍ତ କରାଇଲା । ଦାନ୍ତଘଷି କଫି ପିଇଲା ଓ ଟିଭି ଅନ୍ କଲା । ଟିଭି ଦେଖୁଦେଖୁ ରାଇସ୍‌କୁକରରେ ଭାତ ବସେଇ ସେଥିରେ ଆଳୁ ବାଇଗଣ ସିଝେଇଦେଲା ।

ତିନିଦିନ ଧରି ସିଏ ଗାଧୋଇନି କି ଠାକୁର ପୂଜା କରିନି । ଠାକୁର ତ ତାକୁ ଏମିତି ପରିହାସିତ କଲେ, ଆଉ ସିଏ ପୂଜା ନପାଇଲେ କଣହେଲା ?

ହେଲେ ଆଜି ନିଜକୁ ଦୋଷୀଦୋଷୀ ଲାଗିଲା । ଗାଧୋଇ ପାଧୋଇ ସିଏ ଠାକୁରପୂଜା କଲା ଓ ତାପରେ ଭାତକୁ ଖାଲି ସେ ଆଳୁ ବାଇଗଣ ଭର୍ତ୍ତା ଓ ଆଚାର ଲଗେଇ ଖାଇଲା ।

ସତରେ ପଦ୍ମା ତାର କିଏ ? ଅଢେଇ ବର୍ଷ ତଳେ ସିଏ ପଦ୍ମାକୁ ଜାଣିନଥିଲା । ସେଇ ଅଢେଇବର୍ଷ ଭିତରେ ସିଏ ତା' ମନର ଗୋଟିଏ ଅଂଶ ପାଲଟିଗଲା ଆଉ ଏବେ ପୁଣି ନିଜେନିଜେ ସିଏ ସଂପର୍କ ଛିଡେଇଦେଲା ।

ଲିଣ୍ଡାର ଫୋନ୍ ଆସିଲା । "ରବି, ଆଜି ଆମର ଏନ୍.ଆଇ.ଏଚ୍. ଗ୍ରାଣ୍ଟ ବିଷୟରେ ଯେଉଁ ଡିସ୍‌କସନ୍ ମିଟିଙ୍ଗ୍ ଥିଲା, ସେ ବିଷୟରେ ବୁଝିବାକୁ ଚାହୁଁଥିଲି । କାରଣ ତମେ ତ ମୋ ଇମେଲ୍‌ର କିଛି ବି ଉତ୍ତର ଦେଲନି । କଣ ବ୍ୟସ୍ତଥିଲ ? ହଉ, ଏବେ କୁହ, ଆଜି ଆମେ ଛଅଟା ବେଳେ, କନ୍‌ଫରେନ୍‌ସ୍ ରୁମ୍ ରେ ମିଶୁଛନ୍ତି ତ? ''

ରବି ନିରୁତ୍ତର ।

""ଇଜ୍ ଏଭ୍ରିଥିଙ୍ଗ୍ ରାଇଟ୍ ରବି ? ତମେ ଠିକ୍ ଅଛ ତ ?

ରବି ନିଜକୁ ପ୍ରକୃତିସ୍ଥ କଲା । "ହଁ, ଆମେ ଛଟା ବେଳେ ମିଟିଙ୍ଗ୍ ରେ ଭେଟିବା ।"

"ଓକେ ।" - ଲିଣ୍ଡା ଫୋନ୍ ରଖି ।

"ହଁ, ଏ ଯନ୍ତ୍ରଣାରୁ ମୁକ୍ତିପାଇଁ ଗ୍ରାଣ୍ଟ ଲେଖାରେ ମନ ପୁରେଇଦେବା ହିଁ ଉଚତ ହେବ ।"

ଏମିତି ଭାବି ରବି ଉଠିଲା ଓ ଗ୍ରାଣ୍ଟ ସମ୍ବନ୍ଧୀୟ କାଗଜପତ୍ର ପ୍ରସ୍ତୁତ କରି, ଲାପଟପ୍ ରେ ଡକୁମେଣ୍ଟସ୍ ସବୁ ଚେକ୍ କରି ପ୍ରସ୍ତୁତ ହୋଇ ରହିଲା ।

ଏବେ ପାଞ୍ଚଟା ବାଜିଛି । ଡିପାର୍ଟମେଣ୍ଟକୁ ଚାଲିଚାଲି ଗଲେ ତାକୁ ଆପାର୍ଟମେଣ୍ଟରୁ ଦଶମିନଟ୍ ଲାଗିବ । ଯଦିଓ ସିଏ ଗୋଟିଏ ପୁରୁଣାଗାଡି ରଖିଛି, ହେଲେ ଡିପାର୍ଟମେଣ୍ଟକୁ ସିଏ ସବୁବେଳେ ଚାଲିଚାଲି ଯାଏ । ଏ ଫାଙ୍କା ସମୟ ତାକୁ ବିବ୍ରତ କରୁଥିଲା ।

ଲିଣ୍ଡା ପୁଣି ଡାକଲା । କହିଲା, " ରବି ସରି, ମୋ ଗାଡିଟାର ପ୍ରୋବେଲମ୍ସ୍ ବାହାରିଛି, ଜମା ବି ଷ୍ଟାର୍ଟ ହେଉନ । ଯଦି ତମେ ମତେ ଟିକେ ରାଇଡ୍ ଦେଇପାରନ୍ତ, ତାହେଲେ ଆମ ମିଟିଙ୍ଗଟା ହୋଇଯାନ୍ତା । ନହେଲେ ଆଜିର ମିଟିଙ୍ଗ୍ କ୍ୟାନ୍ସଲ୍ କରିବାକୁ ପଡିବ ।"

ରବି ଖୁସି ହୋଇଗଲା । ଏବେ କିଛି କରିବାର ସୁଯୋଗ ଆସିଲା । ଲିଣ୍ଡାକୁ ରାଇଡ୍ ଦେବ । ତାପରେ ମିଟିଙ୍ଗ୍ ହେବ । ପୁଣି ଗ୍ରାଣ୍ଟ ଲେଖାଯିବ । ଏମିତି ସମୟ ବିତିଯିବ । ଏମିତି ଭାବି ରବି ଉତ୍ତରଦେଲା, "ଠିକ୍ ଅଛି ଲିଣ୍ଡା, ମୁଁ ଏବେ ବାହାରୁଛି, ତମେ ପ୍ରସ୍ତୁତ ହୋଇ ରୁହ ।"

ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and

editor.vedantimagazine@gmail.com

# ପ୍ରତିଶ୍ରୁତି



ସୁଲୋଚନା ପଟ୍ଟନାୟକ

ତୁମେ ମୋତେ ଡାକିଲବୋଲି
ମୁଁ ଗ୍ଳଲିଆସିଲି ।
କେତେ ବାଧା ବନ୍ଧନର
ପାହାଡ ଅତିକ୍ରମ ପରେ
ରାସ୍ତା ଆହୁରି ସରୁନ ।

ତମେତ କହିଥିଲ,
"ମୁଁ ଏଇଠି ଅଛି
ତୁମେ ଘର ବାରଣ୍ଡାରୁ
ଦେଖିଲେ ଦେଖି ପାରିବ
ମୋ ଛାଇକୁ
ମୋ' ଅବସ୍ଥିତିକୁ ।
ମଳୟ ତୁମକୁ ଛୁଇଁଯିବ
ତୁମ ଦେହ ଶିତେଇଯିବ
ମୁଁ ମିଶିଯିବାର ପ୍ରୟାସ କରିବି
ତୁମସହ ଏକାକାର ହେବା ପାଇଁ ।
ତୁମେ ଲାଜେଇ ଦୁଇ ପାଦ
ଘୁଞ୍ଚିଯିବ ।
ନମ୍ର କୋମଳ ସଂଧ୍ୟାବି
ଲାଜେଇଯିବ ତୁମସାଥେ
ଜହ୍ନର ଶୀତଳ ସୁନେଲି କରଣରେ
ତୁମ ବାଳ ଚକ୍‌ଚକ୍ କରିବ
ତୁମ ଗୋଲାପି ଅଧର
ମୋ ଚୁମ୍ବନର ପ୍ରତିକ୍ଷାରେ
ରକ୍ତିମ ଦିଶିବ ।
ଅମେ ହଜିଯିବା ।

ସମୁଦ୍ର ସେମିତି
ବେଳାଭୂମିରେ ମଥା ପିଟୁଥିବ ।
ଆମେ କାହାକୁ ଗ୍ଳହିଁବାନ
ହାତରେ ହାତ ରଖି ଆଗକୁ ଗ୍ଳଲିବା
ବର୍ଷ ପରେ ବର୍ଷ ବିତିଯିବ ।
ଖରା ବର୍ଷା ଶୀତର ମାଡରେ
ଆମେ ବଳଶାଳୀ ହେବା
ସୁନା ପରି ଚକ୍‌ଚକ୍ ହେଉଥିବ
ତୁମର ତ୍ୱଚ୍ଚ ।

ଦୁଃଖ ନଆଁର ତାତି ବଢୁଥିବ
ସମୟର ହାତୁଡି ମାଡ
ତାଳ ଦେଉଥିବ ।
ଆମେ ଭାଙ୍ଗି ପଡିବାନ
ସଂପର୍କକୁ ମଜଭୁତ କରିବା" ।

ମୁଁ ଆଜି ଡାକୁଛି ।
ଆସ ପୁଣି ପରସ୍ପରକୁ
ଭଲ ପାଇବା ।

ଉପ- ସଭାପତି,
ଦି ଓଡିଶାସୋସାଇଟି ଅଫ୍ ଆମେରିକାଜ୍
ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା



# ଧାର୍ ଶ୍ରାବଣ

ଦୀପକ ଷଡଙ୍ଗୀ

ଶ୍ରାବଣର ପ୍ରଥମ ବର୍ଷା ଦିଏ
ନିଦାଘ ଉଷ୍ଣତାକୁ ଶୀତଳତା
ପ୍ରେମିକ ହୃଦୟରେ ଭରିଦିଏ
ପ୍ରେମର ଉତ୍ତୁଙ୍ଗ ମାଦକତା

ଝିପଝିପ ବର୍ଷାରେ ଭିଜିଭିଜି
ପ୍ରେମ କରିବାର ମଜା ନିଆର୍
ଚକମିକ ବିଜୁଳିର ଆଲୁଅରେ
ପ୍ରେମିକ ହୁଏ ଆତ୍ମହରା



ନିଚ୍ଛକ ପ୍ରେମର ମୂକସାକ୍ଷୀ
ଏଇ ଧାର୍ ଶ୍ରବଣର ବର୍ଷା
ପ୍ରେମ ଲୋଡେ ନାହିଁ ଅର୍ଥ
ଅବା ସ୍ୱାର୍ଥପର ସେବା ଶୁଶ୍ରୂଷା

ଶ୍ରାବଣର ବାରିଧାର୍ ଯାଏ ଯେବେ
ପ୍ରେମର କୁସୁମକୁ ଚୁମିଚୁମି
ବର୍ଷାର ଶୀତଳ ସ୍ପର୍ଶ ବହାଏ
ପ୍ରେମିକ ମନରେ ସ୍ନେହ୍ ମୌସୁମୀ

ଗାଲ୍ଲିକ ହେଉ ଅବା
କବିର ସୁମଧୁର ଗୀତି କବିତା
ବର୍ଷା ଓ ପ୍ରେମର ରହିଛି
ଏକ ଛନ୍ଦମୟ ବନ୍ଧନତା

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର – ୧୦

# ବ୍ୟୋମକେଶ- କାମାକ୍ଷୀ



ପ୍ରତିଭା ପ୍ରିୟଦର୍ଶିନୀ

କାମାକ୍ଷୀର ନିଶ୍ଚଳ ଦେହକୁ ପ୍ରାଣପଣେ ହଲାଉଥିଲେ ମାଧବୀ। କମ୍ମୁ ଉଠ୍ ଅପା ସାଙ୍ଗେ କଥା କହ ଗେଲ୍ହୀ, ଥରୁଟେ ଆଖିଖୋଲି ଦେଖ୍। ମୁଁ କି ତୋତେ ସ୍ନେହ ଦେବାରେ ହେଳା କରିଛି! ମୋ ଲାଗି ବଞ୍ଚିବାକୁ ଉଠିଯା ଧନ। ହେଲେ ଅଫେରା ପଥର ଯାତ୍ରୀ କାମାକ୍ଷୀ ସେମିତି ନିଶ୍ଚଳ ପଡିରହିଛି ସୁଖନିଦ୍ରାରେ ଶୋଇଥିବା ନିଷ୍ପାପ ଶିଶୁଟିଏ ଭଳି। ମାଧବୀ ବେଳୁ ବେଳ ଭାଙ୍ଗି ପଡୁଥାନ୍ତି। ବାରମ୍ବାର ମୂର୍ଚ୍ଛା ଯାଉଥାନ୍ତି। ମ୍ୟୁନିସିପାଲିଟି ବାଲାଙ୍କ ସହିତ କିଛି କଲୋନୀ ଲୋକ ମିଶି ଶ୍ମଶାନ ନେଇ କାମାକ୍ଷୀର ଦାହ ସଂସ୍କାର କରିଆସିଲେ।

ମାଧବୀ ତା ପରଠୁ ଏକବାର ନିଶ୍ଚଳ, ନିରବ, ପଥରଟେ ପରି ବସି ରହନ୍ତି। ଖାଆନ୍ତି, ଶୁଅନ୍ତି, କାମ କରନ୍ତି, ହେଲେ କଥା କୁହନ୍ତିନି। ବେଳେବେଳେ କମ୍ମୁ ଗେଲ୍ହୀ, ଧନ ବୋଲି ଜୋର୍ ଜୋର୍ ଡାକନ୍ତି, ପୁଣି ସବୁ ଚୁପ୍। କାମାକ୍ଷୀ କୁ ସାନ ଭଉଣୀ ଭଳି ଆପଣେଇଥିଲେ ସିନା, ହେଲେ ମା ଭଳି ସ୍ନେହ କରୁଥିଲେ ମାଧବୀ। ମହାବାତ୍ୟାରେ ଦୁହେଁ ନିଜ ନିଜ ସମ୍ପୂର୍ଣ୍ଣ ପରିବାରକୁ ହରାଇଥିଲେ। ବୟସ ହିସାବରେ ୪- ୫ ବର୍ଷ ବଡହେବେ ମାଧବୀ। ପ୍ରକୃତି ର କ୍ରୁର ଉତ୍ପୀଡନ ପରେ ପରସ୍ପରକୁ ଆପଣେଇ ନେଇଥିଲେ ମାଧବୀ ଓ କାମାକ୍ଷୀ। ବଞ୍ଚିବାର ରାହା ଖୋଜିବାକୁ ଦୁହେଁ ପାଖ ସହରକୁ ଚାଲି ଆସିଲେ। ବାତ୍ୟା ପରେ ମିଳିଥିବା ସରକାରୀ ସହାୟତା ରାଶି ଥିଲା ଦୁହିଁଙ୍କ ଆର୍ଥିକ ସମ୍ବଳ। ତାକୁଇ ପାଥେୟ କରି ଦୁହେଁ ପାଠ ପଢିଲେ ଓ ଜୀବନଧାରଣ ପାଇଁ କାମ କରି ରୋଜଗାର ବି କଲେ। ସହର ତଳି ଅଞ୍ଚଳ କଲୋନୀରେ ବଖୁରିଆ ଭଡାଘରଟି ଦୁହିଁଙ୍କ ଠିକଣା। ବାତ୍ୟା ସମସ୍ତ ସ୍ୱଜନଙ୍କୁ ନେଇଗଲା ପରେ ମାଧବୀ ଏକୁଟିଆ ଥିଲେ ସିନା ହେଲେ ସମସ୍ତଙ୍କୁ ହରାଇଥିବା କାମାକ୍ଷୀ ପାଇଁ ଆଉଜଣେ ଆପଣାର ଲୋକ ଥିଲେ, ବ୍ୟୋମକେଶ, ତା ସ୍ୱାମୀ। ବାତ୍ୟାବେଳକୁ ସେ ସହରରେ ପାଠ ପଢୁଥିଲେ, ତେଣୁ ବର୍ତ୍ତିଗଲେ।

ବ୍ୟୋମକେଶ ଆଉ କାମାକ୍ଷୀ ପିଲାଦିନର ସାଥି। ଖୁବ୍ ଘନିଷ୍ଠ। ତାରୁଣ୍ୟର ଉତ୍ତର ପାହାଚରେ ଭାବନା ପ୍ରବାହ ତୀବ୍ର ହୁଏ। ସେମିତି ଦିନେ ଭାବନାରେ ବହି ଦୁହେଁ ଏମିତି ଗୋଟାଏ କାଣ୍ଡ

ଘଟାଇଥିଲେ। ଏକ ପୂର୍ଣ୍ଣମି ରାତିରେ ଗାଁ ଠାକୁରାଣୀ ବୁଢୀମଙ୍ଗଳା ଙ୍କ ପାଖରେ ତାଙ୍କରି ମଥାରୁ ସିନ୍ଦୁର ଆଣି କାମାକ୍ଷୀ କପାଳ ଓ ସିନ୍ଥାରେ ଭରି ଦେଇଥିଲେ ବ୍ୟୋମକେଶ। ହାତଧରି କହିଥିଲେ, "ଆଜିଠୁ ତୁ ମୋର ସ୍ତ୍ରୀ, ଏଇ ଜୀବନ ଓ ଆଗାମୀ ସାତ ଜନ୍ମ ଯାଏ। ଏକଥା ଘରେ କହିବାନି କନ୍ତୁ ନିଜେ ବି ଭୁଲିବାନି। ଉଚିତ ସମୟ ଆସିଲେ ଜଣାଇବା ସଭିଙ୍କୁ" । ପୂର୍ଣ୍ଣିମା ରାତିର ଏ ଘଟଣା ଆମାବାସ୍ୟା ଜହ୍ନ ଭଳି ସମସ୍ତଙ୍କୁ ଅଜ୍ଞାତ ଥିଲା। ହେଲେ ମାଧବୀ ଆପା, ତାଙ୍କୁ ସବୁକିଛି କହିଥିଲା କାମାକ୍ଷୀ। ସେ ତାକୁ ବୁଝାଇଥିଲେ ବାରମ୍ବାର, "ଦେଖ କମ୍ମୁ କେଶୁ ପୁଅପିଲା। ଏଇ ଘଟଣାକୁ ପିଲାଦିନ ଖେଳ କହି ସେ ସହଜେ ଆଡେଇ ଦେଇପାରେ। ତୁ ଗଣ୍ଠିକରି ରଖିଲେ ନିଜେହିଁ କଷ୍ଟ ଭୋଗିବୁ।" କାମାକ୍ଷୀର ସେଇ ଗୋଟିଏ ଉତ୍ତର, "ମାଧବୀ ଅପା! ବୁଢୀ ମଙ୍ଗଳା ଆମର ଜୀବନ୍ତ ଠାକୁରାଣୀ। ବ୍ୟୋମକେଶ ବି ଭାରି ମାନନ୍ତି ତାଙ୍କୁ। ଠାକୁରାଣୀଙ୍କୁ ସାକ୍ଷୀରଖି ସେ କଥା ଦେଇଛନ୍ତି ଯେ ଏ ସମ୍ପର୍କ ଆମର ଜନ୍ମ ଜନ୍ମାନ୍ତରକୁ" । ୧୪- ୧୫ ବର୍ଷର ତରୁଣ ତରୁଣୀଙ୍କ ମୁହଁରୁ ଏଭଳି ଉତ୍ତର ସ୍ୱାଭାବିକ। ହେଲେ କାମାକ୍ଷୀ, ଝିଅଟା ଥିଲା ଖୁବ୍ ବିଚକ୍ଷଣ। ସେଇଦିନୁ ସଭିଙ୍କ ନଜର ରୁ ଲୁଚେଇ ସୀମନ୍ତରେ ବ୍ୟୋମକେଶଙ୍କ ନାଁ ରେ ସିନ୍ଦୂର ପିନ୍ଧେ ଓ ତାକୁ କେଶରେ ଘୋଡାଇଦିଏ ମଥା ସଜାଡିବା ବେଳେ। ଗାଁ ରେ ଥିବାଯାଏଁ ବ୍ୟୋମକେଶ ଅନେକ ସମୟ ଆଖପାଖରେ ରୁହନ୍ତି। ଦିନ ଭିତରେ ପରସ୍ପର ସହ ବିତେଇବାକୁ କିଛି ନିରୋଳା ମୁହୂର୍ତ୍ତ ଦୁହେଁ ଖୋଜିନିଅନ୍ତି। ନଈକୂଳ ବୁଢୀ ମଙ୍ଗଳାଙ୍କ ମନ୍ଦିର ପଛରେ ମା'ଙ୍କୁ ସାକ୍ଷୀ କରି ଦୁହେଁ ଖୋଲାଆଖିରେ ଦେଖନ୍ତି ଭବିଷ୍ୟତର ମଧୁମୟ କେତେ ମିଠା ସ୍ୱପ୍ନ। କଲେଜରେ ପଢିବା ପାଇଁ ସହରକୁ ଆସିଲେ ବ୍ୟୋମକେଶ। ଏଇଠି ରହିଲେ ୬ ବର୍ଷ। ସମୟ ସହିତ ପରିବର୍ତ୍ତନ ବି ଆସିଲା ଧିରେ ଧିରେ। ସହର ର ଆଧୁନିକା ତରୁଣୀ ମାନଙ୍କ ତୁଳନାରେ କାମାକ୍ଷୀର କମନୀୟ ନୀରିହ ମୁହଁଟା ରଙ୍ଗହୀନ ଲାଗେ ବ୍ୟୋମକେଶଙ୍କୁ। ନିଜକୁ ପତ୍ନୀର ଆଖ୍ୟାଦେଇ ଝିଅଟା ତାଙ୍କୁ ବାନ୍ଧି ରଖିବାକୁ ଚାହୁଁଚି ବୋଲି ତାଙ୍କ ମନରେ ଧାରଣା ଘର କରିବାକୁ ଲାଗିଲାଣି। ସେ କିନ୍ତୁ ଜଣଙ୍କ ପ୍ରେମରେ ବାନ୍ଧିହେବାକୁ ଚାହୁଁନଥିଲେ। ଭଅଁର ପରି ସୁନ୍ଦରୀ ତରୁଣୀ ମାନଙ୍କ ମନ ଉପବନରେ ଘୂରିବୁଲି ଯୌବନର ମଧୁ ଚାଖିବାକୁ ମନ ତାଙ୍କର ଉଚ୍ଚାଟ ହେଉଥିଲା। କାମାକ୍ଷୀ ସୁନ୍ଦରୀ କିନ୍ତୁ ଆକର୍ଷକ ନୁହେଁ ତା ପରିପାଟୀ। ସେ ପ୍ରେମାସ୍ପଦା ମାତ୍ର ଉତ୍ତେଜନା ସୃଷ୍ଟି କରେନି। ସେଭଳି ଝିଅକୁ ନେଇ ଘର କରିହୁଏ କିନ୍ତୁ ଜୀବନକୁ ଖୋଲାଖୋଲି ବଞ୍ଚି ହବନି। ତାଙ୍କ ଭିତରେ ଦୃଢ ହେଉଥିବା ଏଭଳି ଧାରଣା ସେ କାମାକ୍ଷୀକୁ ବି କୁହନ୍ତି କେବେ କେବେ।

ହେଲେ କାମାକ୍ଷୀ ନିତି ବୁଢୀମଙ୍ଗଳାଙ୍କ ପାଖରୁ ସିନ୍ଦୁର ଟିପେ ଆଣି ସିନ୍ଥାରେ ଲଗେଇବା ବେଳେ ସେଇ ଏକା କଥା ଦୋହରାଏ, "ମା' ଗୋ ମୋ ସ୍ୱାମୀ, ମୋ ବ୍ୟୋମକେଶ ଙ୍କୁ ଭଲରେ ରଖିଥା। ଯୋଉଠି ରୁହନ୍ତୁ, ଯା' ସାଙ୍ଗେ ରୁହନ୍ତୁ, ସେ ସୁଖରେ ରୁହନ୍ତୁ।" ୟା ଭିତରେ କଲେଜରେ ଦୁଇ ବର୍ଷ ର ପଢା ସାରି ବ୍ୟୋମକେଶ ଇଞ୍ଜିନିୟରିଂ ପାଠରେ ଯୋଗଦେବାର ୨ ବର୍ଷ ବିତିଲାଣି। ଏଇ ଭିତରେ ଅନ୍ୟଜଣେ ସହପାଠିନୀ ସହିତ ଘନିଷ୍ଠ ସମ୍ପର୍କ ତାଙ୍କର ଢେର ବାଟ ଆଗେଇ ଯାଇଛି। କାମାକ୍ଷୀ ବି ଅନୁଭବ କରିପାରେ ବ୍ୟୋମକେଶଙ୍କ ଠାରେ ଆଖିଦୃଶିଆ ପରିବର୍ତ୍ତନ। କିନ୍ତୁ ବାଧ କରି ପଚାରି ପାରେନି କିଛି। ଯେତିକି ସହଚର୍ଯ୍ୟ ପାଏ ତାକୁଇ ସାଉଁଟି ନିଏ ପଣତ ବିଛେଇ। ଯେଉଁ ସମ୍ପର୍କ କୁ ମହାର୍ଘ୍ୟ ବୋଲି ସେ ମୁଣ୍ଡାଇ ଧରିଛି, ବ୍ୟୋମକେଶ ତାକୁ ପିଲାଦିନର ଖେଳ ବୋଲି ସ୍ପଷ୍ଟ କୁହନ୍ତି।

ସେଇବର୍ଷ ହେଲା ମହାବାତ୍ୟା। ବ୍ୟୋମକେଶ ତାଙ୍କ ପରିବାର ସହ ସହରରେ ଥିଲେ, ତେଣୁ ସୁରକ୍ଷିତ ରହିଲେ। ଗାଁ ପ୍ରାୟ ନିଶ୍ଚିହ୍ନ ହେଇଗଲା। ବଞ୍ଚିଯାଇଥିବା ଭାଗ୍ୟଶାଳୀ ମାନଙ୍କ ମଧ୍ୟରେ ଥିଲେ ମାଧବୀ ଓ କାମାକ୍ଷୀ। ସର୍ବସ୍ୱ ହରାଇଥିବା ଦୁଇ ହତଭାଗିନୀ ପରସ୍ପର କୁ ସାହାରା ବାଛିନେଲେ। ମାଧବୀ ଅପା ହାତଧରି କାମାକ୍ଷୀ ଆସିଲା ଏଇ ସହରକୁ। ସରକାରୀ ଅନୁକମ୍ପା ରାଶିରେ ପାଠପଢା ଖର୍ଚ୍ଚ ଚଳିଗଲା। ରହିବା, ଖାଇବା ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଦୁହେଁ କାମକଲେ। ଏତେସବୁ ଭିତରେ ବଦଳି ନଥିଲା ନିତି ସକାଳେ ବ୍ୟୋମକେଶଙ୍କ ଶୁଭ ମନାସି, କାମାକ୍ଷୀ ତାଙ୍କ ନାଁ ରେ ସିନ୍ଥାରେ ସିନ୍ଦୂର ଭରିବା। ମାଧବୀ ଅପା କୁହନ୍ତିନି କିଛି। ଝିଅଟାର ସମର୍ପଣ ଦେଖି ଖୁସି ହୁଅନ୍ତି। ଦୁର୍ବାର ପ୍ରେମକୁ ପାଇବାର ଆଶା ନରଖି ଏମିତି ଏକତରଫା ସମର୍ପିତ ଭଲପାଇବାକୁ ପ୍ରଶଂସା ବି କରନ୍ତି। ଏଇ ସହରକୁ ଆସିବା ପରେ ଏମିତି ଦିନେ ବଡ ମାର୍କେଟ୍ ରେ ଦେଖାହେଲେ ବ୍ୟୋମକେଶ। ତାଙ୍କୁ ଦେଖି କାମାକ୍ଷୀ ର କଥାକୁହା ଆଖି ଦୁଇଟା ଆନନ୍ଦାଶ୍ରୁ ର ଚମକରେ ଝଲସି ଉଠିଲା। ସମଗ୍ର ଦେହରୁ ବାହାରି ଆସୁଥିଲା ସୋହାଗିନୀ ନାରୀର ଆଭା। ବ୍ୟୋମକେଶ କିନ୍ତୁ ଖୁବ୍ ସହଜ ଓ ସାଧାରଣ ଥିଲେ। କାମାକ୍ଷୀକୁ ନେଇ ତାଙ୍କ ଭିତରେ କୌଣସି ଭାବ ନଥିଲା। ସୌଜନ୍ୟମୂଳକ ଭାବେ ଏମିତି ଠିକଣା ବୁଝିନେଲେ। ତା ପରେ ୩ ଦିନ ଯାଏଁ ଭୋକଶୋଷ ଭୁଲିଗଲା କାମାକ୍ଷୀ।

ମାଧବୀ ଅପା କିନ୍ତୁ ଖୁବ୍ ବୁଝାଇଲେ, "ଦେଖ କମ୍ମୁ, କେଶୁ ଠାରୁ କିଛି ଆଶା କରିବୁନି। ସେ ଭିନ୍ନ ଦୁନିଆରେ। ତୋ'ର କୌଣସି ମୂଲ୍ୟ ନାହିଁ ତାଙ୍କ ଜୀବନରେ। ଏଇ ସତ୍ୟ କୁ

ମାନନେଲେ କମ କଷ୍ଟ ହେବ। ଆଶାର କ୍ଷୀଣ ଧାର ଟିଏ ତୋତେ ଲୁହର ନଈରେ ଉଜାଣି ବୁହାଇନେବା ଅସମ୍ଭବ ନୁହେଁ। କାମାକ୍ଷୀର ସେହି ନତ୍ୟ ସହଜ ଉତ୍ତର, "ସେ ମୋ ସ୍ୱାମୀ। ନିଶ୍ୱାସ ଥିବାଯାଏଁ ମୁଁ ଆମ ଏଇ ସମ୍ପର୍କ କୁ ଜୀଇଁବି ଅପା। ସେ ନମାନିଲେ କ'ଣ ହେଲା, ମୁଁ ବୁଢ଼ୀମଙ୍ଗଳାଙ୍କ ପାଖେ ଦ୍ରୋହୀ ହେବିନି। ମୁଁ ମାନିଥିବି ମୋ ସ୍ୱାମୀଙ୍କ ମଙ୍ଗଳ ପାଇଁ। ସେଇଥିରେ ମୋ ଖୁସି।"

ହଠାତ୍, ଗୋଟେ ସଂନ୍ଧ୍ୟାରେ ସେମାନଙ୍କ ବସାରେ ପହଞ୍ଚିଲେ ବ୍ୟୋମକେଶ। ତାଙ୍କ ଆକସ୍ମିକ ଉପସ୍ଥିତିରେ ସୁଖମୟ ଆନନ୍ଦରେ ବିଭୋର ହେଉଥାଏ କାମାକ୍ଷୀ ସତେକି ଆକାଶରୁ ଚ୍ଛନ୍ଦ ଖସି ପଡିଛି ତା ପାପୁଲିରେ। ମାଧବୀ ଜାଣିଶୁଣି ଚ୍ଲିଗଲେ ଦୁହିଁଙ୍କୁ କଛି ନିରୋଳା ମୁହୂର୍ତ୍ତର ଆଶୀର୍ବାଦ ଦେଇ। ତାଙ୍କ ଯିବା ସଙ୍ଗେ ସଙ୍ଗେ ବ୍ୟୋମକେଶ ଖୁବ୍ ଜୋର ରେ ଜାବୁଡି ଧରିଲେ କାମାକ୍ଷୀକୁ। ତା'କୁ ନିବିଡ ଆଶ୍ଳେଷରେ ଭରି ଛୁଆଙ୍କ ଭଳି କାନ୍ଦୁଥାନ୍ତି। କଛି ବୁଝିନପାରୁଥିଲେ ବି ତାଙ୍କୁ ଏମିତି ଭାଙ୍ଗିପଡିବାର ଦେଖି କାମାକ୍ଷୀ ଆଖିବି ଅବାଧ ଲୁହ ଝରାଇ ଚ୍ଲିଥାଏ। ତାଙ୍କୁ ବୁଝାଇ ଶାନ୍ତ କରିବା ପରେ ଜଣା ପଡିଲାଯେ, ୩ ବର୍ଷଧରି ନିଜର ଯେଉଁ ସହପାଠିନୀ ସହିତ ଘନିଷ୍ଠ ସମ୍ପର୍କରେ ବାନ୍ଧି ହେଇଥିଲେ, ସେ ଜଣେ ଧନାଢ୍ୟ ବ୍ୟବସାୟୀଙ୍କ ଏକମାତ୍ର ପୁଅକୁ ବିବାହ କରିବାକୁ ଯାଉଛି। ଖୁବ ସହଜରେ ବ୍ୟୋମକେଶଙ୍କ ସହ ସମ୍ପର୍କକୁ ତୁଟାଇଦେଲା କେଇପଦ କଟୁ କଥାରେ। ନିଜ ମନର ମଣିଷକୁ କଷ୍ଟରେ ଦେଖି ଖୁବ୍ ଯନ୍ତ୍ରଣା ପାଉଥାଏ କାମାକ୍ଷୀ। ଯଦିଓ ଏଭଳି ପରିସ୍ଥିତି ର ଯେ କେହି ଝିଅ ଅନ୍ତର୍ମନରେ ସୁଖି ହୋଇଥାନ୍ତା। ଏଯାଏଁ ଆଶ୍ଳେଷ ର ଚ୍ପ ଏତେଟିକେ ଢିଲା କରିନଥିଲେ ବ୍ୟୋମକେଶ। ବାହୁ ବନ୍ଧନୀକୁ ଆଉ ଟିକେ ଶକ୍ତ କରିନେଇ ବ୍ୟୋମକେଶ କହିଲେ, "ମୋତେ କ୍ଷମା କରିଦିଅ କାମାକ୍ଷୀ! ମୁଁ ଆଜି ବୁଝିପାରୁଛି ତୁମେ କେତେ କଷ୍ଟ ପାଇଥିବ ମୋ ବ୍ୟବହାରରେ। ତଥାପି ମୋତେ ସ୍ନେହ, ପ୍ରେମ ଓ ସମ୍ମାନ ଦେଇପାରୁଛ କେମିତି? ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି ମୋତେ। ମୋ ଦୃଷ୍ଟିରେ ଏତେ ସମର୍ପିତ ପ୍ରେମ ପାଇବାକୁ ମୁଁ ଯୋଗ୍ୟ ନୁହେଁ।" ତାଙ୍କ ପାଟିରେ ହାତ ରଖିଦେଲା କାମାକ୍ଷୀ ଆଉ ତାଗିଦ କରିବା ଭଳି କହିଲା, "ଖବରଦାର, ମୋ ସ୍ୱାମୀଙ୍କୁ ଅଯୋଗ୍ୟ କହିବା ସାହସ କରନି। ଧନରେ, ମୋ ଠୁ କ୍ଷମା କ'ଣ ମାଗୁଛ? ତୁମକୁ ସ୍ୱାମୀ ମାନିଛି। ତୁମର ସମସ୍ତ କଥାକୁ ମୋ ନିଜର ଲୋକଟା କହିଛନ୍ତି ବୋଲି ଭାବି ସହିଯାଏ। ତୁମ କଷ୍ଟ ବୁଝିପାରୁଛି ରେ ଧନ। ବ୍ୟସ୍ତ ହୁଅନି। ନିଜକୁ ସମ୍ଭାଳ। ଏତେ ଯୋଗ୍ୟ ହୁଅ ଯେମିତି ସେ ମାଡାମ୍ ତୁମକୁ

ହରାଇଥିବାରୁ ନଜେ ପସ୍ତେଇବେ ଦିନେ।" ଏଭଳ କଥା କାମାକ୍ଷୀ ଭଳ ସମର୍ପିତ ପତ୍ନୀ ଟିଏ ହିଁ କହିପାରେ କେବଳ।

ସଦ୍ୟ ପ୍ରେମରେ ଅସଫଳ ହୋଇ ଭାଙ୍ଗି ପଡିଥିବା ବ୍ୟୋମକେଶଙ୍କୁ ନଜ ଅନାବିଳ ପ୍ରେମର ମଜବୁତ ସାହାରା ଦେଇ ଶେଷବର୍ଷ ପାଠପଢାରେ ମନୋନବେଶ କରିବାକୁ ଖୁବ୍ ବେଶୀ ମାନସିକ ସହାୟତା ଦେଉଥାଏ କାମାକ୍ଷୀ। ନଜର ସମସ୍ତ ସ୍ନେହଁ ସୋହାଗ ନେଇ କାମାକ୍ଷୀ ଦୃଢ ହୋଇ ସାଙ୍ଗରେ ରହିବାରୁ ସେଇ ପୁରୁଣା ପ୍ରେୟସୀ ସାଙ୍ଗରେ ନୟମିତ ସାମ୍ନାସାମ୍ନି ହେଉଥିଲେ ବି ବ୍ୟୋମକେଶ ବିଚଳତ ବା ଲକ୍ଷଚ୍ୟୁତ ହୋଇନଥିଲେ। ଦୁହିଁଙ୍କ ପରିପୂରକ ପ୍ରୟାସର ଫଳ ସ୍ୱରୂପ ବ୍ୟୋମକେଶ ଖୁବ୍ ଭଲ ଶ୍ରେଣୀରେ ଇଞ୍ଜିନୟରିଂ ପାସ୍ କଲେ ଏବଂ ବିଦେଶର ବଡ ଏକ ସଂସ୍ଥାରେ ଗ୍ଭକରି ମଧ ପାଇଲେ। ବିଦେଶ ଯିବା ବେଳେ କହିଗଲେ, "ଖୁବ୍ ଅଳ୍ପ ଦିନରେ ଫେରିବି ଆମ ସମ୍ପର୍କ କୁ ସାମାଜିକ ସ୍ୱିକୃତୀ ଦେଇ ତୁମକୁ ମୋ ପାଖକୁ ସବୁଦିନ ପାଇଁ ନେଇଯିବାକୁ। ତୁମେ ପ୍ରସ୍ତୁତ ଥିବ। ଆଉ ମାଧବୀ ଅପା, ମୋ ପତ୍ନୀର ଭଲରେ ଯତ୍ନ ନେଉଥିବ। ଯେତେ ସ୍ନେହଁ କରିବା କଥା କରିନଅ ତୁମ ଗେଲ୍ହୀ କୁ ଏଇ ସମୟରେ। ତା ପରେ ସେ କେବଳ ମୋ'ର। ମୋ କାମାକ୍ଷୀ ତୁମକୁ ଲାଗିଲା ଅପା।"

ବର୍ଷେ ଯାଏଁ ସବୁ ଭଲରେ ଗ୍ଭଲିଲା। ବରାବର ସମ୍ପର୍କରେ ରୁହନ୍ତି ବ୍ୟୋମକେଶ। କନ୍ତୁ ଇତିହାସ ପୁଣି ନଜକୁ ଦୋହରାଇବା ଆରମ୍ଭ କରିଲା। ଧିରେ ଧିରେ ଦୂରତା ବଢିଲା। ଏଥର କାମାକ୍ଷୀ ଭିତରେ ଭିତରେ ଭାଙ୍ଗି ପଡୁଥାଏ। ମାଧବୀ ଅପା ଧୈର୍ଯ୍ୟ ଦିଅନ୍ତି। କନ୍ତୁ କୌଣସି ଆସନ୍ନ ବିପଦ ଆଶଙ୍କାରେ ତାଙ୍କ ମନ ମଧ ନରମି ଯାଏ। ଦେଢବର୍ଷ ପରେ ବ୍ୟୋମକେଶ ଫେରିଲେ। ସବୁଦିନ ପାଇଁ ସ୍ୱଦେଶ ଛାଡିବା ଆଗରୁ ପରିବାର ସହ ସାକ୍ଷାତ କରିବାକୁ ଆସିଥିଲେ। କନ୍ତୁ କାମାକ୍ଷୀକୁ ଦେଖାକଲେ ନାହିଁ। କାମାକ୍ଷୀ ଏକଥା ଜାଣିବା ବେଳକୁ ବ୍ୟୋମକେଶ ଫେରିସାରିଥିଲେ ତାଙ୍କ ନୁଆ ବିଦେଶୀ ଠିକଣାକୁ। ପ୍ରବଳ ଯନ୍ତ୍ରଣା, ଦୁଃଖ ଓ ଅଭିମାନରେ ଜର୍ଜରିତ କାମାକ୍ଷୀ ଯେବେ ତାଙ୍କୁ ଯୋଗାଯୋଗ କଲା, ତାଙ୍କ ଉତ୍ତର ଥିଲା, "ମୁଁ ଏଠି ମୋ ପତ୍ନୀସହ ସୁଖଶାନ୍ତି ରେ ଅଛି। ସେ ଆସନ୍ନପ୍ରସବା। ତୁମେ ମୋ ଜୀବନରେ ଝଡ ସୃଷ୍ଟି କରିବାକୁ ଚେଷ୍ଟା କରନ। ତୁମେ ଗୋଟେ ପିଲାଦିନ ଖେଳକୁ ଗଣ୍ଠିକରି ରଖିଛ, ରଖ। ମୋ ନାଁ ରେ ସିନ୍ଦୂର ପିନ୍ଧିବା ସଉକ, ପିନ୍ଧ। ମୋତେ ବାଧ କରିପାରିବନ କୌଣସି ପ୍ରକାର ତୁମକୁ ସ୍ତ୍ରୀ ମାନ ପ୍ରେମ କରିବାକୁ। କନ୍ତୁ ଏସବୁ ମୋତେ ଜଣାଇ ବିରକ୍ତ କରନ କ ମୋ ସୁଖି

ସଂସାର ରେ କଣ୍ଟା ହୁଅନ। ତୁମ ମାନ୍ୟତା, ବିଶ୍ୱାସ, ଇତ୍ୟାଦି, ଇତ୍ୟାଦି ରଖ ତୁମ ପାଖରେ। ମୋ ଉପରେ ଓଜାଡିବାକୁ ପ୍ରୟାସ କରନ। ମୁଁ ଢେର ବାଟ ଆଗେଇ ଆସିଛି। ତୁମେ ମୋ ଲାଗି ବିଗତ ଇତିହାସ। ସୁଖଦ ପୃଷ୍ଠାଟେ ହେଇ ରୁହ। ନହେଲେ ଏଇ ପୃଷ୍ଠାକୁ ଚିରି ଫିଙ୍ଗିଦେବା ମୋ ଲାଗି କିଛି ବଡ କଥା ନୁହେଁ।" ଏତକ ଶୁଣି ସାରିବା ବେଳକୁ ନିର୍ବାକ, ନିଶ୍ଚଳ ହୋଇଯାଇଥାଏ କାମାକ୍ଷୀ। ଏତେ ବର୍ଷ ଧରି ବାନ୍ଧି ରଖିଥିବା ଭରସା ଓ ବିଶ୍ୱାସର ବାଲିବନ୍ଧ ଏକାବେଳେ ଭାଙ୍ଗିଗଲା ଏଇ କେଇପଦ କଥାରେ। ତଥାପି ବୁଢୀମଙ୍ଗଳାଙ୍କ ଦ୍ରୋହୀ ହେଲେ କାଳେ ସ୍ୱାମୀଙ୍କ ଅମଙ୍ଗଳ ହେବ ବୋଲି ସେଇ ନିବିଡ ସମର୍ପଣରେ ସେ ଆଜିଯାଏଁ ବ୍ୟୋମକେଶଙ୍କୁ ସ୍ୱାମୀର ସ୍ଥାନ, ପ୍ରେମ ଓ ଉତ୍ସର୍ଗିକୃତ ସମର୍ପଣ ଦେଇ ଚାଲିଛି ଏକତରଫା ଭାବରେ। ତାକୁ ବାସ୍ତବ ଜୀବନକୁ ଫେରାଇ ଆଣିବା ପାଇଁ ମାଧବୀ ଏବେ ଆପ୍ରାଣ ପ୍ରୟାସ କରନ୍ତି। ଅନେକ ବୁଝାନ୍ତି। ମାତ୍ର ଝିଅଟା ପଥର ପାଲଟି ଯାଇଛି ଯେମିତି। କୌଣସି ପ୍ରଭାବ ପଡେନ ତା ଉପରେ।

କାଲି ରାତିରେ ବ୍ୟୋମକେଶ ଙ୍କୁ ଫୋନ କରିଥିଲେ ମାଧବୀ। କାମାକ୍ଷୀ ଖୁବ୍ ବେଶୀ ଅସୁସ୍ଥ। ସାବିତ୍ରୀ ବ୍ରତ କରି ଜିଦ୍ ଧରିଛି ବ୍ୟୋମକେଶଙ୍କ ମୁହଁରୁ ପଦେ କଥା ଶୁଣିଲେ ଯାଇ ଜଳସ୍ପର୍ଶ କରିବ। ପାଣି ଟୋପାଏ ପିଆଇବାକୁ ଅନେକ ଚେଷ୍ଟା କରି ପରାଜିତ ହେବାପରେ ମାଧବୀ ଅଗତ୍ୟା ଫୋନ କଲେ। ସେତେବେଳେ ପତ୍ନୀଙ୍କ ସହ ବିଦେଶୀ ରେସ୍ତୋରାଁ ରେ ସ୍ୱାଦିଷ୍ଟ ଖାଦ୍ୟର ମଜା ନେଉଥିଲେ। ଅସମୟରେ ଫୋନ କରି ତାଙ୍କ ସୁଖମୟ ମୁହୂର୍ତ୍ତରେ ବିଘ୍ନ ପକାଇଥିବା ମାଧବୀଙ୍କୁ ସେ ଶୁଣାଇଦେଲେ ଚରମବାଣୀ, "ମୁଁ ଜାଣିନ କିଏ ସେ କାମାକ୍ଷୀ। ସେ ମରିଲେ ବା ବଞ୍ଚିଲେ ମୋତେ କିଛି ଫରକ ପଡିବାର ନାହିଁ। ଆପଣ ଫୋନ ରଖନ୍ତୁ।" ଏତକ ଶୁଣିବା ପରେ ଗୋଟାଏ ଦୀର୍ଘଶ୍ୱାସ ନେଇ କାମାକ୍ଷୀ "ମୋ ଧନ" ବୋଲି ଉଚ୍ଚାରଣ କରି ଚିରଦିନ ପାଇଁ ନିରବି ଗଲା। ହରାଇବାକୁ କାମାକ୍ଷୀ ପାଖରେ କିଛି ବି ନଥିଲା, ମାଧବୀ ହରାଇଲେ ନିଜ ବଞ୍ଚିବାର ଏକମାତ୍ର ଅବଲମ୍ବନ, ଆଉ ବ୍ୟୋମକେଶ କିଛି ହରାଇଲେ କି ନାହିଁ.............ସେକଥା ପାଠକେ ବିଚାର କରିବେ।

ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ

# କୃଷ୍ଣ ଆଗମନେ



ହିମାଂଶୁ ଶେଖର ବାରିକ୍

ଭାଦ୍ରବ ଅଷ୍ଟମୀ କୃଷ୍ଣ ପକ୍ଷ ତିଥି
ନିଶବଦ ନିଶିଥିନୀ
ଘୋର ମେଘଘୋଷ ରାଶି ଥିଲା ବୃଷ
ନକ୍ଷତ୍ର ଯୋଗ ରୋହିଣୀ
ପ୍ରକୃତିର ହୃଦ ହେଲା ପୁଲକିତ
ମଳୟ ସମୀର ବହେ ଅକସ୍ମାତ
ମେଦିନୀ ଆନନ୍ଦ ସୁବାସିତ ଗନ୍ଧେ
ଜଳପୂର୍ଣ୍ଣ ସ୍ରୋତସ୍ୱିନୀ ॥
ନିର୍ମଳ ଦିଶିଲା ସୁନୀଳ ଗଗନ
ମହୀରୁହେ ବାଜୀ କରେ କୁହୁତାନ
ବିପିନେ ସ୍ତବକ ପୁଷ୍ପ ପ୍ରକଟିତ
ସଙ୍ଗେ ଗନ୍ଧ ଗୁଣ ଘେନି ॥
ଆକାଶେ ବାଜଇ ଦୁନ୍ଦୁଭି ନିନାଦ
ସ୍ୱର୍ଗ ଅପସରି ହେଲେ ନୃତ୍ୟ ରତ
କଲେ ସୁରଗଣ ପୁଷ୍ପ ବରଷଣ
ବନ୍ଦି ବ୍ରହ୍ମ ଆଗମନୀ ॥
ମଥୁରା ପୁରରେ କଂସ କାରାଗୃହେ
ଦେବକୀ ଉଦର ବଥାଏ ଅସହ୍ୟେ
ଦେଖି ପତ୍ନୀ ଦୁଃଖ ବନ୍ଦୀ ବାସୁଦେବ
ସୁମରିଲେ ଚକ୍ରପାଣି ॥
ପ୍ରଭୁ ଅନ୍ତର୍ଯ୍ୟାମୀ ଲୀଳାମୟ କୃଷ୍ଣ
କଲେ ହୃଦଙ୍ଗମ ଭକତ କଷଣ
ହୋଇଲେ ବାହାର ଦେବକୀ ଉଦର
ଧରି ରୂପ ଚତୁଷ୍ପାଣି ॥

ନୀଳମେଘ ବର୍ଣ୍ଣ କୋଟି ସୂର୍ଯ୍ୟଦୀପ୍ତି
ଅତି ମନୋହର ଶୋଭା ଦିବ୍ୟକାନ୍ତି
ଗଦା ପଦ୍ମ ଶଙ୍ଖ ଚାରି ହସ୍ତେ ତାଙ୍କ
କଣ୍ଠେ କଉସ୍ତୁଭ ମଣି ॥
ପୀତବାସ କଟିଦେଶେ ସୁନା ସୂତା
ଶୋଭିତ ଭଉରୀ ସୁବର୍ଣ୍ଣ ପଇତା
କିରାଟ କୁଣ୍ଡଳ ପାଦରେ ନୂପୁର
କରେ ରୁଣଝୁଣ ଧ୍ୱନି ॥
ହୃଦ ବେଶେ ଶୋହେ ଶିରିବତ୍ସ ଚିହ୍ନ
ବିମ୍ବାଧର ହସ କରେ ସମ୍ମୋହନ
ବାହୁର କଙ୍କଣ ପାଦୁକା ରତନ
ରୂପେ କାମ କୋଟି ଜିଣି ॥
ବିଲୋକି ଦେବକୀ ବସୁଦେବ ବୀର
ଅନୁପମ ରୂପ ପ୍ରଭୁ ଯୋଗେଶ୍ୱର
ହୃଦ ଗଦଗଦ ଚିତ୍ତ ଉଲ୍ଲସିତ
ନୟନେ ଆନନ୍ଦ ପାଣି ॥
ପୂରବ ଜନମ ତପସ୍ୟାର ଫଳ
ସ୍ମରଣ କରାଇ ପ୍ରଭୁ ଆଦିମୂଳ
କହିଲେ ଉଚ୍ଛୁର ନ କର ପିଅର
ବେଗେ ଚଳ ପୁତ୍ର ଘେନି ॥
ଗୋପରେ ଯଶୋଦା କୋଳେ ମହାମାୟା
ଜନମି ଅଛନ୍ତି କରିଣ ସୁଦୟା
ଥୋଇ ନିଜ ସୁର ଯଶୋଦା ନିକଟ
ନନ୍ଦ ବାଳା ରଖ ଆଣି ॥

ତହୁଁ ଭଗବାନ କରିଲେ ଧାରଣ
କଂସ ବନ୍ଦିଘରେ ଶିଶୁ ଅପଘନ
ଫିଟିଲା ଦୁଆର ଶାଙ୍କୋଳ ପଥର
କୃଷ୍ଣ ଆଜ୍ଞା ପରମାଣି ॥
ବିଜୁଳି ଆଲୋକେ ଆଲୋକିତ ପଥ
ସକଳ ହୋଇଲେ ନିଦ୍ରାରେ ମୋହିତ
ହୋଇଲେ ବାହାର ବସୁଦେବ ବୀର
ନାରାୟଣ କୋଳେ ଘେନି ॥
ବର୍ଷେ ମେଘମାଳ ବାସବ ନିର୍ଦ୍ଦେଶ
ପାରିବେନି ଦେଖି କେହି ଯାତ୍ରା ଦୃଶ୍ୟ
ଢାଙ୍କିଲେ ଅନନ୍ତ ଶିଶୁ ଜଗନ୍ନାଥ
ପାରିଲେନି ତାତ ଜାଣି ।
କଂସର ଜନକ ଓଗାଳଲେ ପଥ
ଦେଖି ନାରାୟଣ ହେଲେ ପୁଲକିତ
ଦେଖାଇ ଅୟନ ଗୋପପୁର ବର୍ତ୍ମ
ପ୍ରଣମିଲେ କମ୍ବୁପାଣି ।
ହରଷିତ ମନେ ଗଲେ ବସୁଦେବ
ଯମୁନା ତୀରରେ ହେଲେ ଉପନୀତ
ଦେଖି ଭୟଭୀତ ଉଗ୍ର ତରଙ୍ଗିତ
ସରିତ ଯମ ବହେଣୀ ॥
ଯତନେ ବସାଇ ମୁଣ୍ଡେ ଭଗବାନ
ପଶିଲେ ତଟିନୀ ଜଳରେ ବହନ
ହୃଦେ ସୁମିରଣ କଲେ ନାରାୟନ
ବାଟ ଦେଲା ସ୍ରୋତସ୍ୱିନୀ ॥

ଗମନ କରିଲେ ନନ୍ଦରାଜ ଘର
ସର୍ବଜନ ସୁପ୍ତ ଯଶୋଦା ମନ୍ଦିର
ପୁତ୍ର ତହିଁ ଥୋଇ କନ୍ୟାକୁ ଉଠାଇ
ଗଲେ ମଧୁପୁର ଘେନି ॥
ନିଶାମଣି ଅନ୍ତେ ଆସିଲେ ତପନ
ନିଦ୍ରିତ ଯଶୋଦା ହୋଇ ଜାଗରଣ
ଦେଖି କୋଳେ ସୁତ ହେଲେ ହରଷିତ
ପ୍ରାପତ ହୃଦୟ ମଣି ॥
ଉତ୍ସବେ ଆନନ୍ଦ ହେଲା ଗୋପପୁର
ସଉଭାଗ୍ୟେ ପ୍ରାପ୍ତ ପରମ ଈଶ୍ୱର
କରଇ ଅଧମ ଚରଣେ ପ୍ରଣାମ
ତବ ପାଦେ ନିଅ ଟାଣି ॥

ନଉ ଏ.ଜି. କଲୋନୀ,
ନୟାପଲ୍ଲୀ, ଭୁବନେଶ୍ୱର





ପ୍ରବୋଧ ଚନ୍ଦ୍ର ମୁଦ୍ରା

# ସତ୍ୟମେବ ଜୟତେ

ଅକ୍ଷର ଦ୍ୱୟର ସମାହାରେ ସୃଷ୍ଟି ଅଟେ ସେ ନତ୍ୟ ନୂତନ ।
ଚର ଅବିନାଶୀ ଶାଶ୍ୱତ ପୁଣି ଅଟେ ସତ୍ୟ ସନାତନ ।।
ସୃଷ୍ଟି ରହସ୍ୟର ଆଦ୍ୟ ଦ୍ୟୋତକ ଏ ଜଗତେ ସାର ସେତ ।
ପୁରାଣ ବର୍ଣ୍ଣିତ ଗ୍ୱରି ଯୁଗେ ଶ୍ରେଷ୍ଠ ଯୁଗାଦ୍ୟ ନାମଟି ସତ୍ୟ ।।
ବେଦର ଉକ୍ତିଟି ଅଟଇ ଯଥାର୍ଥ "ସତ୍ୟମ୍ ଏବ ଜୟତେ" ।
ତା'ର ବ୍ୟତିରେକ ନାହିଁଟି ବିକଳ୍ପ ଏହା ଜାଣନ୍ତି ସମସ୍ତେ ।।
ରାଜା ହରିଶ୍ଚନ୍ଦ୍ର ସତ୍ୟବ୍ରତେନଷ୍ଠ କରି ସ୍ୱଧର୍ମ ପାଳନ ।
ସତ୍ୟ ବଳେ ସେ ଯେ ହେଲେ ସ୍ୱର୍ଗପ୍ରାପ୍ତ ଲଭି ଦୁଃଖ- କ୍ଲିଷ୍ଟମାନ ।।
ପିତୃସତ୍ୟ ପାଳ ପ୍ରଭୁ ରାମଚନ୍ଦ୍ର କରିଥିଲେ ବନବାସ ।
ଚତୁର୍ଦ୍ଦଶ ବର୍ଷ ତ୍ୟାଗନଷ୍ଠା ବଳେ ସ୍ଥାପିଲେ ଅକ୍ଷୟ ଯଶ ।।
ସତ୍ୟରକ୍ଷା ପାଇଁ ପ୍ରଭୁ ଯୀଶୁଖ୍ରୀଷ୍ଟ ବିଶ୍ୱେ ହୋଇଲେ ଅମର ।
ଜ୍ଞାନୀ ସକ୍ରେଟିସ ହୋଇ ସତ୍ୟନଷ୍ଠ ପାନ କରିଲେ ଜହର ।।
ସତ୍ୟ- ଅହିଂସାର ଦିବ୍ୟ ଅବତାର ଥିଲେ ପ୍ରଭୁ ବୁଦ୍ଧଦେବ ।
ସତ୍ୟର ମାହାତ୍ମ୍ୟ ପ୍ରସାର ନମନ୍ତେ ହୋଇଥିଲେ ଆବିର୍ଭାବ ।।
ସତ୍ୟ ପଥ ର  ପଥିକ ଥିଲେ ଯେ ପ୍ରିୟ ଗାନ୍ଧୀଜୀ ମହାତ୍ମା ।
ଅହିଂସା ଧର୍ମରେ ହୋଇଲେ ଦୀକ୍ଷିତ, କରି ପ୍ରାଣୀ ହିତ ଚନ୍ତା ।।
ସତ୍ୟପଥଟି ଅଟେ କଣ୍ଟକତ ଦୁଃସାଧ୍ୟ ପୁଣି ଦୁର୍ଗମ ।
ସାଧନାର ବଳେ ଦୁର୍ଭେଦ୍ୟ ମାର୍ଗଟି ହୁଅଇ ଅତି ସୁଗମ ।।
ପ୍ରିୟାପ୍ରିୟ ଅଟେ ସତ୍ୟର ସ୍ୱରୂପ ହିତାହିତ ଜ୍ଞାନ ଯୁକ୍ତ ।

ପ୍ରିୟ ସତ୍ୟ ବାକ୍ୟେ ଥାଏ ମଧୁରତା ଅପ୍ରିୟଟି କଟୁସତ୍ୟ ।।

ମିଥ୍ୟା ବଚନରେ ଅଳକ ଆନନ୍ଦ ନ ମିଳେ ସତ୍ୟ ବଚନେ ।

ବିଳମ୍ବେ ସତ୍ୟର ହୁଅଇ ବିଜୟ ସ୍ମରନ୍ତି ସର୍ବେ ସ୍ୱଜ୍ଞାନେ ।।

ମିଥ୍ୟାର ଫଳଟି କ୍ଷଣିକ ମଧୁର ତିକ୍ତ ଲାଗଇଯେ ସତ୍ୟ ।

ନ୍ୟାୟବିଗ୍ଭରରେ ସତ୍ୟର ନିର୍ଣ୍ଣୟ ମିଥ୍ୟା ହୁଏ ପରାଜିତ ।।

ସତ୍ୟରେ ଧରମ ସତ୍ୟରେ କରମ ସତ୍ୟେ ଦୟା- କ୍ଷମା – ଶାନ୍ତି ।

ବିନାସତ୍ୟେ ବିଶ୍ୱେ ନ ହୁଏ କଞ୍ଚିତ ସତ୍ୟରୁ ମିଳଇ ମୁକ୍ତି ।।

ସତ୍ୟ ଯେ ଅଟଇ ଜଗତ ଭୂଷଣ ମାନବର ଶ୍ରେଷ୍ଠ ମିତ୍ର ।

ସତ୍ୟର ମାର୍ଗରୁ ହୋଇଲେ ବିଚ୍ୟୁତ ବିଘ୍ନ ଅବଶ୍ୟ ସର୍ବତ୍ର ।।

"ସତ୍ୟମ୍ ଏବ ଜୟତେ" ଏହି ମୂଳମନ୍ତ୍ର ଭାରତର ପରିଚୟ ।

ସତ୍ୟ ଆଧାରରେ ଶାସିତ ଏ ଦେଶ ଆମେ ସବୁ ଭାରତୀୟ ।।

ଯୁଗେ ଯୁଗେ ସତ୍ୟ ହୋଇଛି ବିଜୟ ସତ୍ୟଦେବ ନମୋସ୍ତୁତେ ।

ସତ୍ୟ ବିନା ରାଷ୍ଟ୍ର ସ୍ଥିତି ଅସମ୍ଭବ "ସତ୍ୟମ୍ ଏବ ଜୟତେ"।।

ସାଙ୍କୁଡା, ଗଞ୍ଜାମ, ଓଡିଶା



# ବହୁଥିବା ପବନ



ଶାନ୍ତିଲତା ମିଶ୍ର

କୋଉ କାନ୍ଥକୁ ଆଉଜି ପଡିବା ଆଉ ସମ୍ଭବ ହୋଇ ପାରୁନ । ସବୁ ଗୁଡିକ ଭଙ୍ଗା ରୁଜା ଅବସ୍ଥାରେ ଅସହାୟ ହୋଇ ଠିଆ ହୋଇଛନ୍ତି । ଆଉ ଏଣିକ କାନ୍ଥ ମାନଙ୍କ ଉପରେ ଭରସା ନ ରଖି ନିଜ ଉପରେ ଭରସା ଆଉ ବିଶ୍ୱାସ ରଖିବା ଉଚିତ । ନିଜକୁ ଶକ୍ତ କରିନେଲା ସଂଜିତା । ଜୀବନ ରାସ୍ତାରେ ବହି ଆସୁଥିବା ସବୁ ଝଡ ଝଞ୍ଜାକୁ ସମ୍ମୁଖିନ ହୋଇ ପାରୁଥିବାର ଶକ୍ତି ।

ରାତି ପ୍ରାୟ ନଅଟା ହେବାକୁ ବସିଲାଣି । ଏଇଲେ ଭାଇ ଆସିଯିବ ଘରକୁ ଟଳମଳ ପାଦରେ । ପ୍ରତି ଶୁକ୍ରବାର ଅଫିସ ପରେ ସାଙ୍ଗମାନଙ୍କ ସଙ୍ଗେ ସେ ଗୁଡାଏ ପି ଦେଇ ଆସେ । ଭାଉଜ ଉପରେ ତାର ଆକ୍ରୋଶ ମେଣ୍ଟେଇବ । ତାର ବାପ ଅଜା ଠୁ ଆରମ୍ଭ କରି ସପ୍ତ ପୁରୁଷ ଯାଏ ଉଝାଳିବ । ଭାଉଜ ବିଚାରି ନା ବେଶୀ ପାଠ ପଢିଛି ନା କିଛି ଥିଲାବାଲା ଘରର ଝିଅ । ତେଣୁ ମୁହଁ ମାଡି ସବୁ ବେଇଜତିକୁ ସହିବାକୁ ବାଧ୍ୟ ହୁଏ । ଏ ନାଗଫାସ ବନ୍ଧନକୁ କାଟି ଏଠାରୁ ମୁକ୍ତି ପାଇଯିବା ତା ପକ୍ଷେ ସମ୍ଭବ ବି ନୁହେଁ। ଏଠାରେ କିଛି ନହେଲେ ବି ଛାତ ଖଣ୍ଡେ ଅଛି ମୁଣ୍ଡ ଗୁଞ୍ଜିବାକୁ, ପେଟକୁ ଦି ମୁଠା ଖାଇବାକୁ ମିଳୁଛି ।

ଶନିବାର ସକାଳୁ ଭାଉଜର ନାଲି ଆଖିରୁ ଜଣା ପଡିଯାଏ ରାତିସାରା ନଶୋଇ ସେ କେତେ କାନ୍ଦିଥିବ । ତାକୁ ଦେଖି ବେଶେଷ ଦୟା ହୁଏନା । କାରଣ ସେ ତାର ରାଗ ରୋଷ ଭାଇ ଉପରେ ଶୁଝେଇ ନପାରି ଶାଶୁ ନଣନ୍ଦଙ୍କ ଉପରେ ଶୁଝାଏ ।

ତେଣୁ ତାର ସବୁ ରାଗ ରୋଷ ଆସି ବୋଉ ଓ ତା ଉପରେ ଅଜାଡି ହୋଇପଡେ । ଭାଉଜର ପରିସ୍ଥିତି ସଂଜିତା ବୁଝୁଥିଲେ ବି, ଦି ଚାରି ପଦ ଝାଡି ଦିଏ ପ୍ରତ୍ୟୁତ୍ତରରେ, କିନ୍ତୁ ବିଚାରୀ ବୋଉ! ପୁଅ ବୋହୁଙ୍କ ସଂଘର୍ଷ ଆଉ ଅଶାନ୍ତି ଚକ୍କରେ ପେଶୀ ହୋଇଯାଏ । ସଂଜିତା ଜାଣେ ଭାଉଜର ଦୁଃଖ, କିନ୍ତୁ ବୋଉ ସହିତ ଅଯଥା ଝଗଡା ତାର ବରଦାସ୍ତର ବାହାରେ ।

ସେ ତେଣୁ ବୋଉର ଢାଲ ହୋଇ ଭାଉଜକୁ ଦି ଗ୍ଧରି ପଦ ଶୁଣେଇବାକୁ ବାଧ୍ୟ ହୁଏ । ଭାଉଜ ତାକୁ କେତେ ଘୃଣା କରେ ସେ ଭଲ ଭାବରେ ଜାଣେ । କିନ୍ତୁ ସଂଜିତା ତଥାପି ତାକୁ ଦୟା କରେ । ତାର ଅସହାୟତାକୁ ବୁଝିପାରେ । ତାର ନାରୀ ଦୁର୍ବଳତାକୁ ଦେଖିପାରେ । କିଛି ଅନ୍ୟ ମଜଭୂତ ଆଶ୍ରୟ ନପାଇଲା ପର୍ଯ୍ୟନ୍ତ ସେ ଜାବୁଡି ଧରିଥାଏ ସେଇ ଛିଣ୍ଡା ଦୁର୍ବଳ ରଶୀଟିକୁ ତାହା ସଂପୂର୍ଣ୍ଣ ରୂପେ ନଛିଣ୍ଡିଗଲା ପର୍ଯ୍ୟନ୍ତ ।

ବୋଉ ବୁଢି ହୋଇ ଗଲାଣି । ଅନେକ ଦିନ ଧରି ରାଗ, ରୋଷ, ଅଭିମାନରେ ଭଲକରି ନଖାଇ ନପିଇ, ଘର ଯାକର ସବୁ କାମ କରି କରି ଏବେ ରୁଗଣ ମଧ୍ୟ । ତାକୁ ଯେତେ ବୁଝେଇଲେ ସେ ବୁଝିବାକୁ ନାରାଜ । ପୁଅବୋହୁଙ୍କ ମୋହରେ ନପଡି ନିଜ ଦେହର ଯତ୍ନ ନେ କହିଲେ ସେ ମୋଟେ ବୁଝେନା । ତେଣୁ ସଂଜିତା ବୋଉର ଏ ଦୁର୍ବଳ ଦେହ ଅସହାୟତାକୁ ଦେଖି ନଦେଖିଲା ପରି ରହିବାକୁ ବାଧ୍ୟ ହୁଏ । ଯିଏ ନବୁଝିବ ତାକୁ ବୁଝେଇ ଆଉ କେତେ ସମୟ ସେ ନଷ୍ଟ କରିବ । ସେ ତା କାମରେ ମନ ଦିଏ । ତାକୁ ଏ ଘର ଚଳେଇବାକୁ ପଡିବ । ସେ ଜଣେ ଶିକ୍ଷୟିତ୍ରୀ ।

ବୋଉ ଯୋଗୁ ଯେ ସେ ବିବାହ କରି ପାରୁନି ଏକଥା କେହି ବିଶ୍ୱାସ କରିବାକୁ ନାରାଜ । ରମେଶ ତା ପାଇଁ ତିନି ବର୍ଷ ହେବ ଅପେକ୍ଷା କରି ବସିଛନ୍ତି ବିବାହ ପାଇଁ । କିନ୍ତୁ ବୋଉକୁ ଏପରି ଏ ଅଯୋଗ୍ୟ ବିଗ୍ଧରହୀନ ପୁଅବୋହୁଙ୍କ ପାଖରେ ଛାଡି ଦେଇ ବିବାହ କରି ସୁଖରେ ଯାଇ କୋଉଠି ରହିବା ତା ପକ୍ଷେ ସମ୍ଭବ ନୁହେଁ । ଭାଉଜ ଅଧିକାଂଶ ଦିନ ରୋଷେଇ ଘର କାମ ନକରି ଶୋଇ ରୁହେ । ବୋଉ ବାଧ୍ୟ ହୋଇ ଯାଇ ରୋଷେଇ ବାସଠୁ ଆରମ୍ଭ କରି ଘରର ସବୁ କାମ କରେ । ଏବେ ସେ ଆଉ କାମକୁ ପାରୁନି ।

ସଂଜିତା ଗୋଟେ ପ୍ରାଇଭେଟ୍ ସ୍କୁଲର ଶିକ୍ଷୟିତ୍ରୀ । ସମୟ ତାର ସିନା ବିତେ କିନ୍ତୁ ପେଟ ପୁରେନା । ବୋଉ ପାଇଁ ଖଣ୍ଡେ ଭଲ ଶାଢି କିଣି ଦେଇ ନ ପାରୁଥିବାର ଦୁଃଖ ସାଙ୍ଗକୁ ରମେଶ ସାଙ୍ଗରେ ବିବାହ ହୋଇ ପାରୁନଥିବାର ଦୁଃଖ ବି ଅଛି । - ଆଉ ଗୋଟେ ବର୍ଷ ଦିଅ । ଆର ବର୍ଷକୁ ନିଶ୍ଚୟ ବାହାଘର ହେବ କହି ତିନି ବର୍ଷ ବିତେଇ ଦେଲାଣି । ରମେଶ ବି ଭଲ ଗ୍ଧକରୀ ଯୋଗାଡରେ ସମୟର ହିସାବ ରଖି ପାରିନାହାଁନ୍ତି । ତାଙ୍କ ଘର ଲୋକଙ୍କର ବ୍ୟସ୍ତତାକୁ ଆଉ କେତେ ସେ ଟାଳି ପାରିବେ । ରମେଶଙ୍କ ଘର ଲୋକ ଆଉ କୌଣସି କୈଫିୟତ ଶୁଣିବା ଅବସ୍ଥାରେ ନାହାଁନ୍ତି ।

ରମେଶଙ୍କର ବିବାହ ପାଇଁ ଗ୍ଧପ ସହିତ ସବୁଦିନ ଘରର ଝଗଡା ଓ ଅଶାନ୍ତମୟ ପରିସ୍ଥିତି ତାର ଅସ୍ଥିର ମନରେ ବିରାଟ ଦୁଃଖର କାରଣ । ବୋଉଟା ପାଇଁ ତାର ଏତେ ମୁଣ୍ଡ ବିନ୍ଧା । ତାର ଅସହାୟ କରୁଣ ମୁହଁଟା ଦେଖି ତାକୁ ଏ ପୁଅବୋହୁଙ୍କ ପାଖରେ ଛାଡି ଯାଇ ବିବାହ କରିବାକୁ ଇଛା ହେଉନାହିଁ । ଭାଇ ଭାଉଜଙ୍କ ସମସ୍ୟା ଯେ କଣ ଓ ତାର ସମାଧାନ ଯେ କପରି କରାଯାଇପାରିବ ତାକୁ ଜଣାନାହିଁ ।

ଭାଇର ଆଗରୁ ମଦ ପିଇବାର ଅଭ୍ୟାସ ନଥିଲା । ବିବାହ ପରଠାରୁ ଅଭ୍ୟାସଟା ଆରମ୍ଭ ହୋଇଛି । ଭାଉଜକୁ ସେ ମୋଟେ ସହ୍ୟ କରିପାରୁନ । ଏପରି ବିବାହର ମାନେ କଣ ବା ଏକାଠି ରହିବାର ମାନେ କଣ । ଭାଉଜର ଅଧିକାଂଶ ଦିନ କାନ୍ଦି କାନ୍ଦି ଶେଯରେ ପଡି ପଡି ଦିନ ଯାଏ । ବେଳେ ବେଳେ ତାକୁ ଦେଖିଲେ ସଂଜିତାର ଦୁଃଖ ହୁଏ । ଇଛା ହୁଏ ତା ପାଇଁ କଛି ଶାଢି ଗହଣା କଣି ଦିଅନ୍ତା । ଯଦିଓ ସ୍ୱାମୀର ସ୍ନେହ ଶ୍ରଦ୍ଧା ସମ୍ମାନ ପାଖରେ ଶାଢି ଗହଣା କଛି ନୁହେଁ, କନ୍ତୁ ସମୟ ତ ମନ ବହଲେଇ ଦଅନ୍ତା । କନ୍ତୁ ତା ଦରମା ତ ତାକୁ ନଅଣ୍ଟ, ସେ କାମନାରୁ ମନ ନବୃତ କରେ ।

ସବୁଦିନ ଘରର ଝଗଡା ଠୁ ସେଦିନ ଘରର ଝଗଡା ଆକାଶ ଛୁଇଁ ଯାଇଥିଲା । ଭାଉଜ କଛି ପ୍ରକାର ବିଷାକ୍ତ ପ୍ରଦାର୍ଥ ଖାଇ ଭିଷଣ ଅସୁସ୍ଥ ଅବସ୍ଥାରେ ତାକୁ ହଷ୍ପିଟାଲ ନଆ ଯାଇଥିଲା । ଭାଇକୁ ପୋଲିସ ନେଇ ଜେଲରେ ପୁରେଇ ଦେଲେ । ମାତାଲ ଅବସ୍ଥାରେ ସ୍ତ୍ରୀକୁ ଗାଳ ଗୁଲଜ କରି ପିଟିଥିବା ଯୋଗୁ । ସଂଜିତା ତା ସାଙ୍ଗ ରମାର ବାହାଘରକୁ ଗ୍ଧରିଦିନ ପାଇଁ ଯାଇଥିଲା । ଘରେ ଫେରିଲା ବେଳକୁ ଏ କାଣ୍ଡ । ବୋଉ ମୁଣ୍ଡ ବାଡେଇ କାନ୍ଦି କାନ୍ଦି ମୁଣ୍ଡ ଆଖି ଫୁଲେଇ ସାରିଛି ।

ସେ ଘରେ ଥିଲେ ଭାଇ ତାକୁ ଟିକେ ଡରେ । ସେ ବି ଅନେକ ଥର ଭାଇ କୋପରୁ ଢାଲ ହୋଇ ଭାଉଜକୁ ରକ୍ଷା କରିଛି । ଯଦିଓ ଭାଉଜ ତାକୁ ହିଁ ବେଶୀ ଘୃଣା କରେ । ଭାଇ ଉପରେ ଥିବା ରାଗ ଅଭିମାନକୁ ସେ ଶାଶୁ ନଣନ୍ଦଙ୍କ ଉପରେ ଶୁଝେଇ ତା ମନକୁ ଶାନ୍ତ କରାଏ । ବୋଉକୁ ଟିକେ ଦୟା କରେ କନ୍ତୁ ସଂଜିତାର ଟାଣ କଥା ଯୋଗୁ ଭାଉଜର ସବୁ ରାଗ ଆସି ସଂଜିତା ଉପରେ । ତାକୁ ମାଧମ କରି ସବୁ ରାଗ ରେ୍ଷରୁ ସେ ମୁକ୍ତି ପାଏ ।

ଏ ଘର ଛାଡି ବୋଉକୁ ନେଇ ସେ ଅନ୍ୟ ଯାଇ କୋଉଠି ରହିବାକୁ ତାର ପ୍ରବଳ ଇଛା । କନ୍ତୁ ଜଣେ ପ୍ରାଇଭେଟ ସ୍କୁଲ ଶିକ୍ଷୟତ୍ରୀ ପାଖରେ ସେ କାମନା ପୁରଣ ସମ୍ଭବ ହୁଏନ । ମାସେ ମାସେ

ଦରମା ମିଳବାକୁ ଡେରି ହୁଏ । ବୋଉର ଔଷଧ ପତ୍ର ଖର୍ଚ୍ଚ ବି ଅଛି । ତାକୁ ଏସବୁ କରିବାକୁ ପଡେ । ଭାଇକୁ ହାତ ପତାଏନା । ତାର ବି ମାସକ ଦରମା ତା ମଦ ପିଆକୁ ନଅଣ୍ଟ । ମାସ ଶେଷରେ ଅଳ୍ପକଛି ଟଙ୍କା ଘର ଖର୍ଚ୍ଚ ପାଇଁ ବୋଉ ହାତରେ ଧରେଇ ଦେଇ ସେ ନଷ୍ଟିନ୍ତ । ଆଉ କଛି ଭଲ ମନ୍ଦ ସେ ମୁଣ୍ଡରେ ପୁରାଏନ ।

ତେଣୁ ବିଗ୍ଭା ସଂଜିତା ଘରର ସବୁ ବୋଝ ନଜ ମୁଣ୍ଡକୁ ଟାଣି ଆଣିଛି । ଖୁସିରେ ନୁହେଁ ବାଧ୍ୟରେ । କନ୍ତୁ ଆଜିର ପରିସ୍ଥିତି ବଡ ଭୟଙ୍କର । ଭାଉଜ ବଞ୍ଚିକରି ହସ୍ପିଟାଲରୁ ଫେରିଲା ସତ, ହେଲେ ଦେହ ତାର ଭିଷଣ ଦୁର୍ବଳ । ଗ୍ଭଲିବାର ବି ଶକ୍ତି ନାହିଁ । ତାର ସେବା ଯତ୍ନ ସୁଷମ ଖାଦ୍ୟ ଓ ବିଶ୍ରାମର ନହାତି ଆବଶ୍ୟକ । ସଂଜିତା ତା ବାହାଘର ପାଇଁ ତିଆରି କରିଥିବା ଗହଣା ଓ ବୋଉର ପୁରୁଣା ଗହଣାକୁ ବନ୍ଧା ପକେଇ ଭାଇକୁ ଜାମିନରେ ଖଲାସ କରି ଆଣିଲା ।

ତା ପରଠୁ ଭାଇ ବହୁତ ବଦଳ ଯାଇଛି । ଏତେ ସବୁ ଘଟିଗଲା ପରେ ଯାଇ ମଣିଷ ବଦଳବାକୁ ଇଛା କରେ । କାହିଁ ଆଗରୁ ସମୟ ଥାଉ ଥାଉ ସେ ବଦଳ ପାରେନା । ତେବେ ଏତେ କାଣ୍ଡ ଘଟିବାକୁ କାହିଁକ ଯାଇଥାନ୍ତା ।

ଭାଇର ଗ୍ଭକରୀ ବି ଗ୍ଭଲିଗଲା । ସେ ପ୍ରାୟ ଘରେ ମୁକ କାଠ ପଥର ପରି ପଡି ରହିଛି । ମଦପିଆ ବି ଛାଡି ଦେଇଛି । ହାତରେ ପଇସା ଅଛି ଯେ ମଦ ପିଇବ । ଘରର ପରିବେଶକୁ ଓ ଘରର ସଦସ୍ୟମାନଙ୍କୁ ସ୍ୱାଭାବିକ ଅବସ୍ଥାକୁ ଆଣିବାକୁ ପ୍ରାୟ ଛଅମାସ ଲାଗିଗଲା । ବୋଉର ଅବସ୍ଥା ସମସ୍ତଙ୍କଠୁ ଅଧିକ ଅସହ୍ୟ ଜନକ ଥିଲା । ଏବେ ସମସ୍ତେ ସୁସ୍ଥ ହୋଇ ନଜ ନଜ କାମ କରିବାକୁ ସକ୍ଷମ ହେଲେଣି । ସମସ୍ତଙ୍କ ଭୁଲ ପାଇଁ ସମସ୍ତେ ଅନୁତପ୍ତ । କେହି କାହା ମୁହଁକୁ ଭଲରେ ଗ୍ଭହିଁପାରୁ ନଥିଲେ ବି ଭିତରେ ଭିତରେ ସମସ୍ତେ କ୍ଷମାପ୍ରାର୍ଥି ।

ଭାଇ ତାର ଅଫିସ ନଗଲେ ବି ଘରକଥା ବୁଝିବାକୁ ଆରମ୍ଭ କଲାଣି । ବାଡି ବଗିଗ୍ଭରେ ପନପରିବା ଲଗେଇବାଠାରୁ ଆରମ୍ଭ କରି ଘରର ଭଲମନ୍ଦରେ ମୁଣ୍ଡ ପୁରେଇଲାଣି । ଭାଉଜ ବି ଘରର ସମସ୍ତ ଦାୟିତ୍ୱ ନଜ ଉପରକୁ ଏଇ ସବୁ କାମ କରୁଛି । ଗ୍ରେଷେଇବାସ ଠୁ ଆରମ୍ଭ କରି ଆଉ ତ ଆଉ ବୋଉର ସେବା ପର୍ଯ୍ୟନ୍ତ ।

ସଂଜିତା ଭାରି ଖୁସି । ସେ ଏବେ ରମେଶ ସଙ୍ଗେ ତାର ଘର ସଂସାର ଆରମ୍ଭ କରିପାରିବ । ସେ ଦିନ ସେ ଅନେକ ଦିନ ପରେ ନଜକୁ ଖୁବ୍ ସୁନ୍ଦର ଭାବେ ସଜେଇ ଥିଲା । ଭଲ ଦାମିକା

ଏକମାତ୍ର ଶାଢ଼ି, ଯୋଉଟାକ ରମେଶ ତାକୁ ଉପହାର ସ୍ୱରୁପ ଦେଇଥିଲେ ଦେଖାହେବା ପରର ପ୍ରଥମ ତା ଜନ୍ମ ଦିନରେ। ମନ ତାର ଆଜି ଖୁସିରେ ପାଗଳ। ରମେଶଙ୍କର ଅଫିସ୍ ଯାଇ ତାଙ୍କୁ ଦେଖା କରି ସାରି ତାଙ୍କ ବିବାହ ତାରିଖ ଠିକ୍ କରିସାରିଲ୍ ପରେ ଯାଇ ସ୍କୁଲକୁ ଯିବ। ପ୍ରଥମେ ରମେଶଙ୍କ ସଙ୍ଗେ କଥାବାର୍ତ୍ତା କରି ସାରିଲ୍ ପରେ ଘରେ ଅନ୍ୟମାନଙ୍କୁ ଜଣେଇବ।

କନ୍ତୁ ସେ ଯାହା ଭବିଥିଲ୍ ସେପରି କଛି ହେଲ୍ନ। ରମେଶ ଅପେକ୍ଷା କରି କରି ଏବଂ ସଂଜିତା ଘରର ପରିବେଶ ପରିସ୍ଥିତି ଦେଖି ତାଙ୍କ ଘର ଲ୍ୱେକେ ତାଙ୍କର ଆଉ ଗୋଟେ ଯାଗାରେ ବାହାଘର ସ୍ଥିର କରି ତାଙ୍କୁ ଏକ ରକମ ବାଧ କରିଛନ୍ତି ବାହା ହେବାକୁ। ନର୍ବନ୍ଧ ସରି ଯାଇଛି ଆସନ୍ତା ରବିବାର ଦିନ ବାହାଘର। ତା ବ୍ୟତୀତ ସେ ବା ଆଉ କେତେ ବର୍ଷ ଅପେକ୍ଷା କରିଥାନ୍ତେ ସଂଜିତା ପାଇଁ। ସଂଜିତା ତା ଘରର ପରିସ୍ଥିତିରୁ ମୁକୁଳ ପାରିବ ସେପରି ଆଶା ତ କଛି ଦିଶୁ ନଥିଲ୍।

ଏବେ.....ଏବେ ଆଉ କଣ। ଘରର ପରିସ୍ଥିତି ସବୁ ସ୍ୱଭବିକ ଆରମ୍ଭ ହେଲ୍ ବେଳକୁ ତା ଜୀବନରେ ଝଡ ଉଠି ତାକୁ ବ୍ୟତିବ୍ୟସ୍ତ କରିବାରେ ଲ୍ଗିଲ୍ଣି। ତାର କୋଉଥିରେ ଆଉ ମନ ଲ୍ଗୁ ନଥିଲ୍। ଏବେ ପ୍ରତି ମୁହୁର୍ତ୍ତରେ ଇଛା ହେଉଥିଲ୍ ସମସ୍ତଙ୍କ ସହିତ ଝଗଡା କରିବାକୁ ଆଉ ଘରରସବୁ ଜିନଷ ଭଙ୍ଗି ରୁଜି ଦେବାକୁ। କାହାରି ସହିତ କଥାବାର୍ତ୍ତା କରିବାକୁ ଇଛା ନାହିଁ। ମାସ ପରେ ମାସ ବିତି ଯାଇଥିଲ୍ ତାର ନରବତା ଭଙ୍ଗୁ ନଥିଲ୍।

ସବୁ ଦୋଷ ରମେଶଙ୍କୁ ତ ଦିଆ ଯାଇ ନପାରେ। ସେ ଏଥିରେ ସମାନ ପରିମାଣରେ ଦାୟୀ। ଦୁଃଖ ଏତିକ ରମେଶ ତାଙ୍କ ସିଦ୍ଧାନ୍ତ ତାକୁ ଆଗରୁ ତ ଜଣେଇ ପାରିଥାନ୍ତେ। ତାକୁ କଛି ନ ଜଣେଇ ବିବାହ ପାଇଁ ଅନ୍ୟ ଠାରେ କପରି ରାଜି ହୋଇଗଲେ ଏତେ ସହଜରେ। ତାକୁ ଭରି ଅପମାନତ ଲ୍ଗୁଥିଲ୍। ପାରିବାରିକ ପରିସ୍ଥିତି ଉଣା ଅଧିକେ ସୁଧୁରିଥିବା ବେଳେ ତା ନଜର ଅବସ୍ଥା ଏବେ ଅସହ୍ୟ।

ଏ ମାନସିକ ଯ୍ୱପରୁ ମୁକ୍ତି ପାଇବାକୁ ତାକୁ ପୁର୍ ବର୍ଷେ ଲ୍ଗି ଯାଇଥିଲ୍। ଘରେ କାହାକୁ ଏ ବିଷୟରେ କେବେ ସେ ଜଣେଇବାକୁ ଯ୍ୱହେଁନ। ତା ନଜର ଦୁଃଖ ସବୁବେଳେ ତା ନଜର। ଦୁଃଖ ଅନ୍ୟକୁ କହିଲେ ଦୁଃଖ କମିଯାଏ ବୋଲି ଲ୍ୱେକେ କୁହନ୍ତି। କନ୍ତୁ ତା ପାଇଁ କଥାଟା ଓଲଟା। ତାକୁ ଆହୁରି ଅସହାୟ ଲ୍ଗେ ନଜକୁ ସମସ୍ତଙ୍କ ଦୃଷ୍ଟିରେ ଆହୁରି ଛୋଟ ଲ୍ଗେ।

ତାର ଏ ଗୁମସୁମ୍ ପରିସ୍ଥିତି ତାକୁ କେବଳେ ସେହି ହିଁ ଜାଣୁଥିଲା ବୋଲି ସେ ଭାବୁଥିଲା । ନା ତା ଅଲକ୍ଷରେ ସମସ୍ତେ ତାକୁ ଲକ୍ଷ୍ୟ କରି ଚାଲିଛନ୍ତି । ସେଦିନ ଭାଇ ତାର ଜଣେ ସାଙ୍ଗର ସାନଭାଇ ବିରେନ୍ ବାବୁଙ୍କୁ ଧରି ଘରେ ହାସର ତା ବିବାହ ପ୍ରସ୍ତାବ ନେଇ । ସେମାନେ ତାକୁ କହି ନଜଣେଇ ବୋଉର ପରାମର୍ଶରେ ସବୁ କଥାବାର୍ତ୍ତା କରି ସାରିଛନ୍ତି । ବିରେନ୍ ବାବୁ ଦିଲ୍ଲୀରେ ରୁହନ୍ତି । ଭଲ ଚାକରୀ ବି ଅଛି ଯୋଉଥିରେ କି ଦୁଇଜଣ ଆରାମରେ ଚଳ ପାରିବେ । ଖାଲି ତା ରାଜି ଉପରେ ସବୁ ଏବେ ନର୍ଭର କରେ । କନ୍ତୁ ସେ ବୋଉ ଆଉ ଘରଛାଡି ଏତେ ଦୂରରେ ରହିବାକୁ ଅନଚ୍ଛୁକ । ବୋଉକୁ ସଫା ମନା କରିଦେବାକୁ ଏ ପ୍ରସ୍ତାବରେ ସେ ଯିଦି କରିଥିଲା । ବୋଉ ବହୁତ ବୁଝେଇଥିଲା ଯେ ସେ ସୁଖରେ କୋଉଠି ଯାଇ ରହିଲେ ସେ ଶାନ୍ତିରେ ମରି ପାରିବ ।

ଭାଇ ଭାଉଜ ଆସି ବୁଝେଇଥିଲେ । ବୋଉର ସମସ୍ତ ଦାୟିତ୍ୱ ତାଙ୍କର । ତାର ସେବା ଯତ୍ନରେ କୌଣସି ପ୍ରକାର ହେଳା ହେବନ । ସେ ନଶ୍ଚିନ୍ତରେ ତା ଘର ସଂସାର ସୁଖରେ କରିବ । - "ତୁ ଏତେ ବର୍ଷ ହେବ ଏ ଘରର ଝଡ ଝଞ୍ଜାର ଏକାକ ସମ୍ମୁଖୀନ ହୋଇ ସବୁକୁ ସମ୍ଭାଳଥିଲୁ । ଏବେ ସୁଖ ଭୋଗିବା ପାଳ ତୋର । ତୁ ସମସ୍ତଙ୍କ ଆଖି ଖୋଲି ସମସ୍ତଙ୍କୁ ଠିକ୍ ବାଟକୁ ଏଇ ଆସି ପାରିଛୁ । ତାକୁ ବୃଥା ହେବାକୁ ଦିଆଯାଇ ନପାରେ ।"

ଆଶ୍ଚର୍ଯ୍ୟରେ ଚାହୁଁଥିଲା ସଂଜିତା ସମସ୍ତଙ୍କ ମୁହଁକୁ କେବଳ । ଏମାନେ କଣ ସବୁ ସେଇ ମଣିଷ । ପରିବେଶ, ପରିସ୍ଥିତି ସବୁବେଳେ ମଣିଷକୁ ବଦଳାଉଥାଏ ସେ ଜାଣେ । କେତେବେଳେ ଭଲ ଦିଗରେ ତ କେତେବେଳେ ଖରାପ ଦିଗରେ । କନ୍ତୁ ଏତେ ଶିଘ୍ର! ଭଲ ଦିଗରେ ଗତି କରିଯିବେ ବୋଲି ତାର ସନ୍ଦିହାନ ଦୃଷ୍ଟିରେ ହଜାର ପ୍ରଶ୍ନବାଚୀ । ଏବେ ବୋଉ ଆଖିରେ ଆଉ ଲୁହ ଦେବାର କଛି ମାନେ ନାହିଁ । ସୁଖ ହେଉ ବା ଦୁଃଖ ହେଉ, ତା ଆଡକୁ ବହି ଆସୁଥିବା ପବନର ସେ ସମ୍ମୁଖିନ ହେବ ନଶ୍ଚୟ ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ତୁମ ପାଇଁ.......



ପ୍ରଦେଶ କୁମାର ପ୍ରଧାନ

ଆସ ସାଥି ଆସ
ଗ୍ଭଲିବା ଆମେ ଛାଇ ଆଲୁଅର ବାଟ,
ଶୂନ୍ୟ ଦୋଳ ଝୁଲୁ ଥାଉ
ହେବ କେବେ ତା'ର ସାଥେ ଭେଟ ।
ସୁଖ ଦୁଃଖ ଭୁଲିଯିବା
ଭୁଲିଯିବା ଯେତେ ଗ୍ଭଗ ଦ୍ୱେଷ,
ହାତରେ ହାତ ଛନ୍ଦି ଗପୁଥିବା
ଗପ ହେବ ନାହିଁ ଶେଷ ।
ଅମୃତ ସନ୍ଧାନୀ ମନ ଖୋଜେ
ଉପବନେ ଯିବାକୁ ଦଣ୍ଡେ ଶୋଇ,
ଭୁଲିଯିବା ସବୁକଛି
ମନନେ ପ୍ରୀତି ରସ ପାଇ ।

ଭିଜୁଥିବା ହଜୁଥିବା
ଗ୍ଭଲୁଥିବା ପଥ ପ୍ରେମ ଗୀତି ଗାଇ,
ସରିଯିବ ସବୁ ଖେଳ
କୁହୁଡି ବଳୟ ଗଲେ ଥରେ ଡେଇଁ ।

ଜନାରଣ୍ୟେ ଖୋଜୁଥିବେ ସର୍ବେ
ହେବେ ଚକତ ଯେବେ ହେବ ଭେଟ ଘାଟ,
ବୁଲୁଥିବା ଆମେ ଜନ୍ମେ ଜନ୍ମେ
ତୁମ ପାଇଁ ମୁଁ ମୋ ପାଇଁ ତୁମେ ଘଟ ଘାଟ ।
ଆସ ସାଥି ଆସ
ଗ୍ଭଲିବା ଆମେ ଛାଇ ଆଲୁଅର ବାଟ ।

ନଇଗୁଆଁ, ଅସ୍ତରଙ୍ଗ, ପୁରୀ



# ଜୀବନ: ଏକ ଅଲେଖା ଦଲିଲ୍



ନୃସିଂହ ଚରଣ ବେହେରା

ଜୀବନତ ଏକ ଅଲେଖା ଦଲିଲ
ଜନ୍ମରୁ ମୃତ୍ୟୁ ଯାଏ
ଏ ମର୍ତ୍ତ୍ୟ ମଣ୍ଡଳେ ଯିଏ ଜନମିଛି
ସିଏ ମରଣକୁ ବରିଥାଏ ।
ଦୁନିଆର ଏହି ରଙ୍ଗମଞ୍ଚରେ
ଆମେ ସର୍ବେ କଳାକାର
ନିଜ ନିଜ ଅଭିନୟ ସାରି
ବାହୁଡିବା ସ୍ୱର୍ଗଦ୍ୱାର ।
ଜନମ ବେଳର କୁଆଁ କୁଆଁ ରାବ
ସ୍ନିଗ୍ଧ କୋମଳ ଶରୀର
ଚନ୍ଦ୍ରକଳା ପରି ବଢି ବଢି ଯାଏ
ଯେସନ ବାଳ ସୂରୁଜ ।
କୈଶୋର ସମୟ ଅତି ମନୋହର
ଚାହୁଁ ଚାହୁଁ ବିତିଯାଏ
ଯୌବନରେ ମନ ବେଗବତୀ ନଦୀ
ଅମଡା ବି ମାଡିଯାଏ ।

ମଧ୍ୟାହ୍ନଠୁ ଭରା କର୍ତ୍ତବ୍ୟରେ ଭରା
କାମନାତ ସୀମାହୀନ
ଅସ୍ତଗାମୀ ସୂର୍ଯ୍ୟ ପରିକା ବାର୍ଦ୍ଧକ୍ୟ
ତନୁ ମନ କରେ କ୍ଷୀଣ ।
ସମୟର ରଥ ଗଡି ଗଡି ଚାଲି
ପିଣ୍ଡୁ ଚାଲିଯାଏ ପ୍ରାଣ
ମଡା ବୋଲି କହି ନଛୁଇଁବେ କେହି
ଶରୀର ହୋଇବ ଲୀନ ।
ଜୀବନଟା ନୁହେଁ ନିରାଶାର ବାଲି
ଭରିଅଛି ସମ୍ଭାବନା
ସୁଖ ଦୁଃଖ ମିଶା ଏଇତ ଜୀବନ
ମାୟା ବନ୍ଧନରେ ବନ୍ଧା ।

ଭୋଇନଗର, ଭୁବନେଶ୍ୱର

**"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା** vedantimagazine@gmail.com

# ଅଣୁଗଳ୍ପ- ଅଭିନୟ



ସଂଗ୍ରାମ କେଶରୀ ପୃଷ୍ଟି

କଲିଂବେଲ୍ ବାଜିବାର କ୍ଷଣିକ ମୁହୂର୍ତ୍ତ ମଧ୍ୟରେ ଘରୁ ବାହାରି ଆସିଲା ମହେଶ । ଦେଖିଲା, ଆଗରେ ଛିଡା ହୋଇଛି ହରେଶ । ତା ବାଲ୍ୟବନ୍ଧୁ । ଏତେ ଦିନପରେ ଅନ୍ତରଙ୍ଗ ବନ୍ଧୁଙ୍କୁ ପାଇ ମହେଶ ହୋଇଯାଇଥିଲା ଆତ୍ମବିଭୋର ।

କଥା ଆରମ୍ଭ କଲା ହରେଶ – “ଜାଣିଛୁ ନା, ଏଇ ସପ୍ତାହେ ହେଲା ମୁଁ ଏଠାରେ ପ୍ରୋଜେକ୍ଟ ଅଫିସର ଭାବରେ ଜଏନ୍ କରିଛି । ଶୁଣିଲି ତୁ ଏଇ ସହରରେ ରହୁଛୁ । ତେଣୁ ତୋ ଠିକଣା ଖୋଜି ଖୋଜି ସିଧା ଏଠାକୁ ଚାଲିଆସିଲି ।

“ଭଲ କଲୁ...ବଢିଆ କଲୁ... । ଆ, ଭିତରକୁ ଆ । - ଖୁସିରେ ବନ୍ଧୁର ହାତଧରି ଘର ଭିତରକୁ ପାଛୋଟି ନେଉନେଉ କହିଲା ମହେଶ ।

ଘର ବାରଣ୍ଡାରେ ଜଣେ ବୈଦ୍ଧ ଖବରକାଗଜ ପଢିବାରେ ମଗ୍ନଥିଲେ । ମହେଶ ଚହ୍ନେଇଦେଲା – “ଇଏ ମୋ ବାପା । ଏଇ କେତେ ମାସ ହେଲା ଗାଁରୁ ଆସି ମୋ ପାଖରେ ରହୁଛନ୍ତି ।” ସୌଜନ୍ୟତା ଦୃଷ୍ଟିରୁ ହରେଶ ତାଙ୍କ ପାଖକୁ ଯାଇ ହାତଯୋଡି କହିଲା – “ମଉସା, ନମସ୍କାର, ଭଲ ଅଛନ୍ତି ତ? ”

ବୃଦ୍ଧ ଜଣକ କ୍ଷଣିକ ଉତ୍ତର ଦେବା ପୂର୍ବରୁ ମହେଶ କହିଲା – “ବାପାଙ୍କ କାନକୁ ଆଉ ଶୁଭୁନ । ଯାହା କହିଲେ ସେ କ୍ଷଣିକ ବି ବୁଝିପାରୁନାହାନ୍ତି । ବୟସ ସତୁରୀ ଡେଇଁଲାଣି । ସେ ନା କ୍ଷଣିକ ଶୁଣିପାରୁଛନ୍ତି, ନା କ୍ଷଣିକ କହୁଛନ୍ତି ।”

ଏହାପରେ ଦୁଇବନ୍ଧୁ ଘର ଭିତରକୁ ଯାଇ କଥାବାର୍ତ୍ତାରେ ମଜ୍ଜିଗଲେ । ଚା- ଜଳଖିଆ ପର୍ବ ଶେଷହେଲା । ଯିବାପୂର୍ବରୁ ହରେଶ ନିଜ ବାସସ୍ଥାନର ଠିକଣା କହି ସମସ୍ତଙ୍କୁ ଘରକୁ ନିମନ୍ତ୍ରଣ ଜଣାଇଲା ।

ଏହାର ଗ୍ଚରିଦିନ ପରେ ହରେଶ ଘରେ ପହଞ୍ଚିଯାଇଥିଲେ ମହେଶର ସେହି ବୃଦ୍ଧ ପିତା ଜଣକ । ତାଙ୍କୁ ପ୍ରଣାମ ଜଣାଇ ସମ୍ମାନର ସହିତ ଘରକୁ ପାଛୋଟି ନେଇ ଚୌକିରେ ବସାଇଲା ହରେଶ । ସ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡାକଛାଡିଲା – "ଆହେ ଶୁଣୁଚ! ମଉସା ଆସିଛନ୍ତି । ତାଙ୍କ ପାଇଁ ଟିକିଏ ଗ୍ଚ ଜଳଖିଆର ବନ୍ଦୋବସ୍ତ କର ।"

ହରେଶଙ୍କୁ ଚମକେଇ ଦେଇ ବୃଦ୍ଧ ଉତ୍ତରଦେଲେ – "ନାଇଁରେ ପୁଅ, ମୁଁ ଏବେ ଖାଇକି ଆସିଛି । ମୋର ଗ୍ଚ ଜଳଖିଆ କିଛି ଦରକାର ନାହିଁ ।"

"ହେଲେ ମଉସା...ସେଦିନ ଯାହା ଦେଖିଲି, ଜାଣିଲି ଆପଣ ତ ଶୁଣିପାରନ୍ତି ନାହିଁ, କହି ପାରନ୍ତି ନାହିଁ । ମୋ କଥା ଶୁଣିଲେ କେମିତି? "

ଏକଥା ଶୁଣି ବୃଦ୍ଧଙ୍କ ଆଖିରୁ ନିଗିଡି ପଡିଲା ଦି ଧାର ଲୁହ । କୋହକୁ ଗ୍ଚପିଧରି କହିଲେ – "କଣ କହିବି ପୁଅ ସେ ଦୁଃଖର କଥା! କେତେ ଗାଳମନ୍ଦ ଶୁଣିବି ଆଉ ପୁଅ- ବୋହୂଙ୍କର! ଶୁଣିଶୁଣି କାନ ବଧିର ପଡିଗଲାଣି । ଜୀବନକୁ ଭରି ବାଧିଲାଣି । ଏଣୁ ଏଥିରୁ ବର୍ତ୍ତିବାକୁ ମୁଁ କାଲ ହେବାର ଅଭିନୟ କରୁଛି କେବଳ । ମୁଁ କାଲ ହେବାର ଜାଣି ସେମାନେ ଆଉ ମୋତେ ଗାଳ କରୁନାହାନ୍ତି । ମୁଁ କିଛି କହିଲେ କାଳେ ଝଗଡା ହେବ, ସେଥିପାଇଁ ପାଟି ବି ଖୋଲୁନି । ଚୁପ୍ ରହୁଛି ।"

ଶିକ୍ଷକ, କିଶୋରନଗର ହାଇସ୍କୁଲ, ରାଜକିଶୋରନଗର, ଅନୁଗୁଳ, ଓଡିଶା





# କନ୍ଧମାଳ ଧକେଇ ଧକେଇ କାନ୍ଦୁଛି

ଶଶଧର ମହାପାତ୍ର

ଏ ହେଉଛି କନ୍ଧମାଳ!
ପ୍ରକୃତିର ଗନ୍ତାଘର
ଆମ ଓଡିଶା ମାଟିର
ବଣ, ପାହାଡ ଘେରା,
ଶସ୍ୟ ଶ୍ୟାମଳା ଧରା,
ଏଠି ପ୍ରକୃତିରାଣୀ ହସୁଛି,
ବଣ ଫୁଲର ବାସ୍ନାରେ
ଏଠି ପବନ ମହମହ ବାସୁଛି,

ଏ ହେଉଛି ମନ୍ଧମାଳ!
ଏଠି ସୁଖ ନାହିଁ, ଦୁଃଖ ବେଶି ଅଛି,
ଏଠି ହସ ନାହିଁ, କାନ୍ଦ ବେଶି ଅଛି,
ଏଠି ଛଳନା, ପ୍ରତାରଣା ନାହିଁ
ଭଲପାଇବା ବେଶି ଅଛି,
ଏଠି ଆଶା ସୀମାହୀନ ନୁହେଁ
ବରଂ ସୀମିତ,
ଏଠି ସ୍ୱପ୍ନ ବାରମାସୀ
କିନ୍ତୁ, ସମସ୍ତେ ସେଥିରୁ ବଞ୍ଚିତ,
ଏଠି ଶୂନ୍ୟରେ ଝୁଲୁଛି ଏକ ଅଦୃଶ୍ୟ ସିଡି,
ଉପରକୁ ଉଠିବାକୁ ଚେଷ୍ଟାକଲେ ଜଣେ
ପଡିଯିବ ମୁହଁମାଡି

ଏ ହେଉଛି କନ୍ଧମାଳ!
ଏଠି ପେଟରେ ଅସୁମାରେ ଭୋକ
ଏଠି ତଣ୍ଟିରେ ଅନେକ ଶୋଷ
ପିଇବା ପାଣି ଟୋପେ ପାଇବାପାଇଁ
ଦିନରାତି ଚାଲିଛି ସଂଘର୍ଷ
ଏଠି ଜନ୍ମ ଓ ମରଣ ମଧ୍ୟେ
ଦୂରତା ନିକଟ
ବଞ୍ଚିବାକୁ ବିଧି ମାରେ
ବାରମ୍ବାର ଛାଟ
ଏଠି ସକାଳେ ଓ ସଞ୍ଜେ ସ୍ୱପ୍ନ
ଜନ୍ମ ନେଉଛି, ମରୁଛି,
ମନରେ ଲାଗିଲେ ନିଆଁ
ଏଠି କିଏ କାହିଁ ବୁଝୁଛି?
କନ୍ଧମାଳ ଆଜି
ଧକେଇ ଧକେଇ କାନ୍ଦୁଛି,

ଏ ହେଉଛି କନ୍ଧମାଳ!
ରାଜଧାନୀଠାରୁ ବହୁତ ଦୂରରେ
ଏଠି ଈଶ୍ୱର ଅଛନ୍ତି ଲୁଚି ପ୍ରତି ଘରେ, ଘରେ
ଏଠି ରାଜଧାନୀ ଭଳି ନାହିଁ ଗହଳି, ଚହଳି
ଏଠି ମଣିଷ ଖାଇ ବଞ୍ଚେ
ତେନ୍ତୁଳି ମଞ୍ଜି, ଆମ୍ବ କୋଇଲି
ଏଠି ଜଣେ ରୋଗୀ କି ପ୍ରସୂତିଙ୍କପାଇଁ

୧୦୮ ଆମ୍ବୁଲାନ୍ସ ସେବା ଅପହଞ୍ଚ
ଏଠି ମଣିଷ ଜୀବନ ମୂଲ୍ୟହୀନ, ତୁଚ୍ଛ
ଏଠି ରୋଗୀଟିଏ ବୁହାହୁଏ କାହାରି କାନ୍ଧରେ,
କେତେବେଳେ ସିକା- ବାଉଙ୍ଗୀରେ, ଖଟିଆରେ
ଏଠି ସରକାରୀ ପ୍ରତିଶ୍ରୁତି ମିଳଥାଏ
କାଗଜ, କଲମରେ
ସ୍ୱପ୍ନ ସବୁ ହାତଛଡା ହୁଏ ହାତ ପାଆନ୍ତାରେ
ମନ ଝୁରେ, କଆଁ ଜଳେ କାହାରି ଅନ୍ତରେ
ଏଠି ଦେଖ କେବଳ ସରଳ, ନିସ୍କପଟ,
ନିର୍ବିକାର, ନୀରସିଆ ମୁହଁ
ଏଠି ଲହଡି ଭାଙ୍ଗୁଛି ନିତି ନିରବରେ ଲୁହ

ଏ ହେଉଛି କନ୍ଧମାଳ!
ଏଠି ଯେତେ ଦମ୍ଭ କଲେ
ଶୀତ ଦିନେ ଥରିଯାଏ ଛାତି,
ଏଠି ଗ୍ରୀଷ୍ମରେ ଭୀଷଣ ତାତି,
ବର୍ଷାରେ ଭିଜେ ଚାଷୀ ପେଟପାଇଁ
ଖଟିଖଟି ନିତି,
ବାତ୍ୟା ଓ ମରୁଡି ଆଣିଦିଏ ଭିତି
ଭଙ୍ଗା ଚାଳ ଦେଇ ରାତିରେ ଆସେ
ହସି ହସି ଜହ୍ନରାତି,
ରାତିହେଲେ କିଏ ଜଣେ ଗାଉଥାଏ
ବେଦନାର ଗୀତି,
ତଥାପି ଏଠି ଅଛି ଶାନ୍ତି
ଏଠି ଖୋଜିଲେ କଷ୍ଟେ ମିଳିବ ଶାନ୍ତି

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ପ୍ୟୁଟରରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ନଂପୁଷକ



ବିନୟ ମହାପାତ୍ର

ରାଜ ରାସ୍ତା ଠାରୁ କିଛି ଦୂରେ,
କଣ୍ଟାଝୁଣ୍ଟା ବୁଦା ଆର ପଟେ,
ପଥର ଉପରେ,
ଅର୍ଦ୍ଧ ନଗ୍ନ ଯୁବତୀ ଟିଏ,
ଚିରା ଲୁଗାରେ ଢଙ୍କା,
ଜୀବଶୂନ୍ୟ ନଗ୍ନ ଯୌବନ ।
ବଞ୍ଚିଛି, କି ମରିଛି,
କାହାର ବା କଣ ଯାଉଛି?
ଗୁରି ପଟେ ଭୋକିଲା କୁକୁର ପରି
ବେଢିଛନ୍ତି, ଯୁବା ଭେଣ୍ଡିଆ
ଠାରୁ ଷାଠିଏ ବର୍ଷ ର ବୁଢା ଯାଏ,
ସର୍ବଗିଳା ଲୋଭିଲା ଆଖିରେ,
ଗୋଟେ ଯୁବତୀର,
ଅର୍ଦ୍ଧନଗ୍ନ ନିର୍ଜୀବ ଶରୀର ଉପରେ,
ସତେବା ଏଇଲେ ଖାଇ ଯିବେ ।
କାହିଁକି ଆସେନା ନଜର,
ସେ ଶରୀର ରେ ନିଜ କନ୍ୟା,
ମାଆ କିମ୍ବା ଭଉଣୀର ମୁହଁ ?
କାହିଁକି ଯାଏନା ହାତ,
ଢାଙ୍କି ଦେବାକୁ କନା ଖଣ୍ଡେ
ଦେବଙ୍ଗତା ମାତା ଶରୀର ରେ ।

କଳକା ସେ ଫୁଟିବା ଆଗରୁ,
ଜଳ ଗଲା, କାହାର ଏ କନ୍ୟା,
ଭଗ୍ନି ଅବା ମାତା ।
କିଏ ସିଏ ଶୋଷି ନେଲା
ତାର ସଂଚିତ ମର୍ଯ୍ୟାଦା ସଙ୍ଗେ
ଜୀବନ ର ବାକି ଥିବା,
ମୁହୂର୍ତ ସବୁକୁ ।
ବିକଳାଙ୍ଗ ମନ,
ବ୍ୟାଧିଗ୍ରସ୍ଥ ବିବେକ
ଏବଂ ଏକ ନିର୍ଲଜ ଆତ୍ମାର,
କ୍ଷୁଧାର ବଳି ଚଢି ଗଲା ।
କ୍ଷୁଧାର୍ତ୍ତ ଶରୀର,
ଅପରାଧୀ ମନର ଦାସତ୍ୱ,
କେମିତି ସେ ପୁରୁଷ ପଣିଆ,
ଶତ ଧିକ୍କାର ତାକୁ,
ମଣିଷ ସେ ନଂପୁଷକ,
ପ୍ରବୃତିରେ ପଶୁ ।

ସେକ୍ଟର- ୯, ପକେଟ୍- ୪,
ନରେଲା, ଦିଲ୍ଲୀ

# ଦୁଇ ସମଲପୁରି କବିତା



ଆଶୁତୋଷ ମେହେର

## ( ୧)

## ସୁଖେ ହସୁ ଥିବ

ଫୁଲଟେ ଫୁଟଲେ ରଙ୍ଗ ଚହଟସି
ବାସନା ଯାଏସି ଖେଲି,
କେଡେ ସୁନ୍ଦରିଆ ଦିଶୁଥିସି ସତେ
ଫୁଟଲେ ପାଖଡା ମେଲି ।।

କଏ ସେ ଛିଡାସି ସକାଳୁଁ ସକାଳୁଁ
ମନ୍ଦିରେ ଚଢାମି ବଲି
କଏ ଗୁନ୍ଥୁଥିସି ମାଲମାଲ କରି
ବେନଥିଁ ଖୁଚମି ମାଲି ।।

ତଥାପି ଫୁଲଟା ଦୁଃଖମନା ନେଁସେ
କହେସି ଜୀବନ କଥା
ଯେନ ଠାଁନେ ଥିଲେ ସୁଖେ ହସୁଥିବ
ନେ ଭରି ମନଥି ବ୍ୟଥା ।।

## ( ୨)

## ମନ ଦିଆ ନଆ

ସୁନା କେ ଚହ୍ନସି ସୁନାରି
ଆଉ ଜ୍ଞାନ କେ ଜ୍ଞାନଜନ,
ଜୀବନ ଉଲ୍ସି ଭୁଲ୍ସି
ସାଂଗ ସରସା ଏକ ଜନ ।।

ଚମକ ଯାଏସି ଚେହେର୍
ତ ଭୁର୍ ଭୁର୍ସି ବାସନା
ମନର ପାଏନ୍ ଚହଲି
ଫିଟସି ସୁଖର ଝରନା ।।

ମନ ଦିଆ ନଆ ଏନତା
ଦୁନଆଁ ଦେଖସି ଉଲଟି,
ପେରେମ୍ ପରେ ମୂଲ୍ଧାର
ସରଗ ବନସି ଇ ମାଟି ।।

ଆର୍ଯ୍ୟପଲ୍ଲୀ, କଟ୍ ଛକ,
ପଟିଆ, ଭୁବନେଶ୍ୱର

# ଜ୍ଞାନୋଦୟ



ଡ. ସୌମ୍ୟ ରଞ୍ଜନ ମିଶ୍ର

କିଛି ଦିନ ହେବ ସୁଦର୍ଶନର ଦର୍ଶନ ମୋତେ ମିଳିନଥିଲା ଲଗାଣ ବର୍ଷା ଯୋଗୁ । ରବିବାରରେ ପକୁଡି ଆଉ ଚା' ର ବ୍ୟବସ୍ଥା କରି ତାକୁ ଡାକିଲି । ପ୍ରଥମେ ସୁଦର୍ଶନ ବର୍ଷା ହେଉଛି ବୋଲି କହି ବାହାନା କରୁଥିଲା । କିଛି ବାହାନା ମୁଁ ଶୁଣିବିନି ବୋଲି କହିଲାରୁ କୁନ୍ଥେଇ କରି ହଁ ମାରିଲା । ତୁ ଆସିଲେ ପକୁଡି ଛଣା ହେବ ବୋଲି ମୁଁ ତାକୁ ତାଗିଦ କଲି । ସୁଦର୍ଶନ ଜାଣିଛି ମୁଁ ସମୟର ପକ୍କା । ଠିକ୍ ସମୟରେ ଆସି ପହଞ୍ଚିଲା ସେ । ମୁଁ ଦେଖିଲି ସୁଦର୍ଶନର ଗୋଲମଟୋଳ ମୁହଁଟା ତୋଟା ପଲେଇ ଆମ୍ବ ପରି ହୋଇଯାଇଛି । କ'ଣ ହୋଇଛି କିରେ? ତୋ' ତେଜ କିଣ କମିଗଲା ପରି ଲାଗୁଛି? – ମୁଁ କହିଲି । ରାଇସିନା ହିଲ୍ କୁ ଯାଇଥିଲେ ସିନା ତେଜ ଆହୁରି ବଢିଥାନ୍ତା । ଠୋ ପଟାସ୍ କହିଦେଲା ସେ । ଦିଲ୍ଲୀ ଆଡେ ଯାଇଥିଲୁ କି? ମୋତେ ଜଣାଇ ନାହୁଁ ତ? କ'ଣ ପାସ୍ ଫାସ୍ ମିଳିଲାନି କିରେ? ଏତେସବୁ ପ୍ରଶ୍ନର ଉତ୍ତର ସେ ଚୁପ୍ ହୋଇ ଦେଲା ।

ଖୋଳତାଡି ପଚାରିବାରୁ ଜଣାପଡିଲା – ସେ ରାଷ୍ଟ୍ରପତି ହେବାପାଇଁ ଚାହୁଁଥିଲା । କିନ୍ତୁ ବିଚରା ଫର୍ମ ଫିଲପ୍ ବି କରିପାରିଲାନି । ସେଥିପାଇଁ ରାଗ ଅଭିମାନରେ ଏପରି ଦେଖାଯାଉଛି । ତୁ'ଟା ପାଗଳ ହୋଇଗଲୁଣି କିରେ? ତୁ କ'ଣ ଜାଣିନାହୁଁ ରାଷ୍ଟ୍ରପତି କିପରି ବଛାଯାଏ ବୋଲି? – କହିଲି ମୁଁ ।

ମୋ କଥା ସରିଛି କି ନାହିଁ ସେ କହିଲା – ମୋର ତ ସବୁ ଗୁଣଗ୍ରାମ ରାଷ୍ଟ୍ରପତି ହେବାପାଇଁ ଅଛି । ମୁଁ ଭାରତର ନାଗରିକ । ମୋର ମସ୍ତିଷ୍କ ଠିକ୍ କାମ କରୁଛି । ମୁଁ କୌଣସି ଅପରାଧ ସହ ସମ୍ପୃକ୍ତ ନାହିଁ । ଶିକ୍ଷାଗତ ଯୋଗ୍ୟତା ସହିତ ୩୫ ବର୍ଷ ବି ପାରେଇଛି ।

ଦେଖ ବାବୁ, ତୁ ଯେଉଁଟା କହିଲୁ ସେସବୁ ମାଟ୍ରିକ ପାଠ । ତା'ପରେ ତୁ ପଢିଲୁ ବିଜ୍ଞାନ । ତେଣୁ ଜାଣିବୁ କେମିତି! ରାଷ୍ଟ୍ରପତି ପ୍ରକୃତରେ ଗୋଟିଏ ରାଜନୈତିକ ପଦ । ଏହି ପଦରେ ବସିବାକୁ

ହେଲେ ରାଜନୀତିର ବୁଡା ଶେଉଳମାନଙ୍କ ସହିତ ବସାଉଠା ଥିବା ଲୋକ ହିଁ । ନାମାଙ୍କନ ସମୟରେ ସେଥିରୁ ଗଣ୍ଡିଏ ତୁମ ଥଳୀରେ ଆପେଆପେ ପଶିବା ଆବଶ୍ୟକ ।

ଖାଲି ବସାଉଠା ଥିଲେ କ'ଣ ହେଇଯିବ? ନିର୍ମାୟା ସୁଦର୍ଶନର ପ୍ରଶ୍ନରେ ନ ହସି ମୁଁ ରହିପାରିଲିନ । ନା'ରେ କଏ କଏ ଥଳୀରେ ପଶିବେ ସେଇଟା ବିଧି ନିର୍ଦ୍ଦିଷ୍ଟ । ଗଣତନ୍ତ୍ରରେ ତ ସମସ୍ତଙ୍କର ଲଢିବାର ଅଧିକାର ଅଛି? ଜୋର୍ ଦେଇ କହିଲା ସେ । ହେଲେ କେଉଁ ଧର୍ମ, କେଉଁ ଜାତି, କେଉଁ ଲିଙ୍ଗରେ ତୁମେ ଜନ୍ମ ନେଇଛ ସେଇଟା ତ ବିଧି ନିର୍ଦ୍ଦିଷ୍ଟ ନା! ତୁମ ଜନ୍ମଭୂମି କେଉଁଠି, ତୁମ କର୍ମଭୂମି କେଉଁଠି ସେ ସବୁର ବି ବହୁ ପ୍ରଭାବ ରହିଛି ।

ଭିତରୁ ମୋ ସ୍ତ୍ରୀ କଥାସବୁ ଶୁଣୁଥିଲେ । କହିଲେ – ତାଙ୍କୁ କୁହ ପ୍ରଥମେ କାହାର ପତି ହୁଅନ୍ତୁ । ତା' ପରେ ରାଷ୍ଟ୍ରପତି ହେବାର ସ୍ୱପ୍ନ ଦେଖିବେ । କେତେଦିନ ଆମେ ଆଉ ଏମିତି ପକୁଡି ଗୁଡ଼ା ପରଷୁଥିବୁ । ଭାଉଜର କଥା ଶୁଣି ସୁଦର୍ଶନର ମୁହଁ ଲାଲ୍ ହୋଇ ଆସିଲା । ଓହଳଥିବା ମୁହଁ ପୁଣି ଗୋଲ୍ ଦିଶିଲା । ତା' ଭାଉଜ ଆଉ ଛେକେ ପକୁଡି ଆଣିଲା ବେଳକୁ ସୁଦର୍ଶନ ଯାଇସାରିଥିଲା । ସ୍ତ୍ରୀ କୁ ଚାହିଁ ମୁଁ ଭାବୁଥିଲି – ପତି ଓ ରାଷ୍ଟ୍ରପତି ଭିତରେ ବେଶୀ କିଛି ଫରକ ନାହିଁ । ଉଭୟ ଖାଲି ନାଁ କୁ ମାତ୍ର ।

ମଧଖଣ୍ଡୀ, ଶ୍ରୀ ବଳଦେବ ଜୀଉ, କେନ୍ଦ୍ରାପଡା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com



ମୋହନ ଚନ୍ଦ୍ର ବିଷୋୟୀ

# ଜନ୍ମଦାତା

ମାଁ ପାଇଁ ଲେଖା କେତେ ପୋଥି ପୁରାଣ,
କେତେ ଗୀତ କେତେ କବିତା,
ମାଁ ମହତ୍ୱ ନଜାଣେ କିଏ?

ପିତା ଅଟନ୍ତି ପ୍ରଚ୍ଛଦପଟର ନାୟକ,
ସଂସାର ଗାଡ଼ିର ଚାଳକ,
ତାଙ୍କ କଥା କହେ କିଏ?

ଯିଏ ସଂସାର ବୋଝକୁ ମୁଣ୍ଡେଇ,
ଦିନେ ପେଟ ଭରି ଖାଇ ନାହିଁ।
ଯିଏ ପରିବାର ର ଅଳି ଅଝଟ ସହି,
ଦିନେ ସୁଖ ନିଦ୍ରାରେ ଶୋଇ ନାହିଁ।



ଆଖି ଲୁହ ଯାର ସୀମା ଟପେ  ନାହିଁ,
ତାଙ୍କର ଏହି ବ୍ୟଥାପୂର୍ଣ୍ଣ ଗାଥା,
ଗାଇ ବା ପାରିବ କିଏ?

ଚାଲି ଶିଖିଥିଲୁ ଧରି ଯାର ଆଙ୍ଗୁଳି,
ସଂସ୍କାର ଓ ନୀତିଶିକ୍ଷା ଦେଇଛି ଯାର ଗାଳି ।
ଦୁନିଆର ସବୁ ଖୁସି ଜିଏ ପାଦତଳେ ଦିଏ ଢାଳି,
ସରଗ ଚାନ୍ଦକୁ ତୋଳି ଆଣିଦିଏ କରିଲେ ଅଳି।

ଆମ ଦୁଃଖେ ଦିଏ ମଥା ପିଟି,
ଆଦର ଉଦାର ପଣେ ,
ତାଙ୍କ ସମତୁଲ ହେବ କଏ?

ଯିଏ ପାଶେଥିଲେ ଥାଏ ବଳ  ସାତ ସିଂହର,
ଯିଏ ପାଶେଥିଲେ ଥାଏ ଧୈର୍ଯ୍ୟ ସପ୍ତଗିରିର।
ଭାବିଛକି ଦିନେ ତାଙ୍କ ବିହୁନେ ସ୍ଥିତି କଜର,
ଏ ଜୀବନ ଯୌବନ ସବୁ ଅଟେ ଦାନ ତାଙ୍କର।

ପିତା ସୃଷ୍ଟି ପିତା ଶ୍ରଷ୍ଟା,
ଋଣ ତାଙ୍କର କେହି ସୁଝି ନାହିଁ,
ନା ସୁଝିପାରିବେ କଏ?

ସବୁ ଯାଣିଶୁଣି ମଣିଷ ଆଜି କରୁଛି ବ୍ୟତିକ୍ରମ,
ମାୟା ମୋହୋରେ ଲୀନହୋଇ ବୋଧେ ହୋଇଛି ମତିଭ୍ରମ।
ତ୍ରେତୟାରେ ପିତୃସତ୍ୟ ପାଳ ବନବାସ ଯାଇଥିଲେ ରାମ,
ଆଜି ଦେଖ ପୁତ୍ର ପ୍ରୀତି ପାଇଁ ପିତା ଜାଏ ବୃଦ୍ଧାଶ୍ରମ।

ପିତାମାତାଙ୍କୁ କାନ୍ଧେକରି ଭାର ବହୁଥିଲେ ଶ୍ରବଣ କୁମାର,
ଆଜି ବୋଝ ଭାବି ତାଙ୍କୁ ପିଲାଏ କରନ୍ତି ଘରୁ ବାହାର।
ବାଃବାଃରେ କୁମର ଗୁଲି ଶିଖିଥିଲୁ ଧରି ହାତ ଯାହାର,
ଆଉ କାହା ହାତ ମିଳଗଲା ପରେ କରିଦେଉ ତାକୁ ପର।

ଆଜି ସିନା ତୁ କୁମର,  କାଲି ସାଜିବୁ ପିତା କାହାର,
ସମୟର ଚକ ହାଜର ହବାକୁ ସେଦିନ ନାହିଁ ବେଶି ଦୂର ।

ଖରଖରିଆ,  ବଣଶୋଳା,  ଚକଟି,  ଗଞ୍ଜାମ

# ଜୀବନ



ପ୍ରିୟମ୍ବଦା ସେଠି

( ୧)

ଜୀବନ ହେଉଛି

ସୁଖ ଦୁଃଖ, ହସ ଲୁହ

ଖରା ଛାଇ, ଆଲୁଅ ଅନ୍ଧାର

ଚକ୍ରରେ ପରିବେଷ୍ଟିତ ।

( ୨)

ଜୀବନ ହେଉଛି

ଏନ୍ତୁଡି ଶାଳର ବହ୍ନିଠାରୁ

ଜୀବନେ ଗ୍ରୀଷ୍ମର ପ୍ରଖୋର ଉଷ୍ଣତା ସହିତ

ଜୁଇର ଅଗ୍ନି ପର୍ଯ୍ୟନ୍ତ ।

( ୩)

ଜୀବନ ହେଉଛି

ବସନ୍ତର କୋଇଲିର ମଧୁର ସୁର ଠାରୁ

ଗ୍ରୀଷ୍ମର ପ୍ରଚଣ୍ଡ ସୂର୍ଯ୍ୟଙ୍କ ତାପ

ବର୍ଷାର ଭିଜାମାଟିର ବାସ୍ନା ସହିତ

ଶୀତରେ ନାଲି ଟୁକୁଟୁକୁ ସାଧବ ବହୁର ଗୁଲି ପର୍ଯ୍ୟନ୍ତ ।

( ୪)

ଜୀବନ ହେଉଛି

ମୋହ ମାୟା ଜଞ୍ଜାଳ

ସୁଖ ଦୁଃଖ, ହସଖୁସି

ଲୁହ ଲହୁ, ଆଶା ନିରାଶ

ଇତ୍ୟାଦିର ବାଇଶି ପାବଚ ।

( ୫)

ଜୀବନ ହେଉଛି

ମାତୃଭୂମିର ଆର୍ଶିବାଦଠାରୁ

ମମତାମୟୀ ମାଆର କୋମଳ ସ୍ପର୍ଶ ଓ

ଅନାବିଳ ସ୍ନେହ ସହିତ ବାନ୍ଧି ହୋଇ

ପୁଣି ଧରତୀ ମାଆର କୋଳରେ ବିଲିନ ହେବା ପର୍ଯ୍ୟନ୍ତ ।

( ୬)

ଜୀବନ ହେଉଛି

ପାହାନ୍ତି ତାରାର ଆଗମନଠାରୁ

ସକାଳର କଅଁଳ ଖରାର ସ୍ପର୍ଶ

ଗୋଧୂଳିର ଛାଇ ଲେଉଟିଆ ବେଳ ସହିତ

ଅନ୍ଧାରରେ ଜୁଳୁଜୁଳିଆ ପୋକର ମିଞ୍ଜି ମିଞ୍ଜି ଆଲୋକ ପର୍ଯ୍ୟନ୍ତ ।

( ୭)

ଜୀବନ ହେଉଛି

କୋମଳହୃଦୟ, ଦୁଃଖୀର ଦୁଃଖ ପାଇଁ

ପାହାଡ, ଦୁଃଖକୁ ଲଙ୍ଘିବା ପାଇଁ

ନଦୀର ସୁଅ, ସମୟର ସହତାଳଦେଇ ଗ୍ଭଲିବା ପାଇଁ

ଝରଣା, ଖୁସୀରେ ଗୀତ ଗାଇ ନାଚବା ପାଇଁ

ସମୁଦ୍ର, ସବୁକଛି ନଜ ଭିତରେ ବିଲିନ କରିବା ପାଇଁ

ବଟ ବୃକ୍ଷ, ଜର୍ଜରିତ ସମୟରେ ଶୀତଳ ଶାନ୍ତି ଦେବାପାଇଁ

ସ୍ନେହମୟୀ ମାତୃଭୂମି, ସମର୍ପିତ ଆତ୍ମୀୟ ମାନଙ୍କ ପାଇଁ ।

ଭ୍ରତୀୟ ଲଘୁ ଉଦ୍ୟୋଗ ବିକାଶ
ବ୍ୟାଙ୍କ, ଭୁବନେଶ୍ୱର



# ପ୍ରେମିକା



ସୁବ୍ରତ କୁମାର ମୁଦୁଲି

ଡହଡହ ଖରା ସହିତ ସାଥିହୋଇ ସେଇ ଝିଅଟି କେମିତି କେଜାଣି ମୋ' ନଜରକୁ କଛିଦିନ ତଳୁ ଆସିଥିଲା । ଯାହାକୁ ଦେଖିବା ପାଇଁ ମୁଁ ଏକ ରକମ ପାଗଳ ହୋଇ ଉଠୁଥିଲି କାରଣ ସେ ମୋ' ପୁରୁଣା ପ୍ରେମିକାପରି ଦେଖାଯାଉଥିଲା । ଯା'ହେଉ କାଲି ଲଘୁଚାପ ବର୍ଷାରେ ମୁଁ ତାକୁ ଦେଖିଲି ବସଷ୍ଟପରେ ଓଦାଓଦା ପୋଷାକରେ ସେ ଆହୁରି ଆପଣାର ଲାଗୁଥିଲା । ମୁଁ ଆଗଭଳ ଚୁପଥାଇ ତାକୁ ନରୀକ୍ଷଣ କରୁଥିଲି ଆଖି ଆଗରେ ନାଚୁଥିଲା ସେଇ ହଜିଲା ଦିନର କଥା - ମୋ' ପ୍ରେମ ମୋ' ପ୍ରେମିକା ଆଉ ହାରିଯିବାର ମେଞ୍ଜା ମେଞ୍ଜା କାହାଣୀ । ଦି ଗ୍ରିଟା ବୁଲାକୁକୁରଙ୍କ କୁଙ୍କୁରି କାଙ୍କୁରି ଶବ୍ଦରେ ମୋ' ଧ୍ୟାନ ଭଗ୍ନ ହେଲା । ଆଗରେ ରଖା ହୋଇଥିବା ବାଇକ ଆଇନାରେ ମୁହଁ ଦେଖିଲି ଭାବନାକୁ ଅଟ୍ଟହାସ୍ୟ କରୁଥିଲା ମୋ' ଢଳଲା ବୟସ । ମୋବାଇଲ ରିଂ ଶବ୍ଦରେ ବାସ୍ତବତାକୁ ଫେରିଲି। ମା' ଫୋନକରି ମୁଁ ବର୍ଷାରେ ଭିଜିବା ଆଶଙ୍କାରେ ବ୍ୟସ୍ତ ହେଉଥିଲେ ।

ବୁଝିଲି ....ପ୍ରକୃତରେ ପିଲାମାନଙ୍କ ପାଇଁ ବାପା ମା' ମାନେ ହିଁ ଜୀବନ୍ତ ଇଶ୍ୱର। ତେଣୁ ମୋ' ପ୍ରେମିକା ତା' ବାପା ମା'ଙ୍କ କଥାରେ ପଡି ମତେ ପ୍ରତାରଣା ଦେଇ କଛି ଭୁଲ କରିନ । ସାଇକେଲ ବାହାରକରି ଫେରିବା ପାଇଁ ପ୍ରସ୍ତୁତ ହେଉଥିଲି । ହଠାତ ମୋ' ପାଦ କ୍ଷଣିକ ପାଇଁ ଅଟକଗଲା । ଝିଅଟି ବୋଧେ କାହାକୁ ଫୋନରେ ବଡବଡ ପାଟିରେ କହୁଥିଲା ....... ଛତିଶ ଆୟେଙ୍ଗେ ଛତିଶ ଯାୟେଙ୍ଗେ ଲେକିନ ମେରା ବାଲା ତୋ ପାପା ଲାୟେଙ୍ଗେ ।

ଦେଉଳ, ଏରସମା, ଜଗତସିଂହପୁର

# ସେ କବି




ବରୁଣ କୁମାର ଦାସ

ଅଭାବ, ଦୁଃଖ
ରୋଗ, ବ୍ୟାଧି ନିତ୍ୟସଙ୍ଗୀ
ନିସଂଗତାକୁ ନିଜଲୋକ
କରି ନେଇଥାଏ
ପ୍ରେମକୁ ସ୍ପନ୍ଦନ ଭିତରେ
ହଜେଇ
ମଣିଷପଣକୁ
ଭିଡି ଧରିଥାଏ
ସେ କବି ।
ଶୀର୍ଷ ପ୍ରଶୀର୍ଷରେ
ଛାତିର ରକ୍ତ ପିଆଇ
ଶକ୍ତ କରେ ଶବ୍ଦ ସବୁକୁ
ତାଲିମ ମନକୁ
ଲୟ ତାତିରେ ସଂତୁଳ
ବ୍ୟଞ୍ଜନ ଯୁଥ କରୁଥାଏ
ଶତ ପ୍ରତିଶତ ଆପଣାପଣେ ।

ସେ କବି
ବଳକା ଭାବନା ସବୁକୁ
ମନ୍ତ୍ରରେ ବଶକରେ
ସାଲିସ କରେ କଲମ ସହ
କାଗଜ ଥାଳରେ
ପାଠକ ମନଲାଖି
ପରେବେଶଣ ପାଇଁ
ନିରନ୍ତର ନିଦ ହଜିଯାଏ ।

ପାଳୁସିଆ, ଦେହୁର୍ଦା, ବାଲେଶ୍ୱର



# ସମୁଦ୍ର ଓ ଝାଉଁବଣ

ମୂଳ ରଚନା( ବଙ୍ଗଳା) : ରାଜୁ ଦେବନାଥ



ସନାତନ ମହାକୁଡ

ନିବିଡ ଝାଉଁ ବଣର ପାଶେ-

ଏକ ବ୍ୟର୍ଥ ପ୍ରେମିକର ସ୍ୱର

ବାରମ୍ବାର ଢେଉ ହୋଇ ଫେରି ଫେରି ଆସେ ।

ବେରୁଆଁବାରୀ, ନୟାଗଡ, ଓଡିଶା

**"ବେଦାନ୍ତୀ ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଅଗଷ୍ଟ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା: vedantimagazine@gmail.com"**

# ଅସ୍ତରାଗିଣୀ

( ଧାରାବାହିକ)



ପ୍ରଫେସର ଅଜନ୍ତା ପଣ୍ଡା

## ( ଭାଗ ୧୮)

ବରବିନ ଷ୍ଟ୍ରିଟ ଫ୍ରେଞ୍ଚ କ୍ୱାଟର୍ସ ପାଖା ପାଖି ଲି ମାରାଇସ୍ ହୋଟେଲ୍ ବୁକ୍ କରିଥିଲେ ଆରଣ୍ୟକ ।

ହୋଟେଲ ଟି କେବଳ ରହିବାପାଇଁ ଭଲ ଆଉ ସ୍ୱଚ୍ଛନ୍ଦ ନୁହେଁ, କନଭେନସନ୍ ସେଣ୍ଟରକୁ ମଧ ପାଖ ।

ଆମେରିକାର ଫ୍ଲାଇଟ୍ ସାଧାରଣତଃ ବିଳମ୍ବ ହୁଏ ନା । ହେଲେ ଲୁଇସ୍ ଆମଷ୍ଟ୍ରଙ୍ଗ ଏୟାର ପୋର୍ଟରୁ ବରବିନଷ୍ଟ୍ରିଟ୍ ରାସ୍ତାରେ ସେମାନଙ୍କୁ ଗତ ହୁରିକେନ୍ କାଟ୍ରିନା ସାଇକ୍ଲୋନ୍ ର ମିଡିଆ କଭରେଜ୍ ଭିତରେ ପଶିବାକୁ ପଡିଥିଲା । ଆଠ ବର୍ଷ ବିତି ଯାଇଥିଲେ ବି ପବ୍ଲିକ୍ ସେଇ ଅନୁଭୂତି କୁ ଭୁଲି ନାହାଁନ୍ତି ।

ଆଇ ଆମ ସରି କବି । ପ୍ରୋଗ୍ରାମ ପୂର୍ବରୁ ଆମେ ଶ୍ରୀ ଅଧିକରୀଙ୍କ ସଂଗେ ସାକ୍ଷାତ୍ କରିପାରିବାନ ।

ଶ୍ରୀ ଅଧିକାରୀ - - - ଓଡିଶାର ଗର୍ବ- - ଆଜି ସେ ଆମେରିକାରେ ସମ୍ମାନତ । ଆନନ୍ଦରେ ଫାଟି ପଡୁଥିଲେ ଡାଃ ନବେଦିତା । ପ୍ରୋଗ୍ରାମ ଶେଷରେ ଆରଣ୍ୟକ ତାଙ୍କୁ ଶ୍ରୀ ଅଧିକାରୀଙ୍କ ସହିତ ସାକ୍ଷାତ କରାଇ ଦେଇଥିଲେ । ହେଲେ ଶ୍ରୀ ଅଧିକାରୀ ସେମିତି କଛି ଆନ୍ତରିକତା ପ୍ରଦର୍ଶାଇ ନ ଥିଲେ।

ଦୁଃଖ ସାଗର ଭିତରେ ବୁଡି ଅଶ୍ରୁ ଗଡାଇବା ବ୍ୟତୀତ ଅନ୍ୟ କଛି ଉପାୟ ନଥିଲା ଡାଃ ନବେଦିତାଙ୍କର । ଅତିଥି ମାନଙ୍କର ସମ୍ବର୍ଦ୍ଧନା ପାଇଁ ବିଶେଷ ଯୋଜନା- - କାର୍ଯ୍ୟ କର୍ତ୍ତା ମାନେ ତତ୍ପର ହୋଇ ଉଠିଛନ୍ତି । ଡାଃ ନବେଦିତାଙ୍କର ମ୍ରିୟମାଣ ଅବସ୍ଥା ଆରଣ୍ୟକଙ୍କ ପାଇଁ ଅସହାୟ ହୋଇ ଉଠିଲା । ହାତଧରି ରୀତିମତ ତାଙ୍କୁ ଟାଣି ଟାଣି ଶ୍ରୀଅଧିକାରୀଙ୍କ ପାଖରେ ପହଂଚ ଟିକଏ ସମୟ ପାଇଁ ବାହାରକୁ ଆସିବା ପାଇଁ ଅନୁରୋଧ କଲେ । ଅଳ୍ପ ସମୟ ପରେ ଆସିବାର ସ୍ୱୀକୃତି ଦେଲେ ଶ୍ରୀ ଅଧିକାରୀ । ହେଲେ ବ୍ୟସ୍ତତା ଭିତରେ ସେଇ ଅଳ୍ପ ସମୟଟା

ବହୁତ ବେଶୀ ହୋଇ ଉଠୁଥିଲା । ଭୁଲ୍ ବୁଝାମଣାକୁ ସଂଶୋଧନ ନ କରି ଫେରିଯିବାକୁ ଡାଃ ନବେଦିତା ଅନଚ୍ଛୁକା ଥିଲେ । ବାଧ୍ୟତଃ ଦୁହିଁଙ୍କୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଲା । ରାତ୍ରି ଭୋଜନର ଆସର ପରେ ସମସ୍ତେ ନିଜ ନିଜ ସ୍ଥାନକୁ ଚାଲି ଗଲେଣି । ସ୍ଥାନ ଛାଡିବା ପୂର୍ବରୁ ହୁଏତ ଶ୍ରୀ ଅଧିକାରୀଙ୍କର କେହି ଜଣେ ତାଙ୍କର ଅପେକ୍ଷା କରିଛନ୍ତି ବୋଲି ମନେ ହେଲା । ଚାରିଆଡକୁ ଥରେ ଆଖି ବୁଲାଇଇଲେ । ସାମ୍ନାରେ ଆରଣ୍ୟକ ଆଉ ନବେଦିତା । ବିଳମ୍ବ ହେବାର ଦୁଃଖ ପ୍ରକାଶ କରିବା ପୂର୍ବରୁ ଆରଣ୍ୟକ ମୁହଁ ଖୋଲିଲେ, ଗତ ଥର ଭାଇଙ୍କ ସହିତ ଆଲୋଚନା ନିଶ୍ଚୟ ଆପଣଙ୍କର ମନେ ଥିବ ଶ୍ରୀ ଅଧିକାରୀ !

କେଉଁ କଥା ?

ଏଇ ଗୁରୁ ଦକ୍ଷିଣା - -

ହଁ, ଆପଣଙ୍କ ଭାଇଙ୍କର କେତେଟା ଭିତ୍ତିହୀନ କଥା ମତେ ଆଘାତ ଦେଇଥିଲା । କିନ୍ତୁ ତା ଠାରୁ ମୁଁ ଅଧିକ ଆଘାତ ପାଇ ଥିଲି, ଡାଃ ନବେଦିତାଙ୍କ ବ୍ୟବହାର ରେ- - - ଅନ୍ତତଃ ମାନବିକତା ଶିଷ୍ଟାଚାର- - - -

କେଉଁ ଭଦ୍ରାମୀ କଥା କହୁଛନ୍ତି ଆପଣ ? ନୀବି ଆପଣଙ୍କ ଫୋନ୍‌ର ଜବାବ୍ ଦେଲାନ । କଥା କାଟି କହିଲେ ଆରଣ୍ୟକ ।

ଶ୍ରୀ ଅଧିକାରୀ ନିରୁତ୍ତର

ପୁଣି ଆରମ୍ଭ କଲେ ଆରଣ୍ୟକ, ସେ ଦିନ ଆପଣ କହିଥିଲେ ନୀବିର କଣ୍ଠସ୍ୱର ଭଗବାନଙ୍କର ଦାନ ।କେବଳ ତାଙ୍କର ତା ଉପରେ ଅଧିକାର ଅଛି । ଆପଣ ଠିକ୍ କହିଥିଲେ । ଆଜି ଭଗବାନ ତାଙ୍କର ସେଇ ଦାନଟିକୁ ନୀବି ପାଖରୁ ଛଡାଇ ନେଇଛନ୍ତି । କହିପାରନ୍ତି ପରୋକ୍ଷରେ ଗୁରୁଦକ୍ଷିଣା; କହି ଡାଃ ନବେଦିତାଙ୍କର ଟ୍ରାକିଓଷ୍ଟୋମୀ ଉପରୁ ସ୍କାର୍ଫଟି ଅଲଗା କରିଦେଲେ ଆରଣ୍ୟକ ।

ହେ ଭଗବାନ୍ - - ବସିବା ସ୍ଥାନରୁ ଉଠି ସ୍ତମ୍ଭୀଭୂତ ହୋଇ ଛିଡା ହୋଇ ରହିଲେ ଶ୍ରୀ ଅଧିକାରୀ । କିଛି ସମୟପାଇଁ ନୀରବତା । ପୁଣି ଆରମ୍ଭ କଲେ ଶ୍ରୀ ଅଧିକରୀ । ମୋ ଧୃଷ୍ଟତା ପାଇଁ ଭଗବାନ ତ ମତେ କ୍ଷମା କରିବେନ । ଆପଣ ଯଦି ମତେ କ୍ଷମା କରିପାରନ୍ତି; କହି ନବେଦତାଙ୍କ ଉଦ୍ଦେଶ୍ୟରେ ହାତ ଯୋଡିଲେ ସେ । ଖୁସିର ବାତାବରଣରେ ମୁହୂର୍ତ୍ତକ ମଧ୍ୟରେ ବିଷାଦର କାଳିମା ଛାଇ ଯାଇଥିଲା ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ଆକାଶର ପରୀ



ଅଶୋକ ବିଶ୍ୱାଳ

ଛୁଇଁଦେଲି ଆକାଶର ପରୀକୁ ମୁଁ,
ଚାଲିଆସିଥିଲା ଯେ ଦୂର ଗନ୍ଧର୍ବ ଦେଶରୁ,
ପରିଚୟ ଭୁଲିଯାଇଥିଲା,
ନିଜକୁ ବି ଭୁଲିଯାଇଥିଲା,
ଏକ ନିରୀହ ଆଖିରେ, ଯେଉଁଠି ଅନୁସନ୍ଧିତ୍ସା ଖାଲି
ଭରି ରହିଥିଲା, ଦେଖୁଥିଲା ଦୂର ଆକାଶକୁ,
ନକ୍ଷତ୍ରର ଆଲୁଅକୁ ଦେଖି ଚାଲୁଥିଲା ।।
ଛୁଇଁଦେଲି ଆକାଶର ପରୀକୁ ମୁଁ,
ଆକାଶକୁ ଅନାଇ ରହିଥିଲା ସେ,
ତାର ଆଲୁଅକୁ ଦେଖିଥିଲା ଶିଶୁର ଆଖିରେ,
ବଡ଼ମାନେ ତାକୁ ଜାଣିଥିଲେ ଭଲକରି,
ଆଉ କଏ ହୋଇଥିଲେ
କେତେ ଯେ ଦୁଷ୍ଟାମୀ କରିଥାଆନ୍ତେ ଆଲୁଅ ସାଙ୍ଗରେ,
ଦୃଷ୍ଟିକୁ ଚୋରାଇ ନେଇ ଆଉ ଦୃଷ୍ଟି ଦେଇତ ଥାଆନ୍ତେ,
ନିରୀହ ଆଖିର ନରମ ଚାହାଁଣୀକୁ ହରି ନେଇଥାଆନ୍ତେ,
ମିଞ୍ଜି ମିଞ୍ଜି କରୁଥିବା ଚାହାଣୀକୁ ଦେଇଦେଇ ଥାଆନ୍ତେ ବଦଳରେ
ଯେମିତିକି ଆକାଶକୁ ଆଉ ଦେଖିପାରନ୍ତାନି ।।
ଛୁଇଁଦେଲି ଆକାଶର ଅଜଣା ପରୀକୁ ମୁଁ,
ତାର ଆଲୁଅକୁ ଦେଖୁଥିଲା ନରମ ଆଖିରେ, ନିଜ ଦୃଷ୍ଟିକୁ ଭୁଲିଯାଇକରି,
ଛୁଇଁ ଦେଲି ପରିଚୟ ଭୁଲିଯାଇଥିବା ପରୀକୁ ମୁଁ,
ତା ଭୁଲାପଣ ମୋ ଭିତରକୁ ଆସିଯାଇଥିଲା



ସେକ୍ଟର- ୩, ସଲ୍ଟଲେକ, କଲିକତା

# ହାତ ଧରି ଗ୍ଭଲୁଥିମି



ଫିରୋଜ କୁମାର ପଟେଲ

ନଜର କଥା ତ ସଭେ କହେସନ
ମୋର କଥା ଟିକେ ଶୁନ
ତମର ମନକେ ପୁଟଲେଇ ଧରମି
ମତେ ତ ନଜର ମାନ
କେତେ କରୁଛ ଅଥା
ଏତେ ଗହକ ନ ମାଗୁଛେଁ ମନ
ଦେଇ ଦେଲେ ନାଇଁ ହେତା ।

ମାଲି ହଇ ମହକ ନୁରମି
ତମେ ମୋର ମହକେ
ମହକମି ତ କହ...
ତମକୁ ସଁପି ଦେମି
ଫଗୁନେ ମହମହ ଧରତୀ
ମୋର ସପନ ଚୁରେଇ କେ
ତମେ ଆକାଶ ତ ଦିଅ...
ମୁଇଁ ସଏଲତା ହଇ ଜଲୁଥିମି
ଜୀବନ ସାଗ୍ଭ,
ତମେ ଖାଲି ଘି ହେବ ବଲି
ତୁମ ଫାରି କହି ଦିଅ ।

ତମର ବେଁକର ପିଉଲ ମାଲି କେ
ସୁନା ପାଏନ୍ ନାଇଁ ପିଏଇ ପାରଲେଭି
ଆଁଖି ସପନ ଭଗ୍ଭ ଝୁମା
ଓଠେ ମିଠା ମିଲନର ଚୁମା

ଆରୁ ମନେ ତମର ଲ୍ଗିଠାନର
କେଭେଉନା ନାଇଁ କରେ...
ତମର ଖୁସା କେ ଗୁଲ୍ପ
ନାଇଁ ଦେଇ ପାରଲେ ଭି
ତମର ଗ୍ଭରିକୁଢି ବାରମାସ
ବାରମାସୀ ଫୁଲର କହଁର
କେଭେ ନାଇଁ ସରେ ।

ତମର ସବୁ ରିସା ନ
ମୋର ମନାବାର ଥିବା
ତମର ସବୁ କନ୍ଦା ନ
ମୋର ହସାବାର ଥିବା
ଜୀବନ କେ ଜୀଇଁବାର ଲ୍ଗି
ସବୁ ଖଞ୍ଜି ଦେମି...
ତମେ ଯଦି ଗ୍ଭଲବାର
କରିଆ କରବ
ବାଟ ଯେନ୍ତା ବି ହଉନ
ତମର ହାତ ଧରି ଗ୍ଭଲୁଥିମି ।

ଅବନକେଲ୍, ସୁନ୍ଦରଗଡ, ଓଡିଶା

# ଇମ୍ଫାଲ, ମଣିପୁର

## ( କୋହିମା ଛାତିର କଣ୍ଟାଫୁଲ)

- ଧାରାବାହିକ ଭ୍ରମଣ କାହାଣୀ-

ପ୍ରିୟବ୍ରତ ପାଢ଼ୀ

କଛି ଫୁଲ ଥା'ନ୍ତି, ଦେଖିବାକୁ ଖୁବ୍ ସୁନ୍ଦର। କନ୍ତୁ ତା' ତଳେ ଲୁଚ ରହିଥାଏ ମୁନଆ କଣ୍ଟା। ସେଇ କଣ୍ଟାର ଦଂଶନ ବଡ ମର୍ମନ୍ତୁଦ, ଦାରୁଣ। କଛି ବସ୍ତୁ ବି ସେପରି ଦେଖିବାକୁ ଖୁବ୍ ସୁନ୍ଦର, କନ୍ତୁ ତା' ପଛରେ ଲୁଚ ରହିଥିବା ସ୍ମୃତି ଟିକକ ବଡ ଦାରୁଣ, ହୃଦୟ ବିଦାରକ। ଯୁଦ୍ଧରେ ହତାହତ ହୋଇଥିବା ସୈନ୍ୟଙ୍କ ସ୍ମୃତିରେ କେବେ କେବେ ତିଆରି ହୋଇଥାଏ ନାମଫଳକ ବା ସମାଧି। ସେ ସବୁର ଦର୍ଶନ ସେମିତି ଏକ ଉତ୍କଟ ଭାବନାରେ ଜର୍ଜରିତ ହୋଇଥାଏ।

କୋହିମା ସହରର କେନ୍ଦ୍ରରେ, ଏକ ଉଚ୍ଚା ପର୍ବତ ମୁଣ୍ଡିଆକୁ କେନ୍ଦ୍ର କରି ଗଢି ଉଠିଛି ଯୁଦ୍ଧ ସ୍ମାରକୀ ସମାଧି ବା **WAR CEMETERY**। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଇଂରେଜ ସେନାଙ୍କ ତରଫରୁ ଯୁଦ୍ଧ କରି କୋହିମା ମାଟିରେ ହତାହତ ହୋଇଥିଲେ ଅନେକ ସୈନକ। ସେମାନଙ୍କ ସ୍ମୃତି ନମନ୍ତେ ତିଆରି ହୋଇଛି ଏକ ସମୂହ କବର ସ୍ଥାନ। ଭାରତର ଉତ୍ତର- ପୂର୍ବାଞ୍ଚଳ ରାଜ୍ୟମାନଙ୍କୁ ବୁଲି ଆସୁଥିବା ଲୋକଙ୍କ ନମନ୍ତେ ତାହା ଏକ ପ୍ରମୁଖ ଦର୍ଶନୀୟ ସ୍ଥାନ। ତମ୍ବା ଫଳକ ଉପରେ ସୈନକଙ୍କ ନାମ, ଠିକଣା ଜନ୍ମମୃତ୍ୟୁ ତାରିଖ ଆଦି ଲେଖାଯାଇ ତିଆରି ହୋଇଛି ଛୋଟିଆ ସମାଧିଟିଏ। ଆକୃତି ହେଉଛି ଦୁଇଫୁଟକୁ ଦେଢ ଫୁଟର ତମ୍ବା ଫଳକ ସାଙ୍ଗକୁ ଫୁଟେ ଉଚ୍ଚାର ସମାଧି। ଏପରି ପାଖାପାଖି ୩୦୦୦ ସମାଧିକୁ ଛାତିରେ ବହନ କରିଥିବା ଶହେ ଏକର ବ୍ୟାପୀ ଭୂଖଣ୍ଡ। ପାହାଡ ଢାଲୁରେ ସୋପାନ ଗୃଷ କଲା ଭଳ ସମା ସବୁ ଥାକ ଥାକ ହୋଇ ରହିଛି। କୋଉଠି ପୁଣି ସମତଳ ଜାଗାରେ ଧାଡି ଧାଡି ହୋଇ ରହିଛି। ବିସ୍ତୀର୍ଣ୍ଣ ଘାସ ଗାଲିଚ୍ଚା ସାଙ୍ଗକୁ ଅନେକ ଅନୁଚ୍ଚ ବୁଦା ଜାତୀୟ ଫୁଲଗଛରେ ସମଗ୍ର ଭୂଖଣ୍ଡଟି ଲାଗୁଥିଲା ବଗିଚ୍ଚା ପ୍ରାୟ।

ଓଡିଶାରୁ ବୁଲି ଆସିଥିବା ଦୁଇଜଣ ଓଡିଆ, ଏହି ଦୃଶ୍ୟକୁ ଦେଖି ମତେ ଥରେ ଅଲଗା ପ୍ରକାରେ ବର୍ଣ୍ଣନା ଦେଇଥିଲେ। କୋହ ଭର୍ତ୍ତି ବନ୍ଦ- ବାକ୍ସ ମାନଙ୍କ ସମାହାର ପରି ଦିଶିଥିଲା

ସମାଧି ସମୂହ । ତାଙ୍କ ଭାଷାରେ, ଅସୁମାରି କୋହରେ ଆନମନା କରି ଦେଉଥିବା ସହର ଥିଲା କୋହିମା । ଅନ୍ୟ ଜଣଙ୍କୁ ଲାଗିଥିଲା ସତେକ ମହୁ ଶୋଷ ପାଇଁ ବ୍ୟବହୃତ ବାକ୍ସ ଗୁଡିକୁ ଧାଡି ଧାଡି କରି ସଜା ଯାଇଛି । ଫଳକ ଗୁଡିକ ମତେ କିନ୍ତୁ ଲାଗିଥିଲା ଗୋଟିଏ ଗୋଟିଏ ଫୁଲ ପରି । ସେ ଫୁଲ ସହ ଯୋଡା ହୋଇ ରହିଥିଲା ହୃଦୟକୁ କୋରି ପକାଉଥିବା ଏକ ଏକ ସ୍ମୃତି ।



ଦିନ ୯ଟାରେ ଦର୍ଶନାର୍ଥୀଙ୍କ ନିମନ୍ତେ ଯୁଦ୍ଧ- ସ୍ମାରକୀର ମୁଖ୍ୟ ଫାଟକ ଖୋଲେ । କିନ୍ତୁ ତା ପୂର୍ବରୁ ମାଳୀ, କୁଲୀ, ସଫେଇବାଲା ଆଦି ତା ଭିତରେ ପଶି କାମ ଆରମ୍ଭ କରିଦେଉଥିଲେ । ମୁଖ୍ୟ ଫାଟକ ପର୍ଯ୍ୟନ୍ତ ଉଠାଣି ରାସ୍ତାର ଦୁଇ କଡେ ଥିଲା ମନ୍ଦାର ଗଛର ବଣ । ଗୋଟିଏ କଡେ ନାଲି ରଙ୍ଗର, ଅନ୍ୟ କଡରେ ବାଇଗଣୀ ରଙ୍ଗର ମନ୍ଦାର । କୃଷ୍ଣଚୂଡା ଜାତିଆ ବୃକ୍ଷମାନଙ୍କରୁ ଫୁଲଝଡି ରାସ୍ତାଟି ସାରା ଫୁଲର ଶେଜ, ସତେକ ଖାସ୍ ଆମ ପାଇଁ ପ୍ରସ୍ତୁତ ହୋଇ ରହିଥିଲା । ଅନେକ ମାଳୀ ଲାଗିଥିଲେ ଘାସ ଉପାଡିବାରେ, ଲନ୍ ସମତୁଲ କରିବାରେ, ବୁଦାମାନଙ୍କୁ କାଟିକୁଟି ଛୋଟ କରିବାରେ, ବର୍ଜ୍ୟ ବସ୍ତୁ ପଲିଥିନ୍ ଓ ଚକୋଲେଟ୍ ଜରିକୁ ସଂଗ୍ରହ କରିବାରେ ଓ ଗଛରେ ପାଣି ଦେବାରେ । ଆଉ କିଏ ନାଁ ଲେଖା ଫଳକ ସବୁକୁ ପୋଛି ପକାଉ ଥିଲେ । ଗୋଟିଏ ଅନୁଚ୍ଚ କାନ୍ଥ ଉପରେ ଲେଖାଥିଲା –

**When you Go Home**

**Tell Them of Us And Say,**

**For Your Tomorrow,**

**We Gave Our Today**

କଳାରଙ୍ଗର ଗ୍ରାନାଇଟ୍ ପଥରେ ଉପରେ ଚମକୁଥିବା ସୁନେଲୀ ରଙ୍ଗର ଅକ୍ଷର ସବୁ ଅତି ଆକର୍ଷଣୀୟ ଥିଲା। ଏହି ବିରଳ ଅଭିବ୍ୟକ୍ତିଟିରେ କି କାରୁଣ୍ୟ ଥିଲା କେଜାଣି, ସାରା ପୃଥିବୀରେ ଏହା ବିଖ୍ୟାତ ହୋଇଯାଇଛି। ଇରାକ୍ ହେଉ କି କ୍ୟୁବା ହେଉ, ଯେବେ ବି କିଏ ସହିଦ ହୋଇ ଯାଉଛି, ତାର ସମାଧି ଉପରେ କୋହିମାର ଏହି ଉକ୍ତିଟିକୁ ଲେଖିବାକୁ ବହୁ ଲୋକ ପସନ୍ଦ କରିଥାନ୍ତି। ଏଇଟିକୁ ପ୍ରଥମେ କିଏ ଲେଖିଥିଲେ, ସେ କଥାର କୌଣସି ସ୍ପଷ୍ଟ ପ୍ରମାଣ ନାହିଁ। କୋହିମା ଯୁଦ୍ଧରେ, ଦାରୁଣ ଭାବେ ଆଘାତପ୍ରାପ୍ତ ହୋଇ ମୁମୂର୍ଷୁ ଅବସ୍ଥାରେ ମୃତ୍ୟୁକୁ ଅପେକ୍ଷା କରିଥିବା ଜଣେ ତରୁଣ, ନିଜ ବନ୍ଧୁଙ୍କୁ ଏତକ ଲେଖି ଜଣାଇ ଦେଇଥିଲେ ଏବଂ ସେବଠାରୁ ଏହା ବିଶ୍ୱ ବିଖ୍ୟାତ ହୋଇଯାଇଛି।




ସବୁତକ ନାମ ଫଳକ ଓ ସମାଧି ଦେଖିବାକୁ ଏକ ପ୍ରକାରର ଥିଲେ। ଯଦିଓ ମୃତକମାନଙ୍କ ଭିତରୁ କିଏ ସାଧାରଣ ସୈନିକ ଥିଲେ, ତ କିଏ ସମଗ୍ର ୟୁନିଟକୁ ପରିଚାଳନା କରୁଥିବା

କମାଣ୍ଡର୍ ଶ୍ରେଣୀୟ ଥିଲେ । ଜାତି, ଧର୍ମ, ବୟସ ଓ ପଦପଦବୀର ନିର୍ବିଶେଷରେ, ମୃତ୍ୟୁ ପରେ ସମସ୍ତେ ସମାନ ହୋଇଯାନ୍ତି, ନମସ୍ୟ ହୋଇଯାନ୍ତି – ବୋଧେ ଏପରି ଏକ ଉଦାର ଦର୍ଶନକୁ ଭିତ୍ତି କରି ଏପରି ସାମ୍ୟବାଦର ପ୍ରଦର୍ଶନ! ମୃଦୁ ପଦପାତରେ ବୁଲୁଥିବା ସମୟରେ ଦେଖିଲି ଜଣେ ମାଳୀ, ପକେଟରୁ ଛୋଟିଆ ଟିପାଖାତାଟିଏ ବାହାର କରି କାହାର ଠିକଣା ଖୋଜୁଥିଲେ ଏବଂ ବାଛି ବାଛି କଛି ନାମ ଫଳକ ଉପରେ ପୁଷ୍ପ- ସ୍ତବକଟିଏ ରଖି ଦେଉଥିଲେ । ସନ୍ଦିଗ୍ଧ ମନ ନେଇ ପଗ୍ଋରିଲି – କେବଳ କଛି ସମାଧିରେ କାହିଁକି ବନ୍ଧୁ? ଉତ୍ତର ମିଳଲା – **C.W.G.C.**ଅନୁଷ୍ଠାନ ତରଫରୁ ଯେଉଁଥିରେ ଫୁଲ ଦେବାକୁ ନିର୍ଦ୍ଦେଶ ମିଳୁଛି କେବଳ ସେଠାରେ..... ।

**Common Wealth Grave Cemetery** ବା **C.W.G.C.** ଏକ ବିଶ୍ୱ ସ୍ତରୀୟ ସଂଗଠନ । ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷ ପର୍ଯ୍ୟନ୍ତ ପୃଥିବୀର ବହୁ ଦେଶରେ ଇଂରେଜମାନଙ୍କ ଶାସନ ଗ୍ଋଲିଥିଲା । ଇଂଲଣ୍ଡ ତଥା ସେସବୁ ଶାସନାଧୀନ ଦେଶମାନଙ୍କରୁ ବହୁ ସୈନ୍ୟ ବିଭିନ୍ନ ଯୁଦ୍ଧରେ ଭ୍ଋଗନେଇ ମୃତ୍ୟୁ ଲଭୁଥିଲେ । କମନ୍ ୱେଲଥ୍ ଅନ୍ତର୍ଗତ ସେହିସବୁ ଦେଶର ସହିଦ ସୈନ୍ୟଙ୍କ ସ୍ମରଣେ ସାର୍ୱ ବିଶ୍ୱରେ ପାଖାପାଖି ୧୭୦ଟି ସ୍ଥାନରେ **C.W.G.C.** ତରଫରୁ ଜୁଦ୍ଧ ସ୍ମାରକୀ ସବୁ ଗଢା ହୋଇଛି । ଭ୍ଋରତରେ କେବଳ ଦୁଇଟି ଜାଗା ଇମ୍ଫାଲ ଓ କୋହିମାଠାରେ ସେପରି ଦୁଇଟି ସ୍ମାରକୀ ନିର୍ମିତ । ବିଭିନ୍ନ ଅନୁଷ୍ଠାନ ତଥା ବ୍ୟକ୍ତି ବିଶେଷଙ୍କଠାରୁ **C.W.G.C.** ଅନୁଦାନ ରାଶି ଗ୍ରହଣ କରିଥାଏ ଏବଂ ୱାର୍ **Cemetery** ମାନଙ୍କ ନିର୍ମାଣ ତଥା ରକ୍ଷାଣାବେକ୍ଷଣର ଦାୟିତ୍ୱ ନେଇଥାଏ । ନିର୍ଦ୍ଧାରିତ ରାଶି ଆଗୁଆ ପୈଠ କଲେ, ପୃଥିବୀର ଯେଉଁକୋଣରେ ଥାଇ ସୁଦ୍ଧା ନିଜର ସଂପର୍କୀୟଙ୍କ ଫଳକ ଉପରେ **C.W.G.C.** ଦ୍ୱାରା ପୁଷ୍ପ ସ୍ତବକ ଅର୍ପଣ କରାଯାଇପାରେ । ଦୂରରୁ ଟଙ୍କା ପଠାଇ ପୁରୀରେ ବାନା ଚେଢେଇବା, ଶ୍ରାଦ୍ଧତିଥିରେ ବ୍ରାହ୍ମଣଭୋଜନ କରାଇବା ବା ତିରୁପତିରେ ଭୋଗ ଲଗେଇବା ଭଳି ତାହା ମଧ୍ୟ ଏକ ସୁଚିନ୍ତିତ ବ୍ୟବସ୍ଥା ।

ଅହୋଭାଗ୍ୟ ସେଇ ମୃତକଙ୍କ, ଯାହାର ବଂଶଜମାନେ ଛ' ଦଶନ୍ଧି ପରେ ମଧ୍ୟ ସେମାନଙ୍କୁ ମନେ ପକାଇ ପୁଷ୍ପ ସ୍ତବକ ଦେଉଛନ୍ତି ।

ଆଉ ଏକ ନାମ ଫଳକ ପାଖରେ ଦୁଇ ଲଣ୍ଡିତ ମସ୍ତକ ତେଲେଙ୍ଗା ତରୁଣଙ୍କୁ ବସିଥିବା ଦେଖିଲି । ଗୁପ୍ତଧନ ପାଇଗଲା ପରି ସେମାନେ ବଡ ଉତଫୁଲ୍ଲିତ ଦିଶୁଥିଲେ ଏବଂ କିଣି

ଆଣିଥିବା ଏତେବଡ ଫୁଲମାଳଟିଏ ଫଳକ ଉପରେ ରଖିଥିଲେ । ମୋର ଉତ୍ତରହୀନ ପ୍ରଶ୍ନିଳ ମୁହଁକୁ ଦେଖି ସେମାନେ କହି ପକାଇଲେ – "ଗୁଗୁଲ୍ କୁ ଧନ୍ୟବାଦ! ଆମେ ଖୋଜି ପାଇଗଲୁ! ଇଏ ଥିଲେ ଆମ ଜେଜେଙ୍କ ସାନଭାଇ! www.cwgc.org କୁ ଯାଇ ଆପଣ ବି ଖୋଜନ୍ତୁ । ଆପଣଙ୍କ ବଂଶର, ଆଁ ମୂଳକର ବା ରାଜ୍ୟର କେହି ଯଦି ଏଠାରେ ସହିଦ ହୋଇଥିବେ, ତେବେ ଆପଣ ବି ପାଇଯିବେ ।"

ଇଂଲଣ୍ଡ ହେଉ କି ଭାରତ ହେଉ, କେଉଁ ଏକ ଅଖ୍ୟାତ ଗାଁରୁ ତରୁଣ ଜଣେ ଆସି ଏଠି ମରି ଯାଇଥିବେ ଏବଂ ତା' ପାଇଁ ତା' ଭାଇ ବା ଭଉଣୀର ଚତୁର୍ଥ ପିଢ଼ିର ବଂଶଧର ଆଜି ସ୍ମୃତି ତର୍ପଣ କରୁଛନ୍ତି । ଆଶ୍ଚର୍ଯ୍ୟ, ଯେଉଁ ଆଧୁନିକ ପୃଥିବୀରେ ନିଜ ଭାଇ ବା ଭଉଣୀ ସହ ମଣିଷର ଆଦୌ କୌଣସି ଭାବଗତ ସମ୍ପର୍କ ରହୁନାହିଁ, ସେଠାରେ ନିଜ ପୂର୍ବଜଙ୍କୁ ମନେ ପକାଇ ଗର୍ବ କରିବା, ସମାଧିରେ ପୁଷ୍ପଗୁଚ୍ଛ ଚଢ଼େଇବା ପଛରେ ସତରେ ଏକ ଆବେଗ ଅଛି କି? ନା ଏସବୁ କେବଳ ଏକ ଫେସନ ଧର୍ମୀ ଅହମିକା? ଆଜି ୱେବସାଇଟ୍ ରେ ନିଜର ପୂର୍ବଜଙ୍କୁ ଖୋଜି, ସେମାନଙ୍କ ସହ ନିଜର ପରିଚତିକୁ ସଂଯୋଗ କରିବାରେ ଲୋକଙ୍କର ତତ୍ପରତା ବେଶି ।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷ ଭାଗରେ, ପୃଥିବୀର ବିଭିନ୍ନ ଭୂଖଣ୍ଡରେ ଲାଗିଥିଲା ଭୟଙ୍କର ଯୁଦ୍ଧ । ଅଧିକରୁ ଅଧିକ ସୈନ୍ୟ ଲୋଡା ପଡୁଥିଲେ । ସେସବୁ ତୁଳନାରେ ଭାରତ ବର୍ମା ସୀମାନ୍ତରେ ଚାଲିଥିବା ଯୁଦ୍ଧ ଉଭୟ ଇଂଲଣ୍ଡ ଓ ଜାପାନ ପାଇଁ ଅଦୌ ଗୁରୁତ୍ୱପୂର୍ଣ୍ଣ ନଥିଲା । ଜାପାନ ଓ INAର ମିଳିତ ବାହିନୀ କୋହିମା ଅକ୍ତିଆର କରି ନେବାରୁ ବାଧ୍ୟ ହୋଇ କ୍ଲାନ୍ତ ଇଂଲଣ୍ଡ ସୈନ୍ୟ ପ୍ରେରଣ କରିଥିଲା । ସେ ସମସ୍ତଙ୍କର ବୟସ ଥିଲା ୧୭ ରୁ ୨୩ ଭିତରେ । ଭାରତ, ନେପାଳ ତଥା ଇଂଲଣ୍ଡର ଗାଁ ଉପଗାଁରୁ ଡକାହକା ହୋଇ ବହୁ ତରୁଣ ଏଥିରେ ସାମିଲ ହୋଇଥିଲେ ।


ସ୍ୱାମୀ ଯୁଦ୍ଧକୁ ଯାଇ ନିଖୋଜ ବା ମୃତ ହୋଇଥିବ, ବଡପୁଅର ବି ସେ ଅବସ୍ଥା ହୋଇଥିବ । ଅଥଚ ତା ତଳ ପୁଅମାନଙ୍କୁ ମା'ଟିଏ କୋଉ ମାନସିକତାରେ ଯୁଦ୍ଧକୁ ପ୍ରେରଣ କରୁଥିବ – ସେକଥା ଆମେ ଭାରତୀୟମାନେ କଳ୍ପନା କରି ପାରିବା ନାହିଁ । କାରଣ ଆମ ଦେଶରେ କୌଣସି ଆନ୍ତର୍ଜାତିକ ସ୍ତରର ଯୁଦ୍ଧ ହୋଇନାହିଁ, କି କୌଣସି ଯୁଦ୍ଧ ସଂଘାତ ଦେଇ ଆମ ଦେଶ

ସ୍ୱାଧୀନ ହୋଇନାହିଁ। ବିଶ୍ୱଯୁଦ୍ଧ ବେଳେ ଇଂଲଣ୍ଡ ବା ଜର୍ମାନୀର ଏମିତି ଗୋଟିଏ ବି ପରିବାର ନଥିଲେ, ଯାହାର କେହି ମୃତାହତ ହୋଇନଥିଲେ ବା ଯୁଦ୍ଧରେ କେହି ଭାଗ ନେଇ ନଥିଲେ। ଏସବୁ ଦୃଷ୍ଟିରୁ ଭାରତର ପରିସ୍ଥିତି ପୂରା ଅଲଗା।

ସୋପାନ ପରେ ସୋପାନ ଅତିକ୍ରମ କରି, ଶେଷରେ କେନ୍ଦ୍ରରେ ଥିବା ଟେନସ୍ ପଡିଆ ଆକୃତିର ଜାଗା ପାଖକୁ ଗଲିଲି। ଏହା ଥିଲା ସବୁଠୁ ଉଚ୍ଚରେ ଥିବା ପର୍ବତ ଟାପୁ। କୋହିମାର ସବୁଠୁ କଠିନ **BATTLE OF TENNIS COURT** କୁହାଯାଉଥାଏ। ତା'ଠୁ ଅଳ୍ପ ଦୂରରେ, ଏକ ପ୍ରାଚୀର ଉପରେ ଲେଖାଥିଲା ଶତାଧିକ ଯୁଦ୍ଧ ସହିଦଙ୍କ ନାମ। ଗଞ୍ଜାମରୁ ଆସିଥିବା ଦୁଇଜଣ ଓ ବାଲୁଗାଁ ପାଖରୁ ଆସିଥିବା ଦୁଇ ଜଣଙ୍କ ନାମ, ସେଇ ତାଲିକା ଭିତରେ ଖୋଜି ପାଇଥିଲି।

ଏକଦା ଏହି ଟେନସ୍ ପଡିଆ ନିକଟରେ ଥିଲା ନାଗାଲାଣ୍ଡ ଜିଲ୍ଲା କମିଶନର Charles Pawseyଙ୍କ ବଂଗଲୋ। ଅଢେଇ ମାସ ଧରି କି ଭୟଙ୍କର ପରିସ୍ଥିତି ଘଟିଥିଲା ଏହି ଜାଗାଟିରେ! ସତେ ଇ କାଳ ରାତ୍ରିରେ ଏକ ଦୁଃସ୍ୱପ୍ନ। ସେଇ ବିପର୍ଯ୍ୟୟ ଓ ଅମାନବିକତାରେ ଭରପୂର ଯୁଦ୍ଧର ଦିବସ ଗୁଡିକୁ ଜାଣିବା ପାଇଁ ସେ ସମୟର ଭୌଗୋଳିକ ପରିସ୍ଥିତି ଓ ଯୁଦ୍ଧର ଗତି ବିଷୟରେ ଜାଣିବା ଜରୁରୀ।

କୋହିମା ସହରଟି ଉତ୍ତରରୁ ଦକ୍ଷିଣକୁ ଲମ୍ବି ଯାଇଥିବା ପର୍ବତ ଟାପୁରେ ଅବସ୍ଥିତ, ଯାହାକୁ କୁହାଯାଉଥିଲା କୋହିମା ରିଜ୍ (RIDGE)। ଦିମାପୁରରୁ ଇମ୍ଫାଲ ଦିଗରେ ଯାଇଥିବା ସଡକ ରାସ୍ତା କୋହିମାର ଉତ୍ତର ମୁଣ୍ଡକୁ  ଛୁଇଁ ରିଜ୍ ର କଡେ କଡେ ଯାଇ ଇମ୍ଫାଲ୍ ରେ ମିଶିଛି। ୧୯୪୪ ବେଳକୁ ଏହି ଉତ୍ତର ମୁଣ୍ଡଟି ଏକାଧିକ ଗୀର୍ଜାଘର, ବଜାର ତଥା ଘନ ଜନବସତିରେ ଚଳଚଞ୍ଚଳ ଥିଲା। ସେଠାରେ ଥିବା ପର୍ବତ ମୁଣ୍ଡିଆର ନାମ ଥିଲା ଟ୍ରେଜରୀ ହିଲସ୍। ସେଇ ହିଲସ୍ ରେ ଥିଲା ଜିଲ୍ଲା କମିଶନରଙ୍କ ବଂଗଲୋ, ଟେନସ୍ ପଡିଆ – ଆଜି ଯାହା ଯୁଦ୍ଧ ସ୍ମାରକୀ ରୂପେ ଆମେ ଦେଖିବାକୁ ପାଉଛୁ। ୧୯୪୪ ମସିହା ମାର୍ଚ୍ଚ ଶେଷ ସୁଦ୍ଧା ଏ ସହରଟି ଥିଲା ସମ୍ପୂର୍ଣ୍ଣ ଶାନ୍ତ।



ଜାପାନ ଓ INA (Indian National Army) ବା ଆଜାଦ୍ ହିନ୍ଦ୍ ଫୌଜ୍ ର ମିଳିତ ବାହିନୀ କୋହିମା ଆକ୍ରମଣ କରି ଦଖଲ କରିନେଲେ । ଏପ୍ରିଲ୍ ୪, ୧୯୪୪ ଠାରୁ ଅପ୍ରିଲ୍ ୧୮, ୧୯୪୪ ପର୍ଯ୍ୟନ୍ତ କୋହିମା ରହିଗଲା ସେହି ମିଳିତ ସେନାଙ୍କ କବଜାରେ । ଭୟଙ୍କର ଗୁଳିଗୋଳା ଓ ତୋପ ମାଡରେ ଟ୍ରେଜେରୀ ହିଲ୍ସର ବଂଲୋ ଧ୍ୱଂସ ବିଧ୍ୱଂସ ହୋଇଗଲା । ଜାପାନର କମାଣ୍ଡର୍ ମୁତାଗୁଚଙ୍କ ତତ୍ତ୍ୱାବଧାନରେ ସେନାଧକ୍ଷ SATO ନେଇଥିଲେକୋହିମା ଆକ୍ରମଣର ନେତୃତ୍ୱ ।

INA ତରଫରୁ ମୁଖ୍ୟ ଥିଲେ ମେଜର୍ ଜେନେରାଲ୍ ଶାହା ନବାଜ୍ । ବର୍ମାର ଗରିଲା ବାହିନୀ ବା- ମାଓ (BA-MAW) ମଧ୍ଯ ସେମାନଙ୍କ ସାଥିରେ ଥିଲେ । ଅନ୍ୟ ପକ୍ଷରେ ଇଂରେଜମାନଙ୍କ ସେନାପତି ଥିଲେ SLIM, ଯିଏକ କୋହିମା ଯୁଦ୍ଧ ପରିଚାଳନା କରୁଥିଲେ ।

ସେଇ ଅଳ୍ପ ସମୟ ଭିତରେଇଂରେଜି ନାମକୁ ହଟେଇ ଜାପାନୀମାନେ ଇଜ ଭାଷାରେ ଗୁଡାଏ ଛକ ଓ ପର୍ବତ ଟାପୁର ନାଁ ରଖିଦେଲେ । କିଛି ଟାପୁର ନାଁ ଥିଲା INA( କୁକୁର) , SARU( ମାଙ୍କଡ) ଇତ୍ୟାଦି । ଜିଲ୍ଲା ହସପିଟାଲ୍ ରେ ଚକିତ୍ସା ପାଇଁ ଜଗିଥିବା ସୈନ୍ୟ ଓ ସାଧାରଣ ଜନତା ମଧ୍ଯ ଛାଡ ପାଇ ନଥିଲେ । କୋହିମା ବାସିନ୍ଦା ଭୟରେ ଘର ଛାଡି ଜଙ୍ଗଲକୁ ଚାଲିଗଲେ । ସେଇସବୁ ଘର, ସେମାନଙ୍କ ଖାଦ୍ୟଶସ୍ୟ ସବୁକିଛି ସୈନ୍ୟମାନେ ଅକ୍ତିଆର କରିନେଲେ । କୋହିମା ଦିଶୁଥିଲା, ପ୍ରଥମ ବିଶ୍ୱଯୁଦ୍ଧରେ ଜଳପୋଡି ଯାଇଥିବା ଗୋଟିଏ ଜରାଜୀର୍ଣ୍ଣ ସହର । ଗଛ କଟାଯାଇ ରାସ୍ତାସାରା ପଡିଥିଲା । ଦୀର୍ଘ ମିଆଦି ଯୁଦ୍ଧ ପାଇଁ ଟ୍ରେଞ୍ଚ୍ ଓ

ଭୂତଳକୋଠରୀ ସବୁ ନିର୍ମାଣ ଚାଲିଲା । ଅନେକ ଜାଗାରେ ବାଲିବସ୍ତା ରଖାଯାଇ ଗୁଳିଗୋଳା ବିନାମୟରେ ସୁରକ୍ଷିତ ଜାଗା କରାଯାଇଥିଲା । ଆଗକୁ ଯାଇ ଦିମାପୁର ରେଳ ଷ୍ଟେସନ ଧ୍ୱଂସ କରିବା ଥିଲା ଜାପାନୀମାନଙ୍କ ଲକ୍ଷ୍ୟ । କିନ୍ତୁ ପ୍ରବଳ ପ୍ରତିରୋଧ୍ୟ ଯୋଗୁଁ କୋହିମାରେ ଜଗି ରହିବା ଜାପାନୀଙ୍କ ପାଇଁ ଏକମାତ୍ର ବିକଳ୍ପ ଥିଲା ।

ସ୍ଥଳପଥ ଦେଇ ଜାପାନ – INA ସେନାଙ୍କ ପାଖକୁ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ପହଞ୍ଚି ପାରୁନଥିଲା । କାରଣ ସେପଟେ ପ୍ରଶାନ୍ତ ମହାସାଗରରେ ଆମେରିକା ସହ ଯୁଦ୍ଧରେ ଜାପାନ ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇ ଚାଲିଥିଲା । ଯାହା କିଛି ସାହାଯ୍ୟ ଆସୁଥିଲା, ବର୍ମାର ଘନ ଅରଣ୍ୟରେ ସେସବୁ ଲୁଟ୍ ପାଟ୍ ହେଉଥିଲା । ଏପ୍ରିଲ୍ ୧୮ ତାରିଖ ବେଳକୁ ବହୁ ଭାରତୀୟ ସୈନ୍ୟଙ୍କୁ ନେଇ ଇଂରେଜ ସେନାର ଏକ ନୂଆଦଳ ଦିମାପୁରରୁ ଆସି କୋହିମାରେ ପହଞ୍ଚିଗଲେ । ଯୁଦ୍ଧ ନୂଆ ରୂପନେଲା । ଜାପାନୀମାନେ ଆକ୍ରମଣ ପନ୍ଥା ଛାଡି ଆତ୍ମରକ୍ଷା ପଥ ବାଛିନେଇ କୋହିମା ଚାରିପଟେ ଲୁଚି ରହିଲେ । ଫଳରେ ଦୁଇସେନା ପକ୍ଷରୁ କୋହିମା ଉପରେ ପ୍ରବଳଯୁଦ୍ଧ ଚାଲିଲା । ସ୍ଥାନୀୟ ଲୋକେ କିଛି ମାତ୍ରାରେ ଉଦବୁଦ୍ଧ ହୋଇ ଇଂରେଜ ସେନାଙ୍କ ଅନେକ ଖବର ଜାପାନ ପାଖରେ ପହଞ୍ଚାଉଥିଲେ ଏବଂ INA ସପକ୍ଷରେ ପ୍ରଚାର କରି ଜନତାଙ୍କ ମଧ୍ୟରେ ସମର୍ଥନ ସଂଗ୍ରହ କରୁଥିଲେ ।

ସେହିବର୍ଷ ଟିକଏ ଆଗୁଆ ମୌସୁମୀ ବର୍ଷା ଆରମ୍ଭ ହୋଇଗଲା । କୋହିମାର ପର୍ବତମାଳା କାଦୁଅ, ପାଣିରେ ଏପରି ଖସଡା ହୋଇଗଲା ଯେ ଉଭୟ ପକ୍ଷର ସେନା ଅସହାୟ ହୋଇଗଲେ । ଇଂରେଜମାନଙ୍କ ବୋମା ବର୍ଷଣ ବିଶେଷ କାମ ଦେଲାନାହିଁ, କାରଣ ଟ୍ରେଞ୍ଚ୍ ମାନଙ୍କରେ ଶତ୍ରୁସେନା ଲୁଚିଗଲେ । ପିଚ୍ଛିଳ ରାସ୍ତାରେ ଟ୍ୟାଙ୍କ୍ ମଧ୍ୟ ଆସିବା ସମ୍ଭବ ନଥିଲା । ଗଛ ସଫା କରି, ଖାତଖମା ଭର୍ତ୍ତି କରି ସରୁଆ ରାସ୍ତାଟିଏ କରାଗଲା ଏବଂ ଅତି କଷ୍ଟରେ ଗୋଟିଏ Lee ଟ୍ୟାଙ୍କ୍ କୁ ଏହି ଜିଲ୍ଲା କମିଶନରଙ୍କ ବଂଲୋ ପାଖକୁ ଘୋଷାରି ଅଣାଗଲା । ଉଚ୍ଚା ଜାଗାରେ ଟ୍ୟାଙ୍କ୍ ପହଞ୍ଚିବା ପରଠୁ ଆକ୍ରମଣ ଭୟଙ୍କର ହୋଇଗଲା । ଟ୍ୟାଙ୍କ୍ ଆକ୍ରମଣରେ ଲୁଚିଥିବା ଜାପାନୀ INA ସୈନ୍ୟମାନେ ଛତ୍ରଭଙ୍ଗ ଦେଲେ । ଏ ସମୟରେ ROYAL AIR FORCEର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଥିଲା । ୧୯୦୦୦ ଟନ୍ ଖାଦ୍ୟ, ଅସ୍ତ୍ରଶସ୍ତ୍ର, ୧୨୦୦୦ ସୈନ୍ୟଙ୍କୁ ଏହା ସିଧାସଳଖ କୋହିମା ଓ ଇମ୍ଫାଲ୍ ପର୍ଯ୍ୟନ୍ତ ଉଡାଇ ଆଣିଥିଲା । ଏପଟୁ

୧୩୦୦୦ ମୃତକ ତଥା ୪୩,୦୦୦ ସାଧାରଣ ନାଗରିକଙ୍କୁ ସୁରକ୍ଷିତ ଜାଗାରେ ପହଞ୍ଚାଇ ଥିଲା । ଅପର ପକ୍ଷେ ଗୋଟିଏ ମଧ୍ୟ ଯୁଦ୍ଧ ବିମାନ ଜାପାନୀମାନଙ୍କୁ ସାହାଯ୍ୟ ପାଇଁ ଆସି ନଥିଲା । ବହୁ ପ୍ରତୀକ୍ଷା ପରେ ୧୭ଟି ଜିପ୍ ରେ ସାହାଯ୍ୟ ଆସିଥିଲା । କିନ୍ତୁ ସେଥିରେ ଖାଦ୍ୟ ନଥାଏ, ଥିଲା କିଛି ପୁରୁଣା ଅକାମୀ ଅସ୍ତ୍ରଶସ୍ତ୍ର ।

କୋହିମା ସହରଟି ମଶା, ମାଛି, ଗଳିତ ଶବ, ପୋଡା ଘର, ଛିନ୍ନ ବିଚ୍ଛିନ୍ନ ମାନବ ଅଙ୍ଗ, ବିପର୍ଯ୍ୟସ୍ତ ରାସ୍ତାଘାଟରେ ପରିପୂର୍ଣ୍ଣ  ଏକ ପରିତ୍ୟକ୍ତ ନଗରୀ ପରି ପଡି ରହିଥିଲା । ମେ ମାସର ମଧ୍ୟାନ୍ତର ବେଳକୁ SATOଙ୍କ ପଦାତିକ ବାହିନୀ କ୍ଷୁଧାରେ ପ୍ରପୀଡିତ ହୋଇଗଲେ । ପିଇବା ପାଇଁ ବୋତଲେ ପାଣି ସୁଦ୍ଧା ମିଳଲା ନାହିଁ । ଆକାଶ ମାର୍ଗରୁ ଯେଉଁ ଖାଦ୍ୟ ଇଂରେଜମାନେ ତାଙ୍କ ଲୋକଙ୍କ ପାଇଁ ବିତରଣ କରୁଥିଲେ, ତାକୁ ପାଇବା ପାଇଁ ଜାପାନୀ ମାନେ ଦୌଡୁଥିଲେ । ବିଷମିଶା ଖାଦ୍ୟ ଓ ଜୀବାଣୁ ମିଶା ଜଳ ଫୋପାଡି କୌଶଳକ୍ରମେ ଇଂରେଜମାନେ ଜାପାନୀଙ୍କୁ ମୃତ୍ୟୁମୁଖକୁ ଠେଲି ଦେଇଥିଲେ । ସେସବୁକୁ ବ୍ୟବହାର ନ କରିବା ପାଇଁ ମିତ୍ରପକ୍ଷକୁ ସେମାନେ ଆଗୁଆ ଗୁପ୍ତ ଖବର ପଠେଇ ସାରୁଥିଲେ । ବର୍ମାର ସୈନ୍ୟବାହିନୀ କ୍ଷୁଧାରେ କିଛି ମଣିଷଙ୍କ କଲିଜା ଖାଇଗଲେ ବୋଲି ମଧ୍ୟ ଖବର ବାହାରିଥିଲା । ହାଏ, ଯୁଦ୍ଧରେ ବା ପ୍ରେମରେ ସତରେ କିଛି ବି ନିୟମ ନଥାଏ ।

ମେ ୨୫ ତାରିଖରେ SATO, ତାଙ୍କ ମୁଖ୍ୟ ଦପ୍ତରକୁ ଖବର ଦେଲେ ଯେ ଜୁନ୍ ୧ ତାରିଖ ସୁଦ୍ଧା ଯଦି ସେପଟୁ ଖାଦ୍ୟ ଓ ଅସ୍ତ୍ରଶସ୍ତ୍ର ନ ଆସୁଛି, ତେବେ ସେ ଜାପାନୀ ସେନାଙ୍କୁ ନେଇ ନାଗା ପର୍ବତ ଛାଡି ବର୍ମା ଦିଗେ ପ୍ରତ୍ୟାବର୍ତ୍ତନ କରିଯିବେ ।  ଯଦିଓ ଉପରିସ୍ଥ ସେନାଧ୍ୟକ୍ଷ ମୋତାଗୁଚଙ୍କ ନିର୍ଦ୍ଦେଶ ଥିଲା, ଯେ କୌଣସି ପରିସ୍ଥିତିରେ ସୁଦ୍ଧା ଜାପାନ ସେନା ନାଗା ପର୍ବତ ଛାଡିବେ ନାହିଁ, ତା ସତ୍ତ୍ୱେ SATO ମେ ୩୧ ତାରିଖରେ ନାଗା ପର୍ବତ ଛାଡି ବର୍ମା ଦିଗେ ଚାଲିଗଲେ । ତମାମ ବିଶ୍ୱଯୁଦ୍ଧରେ ଜାପାନର ସାମରିକ ଇତିହାସରେ ତାହା ଥିଲା ପ୍ରଥମ ଓ ଶେଷ ଘଟଣା, ଯେଉଁଠି ଉପର ଅଫିସ୍ ର ନିର୍ଦ୍ଦେଶକୁ ଅମାନ୍ୟ କରି ଅଧସ୍ତନ ସେନା ଆତ୍ମରକ୍ଷା ପାଇଁ ପଛଘୁଞ୍ଚା ଦେଇଥିଲେ । ଜାପାନ ଓ INAର ଅନ୍ୟ ଡିଭିଜନ୍ ସବୁ ପଛଘୁଞ୍ଚା ଦେଇ ଅଖରୁଲ୍ ପର୍ଯ୍ୟନ୍ତ ଚାଲିଗଲେ । ଏହିପରି ଭାବେ ସମଗ୍ର ନାଗା ପର୍ବତରୁ ଜାପାନ ନିଶ୍ଚିହ୍ନ ହୋଇଗଲା ।

ଅନ୍ୟପଟେ ଠିକ୍ ସେଇ ସମୟରେ ଇମ୍ଫାଲରେ ମଧ୍ୟ ସେହିପରି ଜାପାନ- INAକୁ ବହିଷ୍କାର କରି ବ୍ରିଟିଶ୍ ସେନା କୋହିମା ଦିଗେ ଅଗ୍ରସର ହେଲେ । କୋହିମା ବିଜୟ ପରେ ବ୍ରିଟିଶ୍ ସେନା ଇମ୍ଫାଲ୍ ଦିଗେ ମୁହାଁଇଲେ । ଦୁଇ ସେନା ଜୁନ୍ ୨୨ ତାରିଖରେ MILESTONE-109 ନାମକ ଜାଗାରେ ମିଳତ ହେଲା ପରେ ଘୋଷଣା କରାଗଲା ଯେ ଏହି ଯୁଦ୍ଧରେ ବ୍ରିଟିଶ୍ ସେନାଙ୍କ ବିଜୟ ହେଲା ।

ଯୁଦ୍ଧ ସରିଯିବା ପରେ ହିସାବରୁ ଜଣା ପଡିଲା ଯେ ବ୍ରିଟିଶ୍- ଭାରତୀୟ ସେନା ତରଫରୁ ୪୦୦୦ ଲୋକ ମରିଥିଲେ, ଜାପାନ- ଭାରତୀୟ ସେନା ତରଫରୁ ୫୦୦୦ ମରିଥିଲେ ।

ଯୁଦ୍ଧ ବିକ୍ଷୁବ୍ଧ ବିବ୍ରତ ମନ ନେଇ ବୁଲୁଥିବା ବେଳେ ଆଉ ଏକ ଦୃଶ୍ୟ ମୋର ସ୍ୱପ୍ନ ଭଙ୍ଗ କରିଥିଲା । ସିମେଣ୍ଟ ଓ କଂକ୍ରିଟ୍ ରେ ତିଆରି ମଡେଲ୍- ବନ୍ଧୁକଟିଏ ଉପରମୁହାଁ ହୋଇ ରହିଛି ଏବଂ ନଳୀ ମୁହଁରେ ଟୋପି ବା ହେଲମେଟ୍ ଟିଏ ରହିଛି । ସହିଦଙ୍କ ନମନ୍ତେ ଏହା କୁଆଡେ ସାମରିକ ସଲାମୀ । କ୍ରମଶଃ ଦୃଶ୍ୟଟି ମତେ ଲାଗୁଥିଲା- ଖୁଣ୍ଟ ଉପରେ ମଣିଷ ମୁଣ୍ଡଟେ ରହିଛି, ମହାଭାରତ ଯୁଦ୍ଧରେ ଖମ୍ବ ଉପରେ ବେଲାଳସେନର ମୁଣ୍ଡ ରହିବା ପରି । ସେ କାଳରେ ଭାଇ ଭାଇଙ୍କ ଭିତରେ ଯୁଦ୍ଧ ଲାଗିଥିଲା ଏବଂ ସେମାନଙ୍କୁ ସମର୍ଥନ କରି ସୁଦୂର ଗାନ୍ଧାର, ଶ୍ରୀଲଙ୍କା ବା ନାଗାରାଜ୍ୟରୁ ସୈନ୍ୟ ଆସିଥିଲେ । କୋହିମା ଯୁଦ୍ଧରେ ମଧ୍ୟଭାରତୀୟଙ୍କ ସହ ଭାରତୀୟମାନେ ଲଢୁଥିଲେ, ଲହୁ ଲୁହାଣ ହୋଇ ମରିଥିଲେ । କାହାକୁ ପାଣ୍ଡବ କହିବା, କଏ ବା କୌରବ ସେନା? କ୍ଷତି ତ ଭାରତର ହୋଇଥିଲା ।

ହୋହିମାର ସେଇ ଯୁଦ୍ଧ ପଡିଆଟି କ୍ରମଶଃ ମତେ ଦ୍ୱିତୀୟ କୁରୁକ୍ଷେତ୍ର ପରି ଲାଗୁଥିଲା ।

,

'କ୍ରମଶଃ.....

ଭାରତୀୟ ଜୀବନ ବୀମା ନଗମ, କୋରାପୁଟ, ଓଡିଶା



ପ୍ରଶାନ୍ତ କୁମାର ନାଥ

# ଧନୀ ପୁଅର ମୁଁ ଭୀକାରି ବାପ



ପୁଅ ବୋହୂ ମୋର ବଡ ମଣିଷ ଗୋ
ମୋତେ ପଗ୍ଭରନ୍ତି ନାହିଁ
ଅନ୍ୟଙ୍କୁ କୁହଇ ଭିକାରିକୁ ପୋଷି
ଧରମ କରୁଛି ମୁହିଁ ।
ମୁଁଯେ ତାଙ୍କ ପାଇଁ ଭିକାରି ଗୋଟିଏ
ମାଗୁଥିଲି ତାଙ୍କୁ ଭିକ
ମୋତେ ସିଏ ତାଙ୍କ ଘରେ ରଖିଛନ୍ତି
ନସହି ପାରି ମୋ ଦୁଃଖ
ମୋ ପାଇଁ ଅଲଗା ଥାଳ କଂସା ଆଉ
ମୋ ପାଇଁ ଅଲଗା ଘର
ତାଙ୍କ ଘରେ ଯେବେ ପାଦ ପଡିଯାଏ
ଛି ଛି କରନ୍ତି ଚକ୍ରାର ।
ବାପା କହିବାକୁ ଲ୍ଜ ଲ୍ଗେ ତାଙ୍କୁ
ଦିଅନ୍ତିନ ପରିଚୟ
ତଥାପି ଏତିକ କହୁଥାଏ ନିତି
ହେଉଥାଏ ତୁମ ଜୟ ।
ଖୁସିରେ ରହିଥା ସବୁ ସମୟରେ
ମୁଁ ବା ଆଉ କେତେ ଦିନ
ହସ ଓ ଖୁସିରେ ରହିଥାଅ ତୁମେ
ହସୁ ଦାମ୍ପତ୍ୟ ଜୀବନ ।

ସୁନ୍ଦରପୁର, ଉତ୍ତରକୂଳହାଟ୍, ପ୍ରୀତିପୁର, ଯାଜପୁର



# ବାପା..
# ତମେ ଗଲ୍ ପରେ

ସଚ୍ଚିଦା ନନ୍ଦ ବାରିକ

ବାପା
ତମେ ଗଲ୍‌ପରେ
ଗୋଟିଏ ଯୁଗର ଅବସାନ ଘଟିଲ୍

ତମେ ଥିଲ ମହାଦ୍ରୁମ
ଝଡାଝଞ୍ଜାର ସାମ୍ନା କରି କରି
ତମେ ଥିଲ ମଜବୁତ ଚଟାଣ ଟିଏ
ଦେଖିଛ କେତେ କୁଚକ୍ରୀ ଲୋକଙ୍କୁ
ତଥାପି ଆଞ୍ଚ ଆସିବାକୁ କେବେ ଦେଇନ
ତମ ଆଶ୍ରିତଙ୍କ ଉପରେ
ହେଇଗଲୁ ଆମେ ଅନାଥ
ତମେ ଅଗ୍ନନକ ଗ୍ଭଲିଗଲ୍ ପରେ

ଆମ ପାଇଁ ତମେ ଥିଲ ସୁନ୍ଦର ପୃଥିବୀଟିଏ
ଏ ସ୍ୱାର୍ଥବାଦୀ ଦୁନଆ ମଝିରେ
ଯାହାଙ୍କ ଉପସ୍ଥିତି ହିଁ ଯଥେଷ୍ଟ ଥିଲ୍
ନ ଥିଲ୍ ଡର
ନଜ ଜୀବନକୁ ବାଜି ଲଗେଇ
କରିଥିଲ ନଜ ଆଖ ପାଖ ଦୁନଆକୁ
ସରସ ସୁନ୍ଦର

ଲ୍ଗୁଛି ଯେମିତି ଅତିରଞ୍ଜନ ରଶ୍ମୀକୁ ପ୍ରତିହତ
କରୁଥିବା
ବହଳଆ କାଚ ଟା ତମେ ଗଲାପରେ ଭ୍ଙ୍ଗି ଯାଇଛି
ତମେ ଥିଲ୍‌ବେଳେ ନଜ ଲୋକ କହି ଡିଣ୍ଡିମ
ପିଟୁଥିବା ଲୋକଙ୍କର
ଅସଲ ଚେହେର୍ ଏବେ ବାହାରକୁ ଫୁଟି ଦିଶୁଛି
ତମ କଥାରେ ହଁ ହଁ କରୁଥିବା ଲୋକେ
ଏବେ ବେଶ ଖୁସି ଆଉ କୁହାଳଆ ହୋଇ ଯାଇଛନ୍ତି
ତମ ଟଙ୍କାରେ ଘର ଦ୍ୱାର ତୋଳ ସାରିଲ୍ ପରେ
ଏବେ ଗାଁ ସାହିରେ ତମର ନନ୍ଦା କରୁଛନ୍ତି
କୁଆଡେ ତମେ କଛି ଆଜି ଯାଏଁ ଦେଇନ!!
ସବୁ ସେମାନେ ନଜେ କରିଛନ୍ତି

ତମେ ଦେଲ ସ୍ୱତନ୍ତ୍ର ପରିଚୟ
ସେ ଅପାଠୁଆ ମଳମୁଣ୍ଡିଆ ଲୋକଗୁଡାକୁ
ଦୁନଆ ଦେଖିଛି
ତମେ ତିଆରିଛ ଗ୍ଭଳଘରକୁ ପକ୍କା ଘର ରେ
ନଜର ଭିବି ଜମି ନ ଥିବା ଘରକୁ
କଣି ଦେଇଛ ଏକର ଏକର ଜମି
ନଜ ଝାଳଝିଣ୍ଟା ରୋଜଗାର ଟଙ୍କାରେ

ଦିନ ଥିଲା
ସେଇ ଘରେ କଟିଥିଲା ଆମ ଶୈଶବ
ସେଇ ଭାଇ କହୁଥିଲା
ଏ ସବୁ ସମ୍ଭବ ମୋ ଭାଇ ପାଇଁ
ତମେ ଗଲାପରେ
ସେ ବହୁରୂପି ର ପଟ୍ଟ ପରିବର୍ତ୍ତନ
ଏବେ ସେ କହୁଛି
ଏ ଜମି ଘରବାଡି ସବୁ ତାର
ଏଥିରେ ତମର କଛି ଅବଦାନ ନାଇଁ !
ଏତେ ନଷ୍ଠୁର ସେ
ମିଛ ସତ କହି ସବୁ ରଖିଛି ନଜ ଅକ୍ତିଆର ରେ
ତମେ ରହୁଥିବା ଘରେ ବି ଆମକୁ ଯାଗା ନ ଦେଲା ନାଇଁ
ଅଥଚ ତମ ଫୋଟ ଟାଙ୍ଗିବାକୁ
କାନ୍ଥରେ ଯାଗା ଟିକେ ନାଇଁ

ସେ ଲୋକଠୁ କଣ ଆଶା କରିବା
ମୂର୍ଖ ତ ମୂର୍ଖ
ଯାହାର ମଣିଷ ହୋଇ ମାନବିକତା ନାଇଁ

ଯାଉଛି ସତସଙ୍ଗ ଜପୁଛି ରାମନାମ
ତଥାପି ମନରେ ଶୁଦ୍ଧତା ନାଇଁ
ଏତେ ପଥର ହୃଦୟ ସେ
ଭାଇ ର ଅକାଳ ବିୟୋଗ ରେ
ଆଖିରେ ଟୋପେ ଲୁହ ନାଇଁ
ତମେ ଯିବାର ଦିନଟିଏ ବି ହେଇନ
ଜୁଇ ନଆଁ ବି ଲିଭିନ
କଣ୍ଟା ବାଡରେ ଲୁଗା ପକେଇ
କଳି କରୁଛି ଜାଗା ଆଉ ଜମି ପାଇଁ
ତମେ ଗଲାପରେ
ଗୋଲାମ ଏଠି ମୁନବ ସାଜନ୍ତି
ନରୀହ ଦିଶୁଥିବା ଲୋକେ
ସୈତାନ କରନ୍ତି
ନଜ ପାଗଳାମି ଲୁଗ୍ଭଇବାକୁ ଯାଇ
ଅନ୍ୟକୁ ପାଗଳ କୁହନ୍ତି
ମଲାବେଳେ ଦେହରେ ଖଣ୍ଡେ କପଡା ବି ରହେନ
ତଥାପି ସବୁ ମୋର ମୋର କହି
ଅଯଥାରେ ଝଗଡା କରନ୍ତି

କେବଳ ଏତିକ ଗୁହାରି ପ୍ରଭୁ
ବାପା ଯେଉଁଠି ବି ଥାଆନ୍ତୁ ଭଲରେ ଥାଆନ୍ତୁ
ସବୁ ଦେଇ ଦେଇ ଶେଷରେ ହାରି ଯାଇଥିବା ବାପାଙ୍କୁ
ଅଯଥା ଅପବାଦ ନନ୍ଦା କରୁଥିବା ଲୋକେ
ମଲା ବେଳେ ଟୋପେ ପାଣି ନ ପାଆନ୍ତୁ
ଅଭିଶାପର ଜ୍ୱାଳାରେ କଲବଲ ହୋଇ
ପୋକମାଛି ହେଇ ମରନ୍ତୁ

ବାପୁଜୀ ନଗର, ଭୁବନେଶ୍ୱର

ଚଳିତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତ୍ତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ମୋର୍ କଥା କେ ମାନ୍



ଶୁଭମ ନାୟକ

କଥା ମାନ୍ ତ ଗୋ ବୁଆ ଘାଏ
ଭୁଲିଯା ନଶା ପିଇ କେ
ତୁଇଁ ଜିଇଁ ଥିବାର୍ ଯାଏ
କତ ମୁଇଁ ନାଇଁ ପିଏ
ପିଇଲେ ଜୀବନ୍ ନାଇଁ ରହେ
କଥା ମାନ୍ ତ ଗୋ ବୁଆ ଘାଏ ॥ ୧ ॥
ତୁଇଁ ଜିଇଁଛୁ ବଲି ଗୋ ବୁଆ
ମୁହଁଟା ଫାରୁଛେ ଆଁ
ପର୍ କରି ପଲ୍‌ବୁ ବେଲେ
ସପନ୍ ହେବା ବୁଆ ନା
ଜୁଆନ୍ ପୋ ମରିଯିବା ଦେଖି
କେନ୍ତା ଜିଇଁବା ତୋର୍ ବୁଢି ମା ॥ ୨ ॥

ତୋର୍ ନେ ମନ୍ ହଜେଇ ଥିଲ୍
ମୋର୍ ମମତା ମୟୀ ମା
ଗୁଟେ ଠାନେ ଥିମା ବଲି
ଭୁଲି ଗଲ୍ ତାର୍ ଗାଁ ମା
ଅଧା ବାଟେ ଛାଡି ଯିବୁ ହେଲେ
ତୋର୍ ବିନା ଝୁରିହେବା ଗୋ ମା ॥ ୩ ॥

ପରଁଗ୍ କରି ଗାଁର ଛାତି
ତୁଇ ପଲ୍‌ବୁ ଗ୍ତି
ଖଇ କପା କେ ବାଟେ ବିଛି
ମଶାନ୍ ଜିମି ମୁଇଁ
ଜମି ବାଡି କେ ଥୁଇଜିବୁ ତୁଇ
ଏକଲ୍ କାଏଁ କରମି ମୁଇଁ ॥ ୪ ॥

ବୁଆ ମୁହେଁ ଜୁଏ ଦେ କହେଲେ
ଥରି ଯାଉଛେ ଇ ହାତ୍
କେନ୍ତା ବୁଆ କେ ଜୁଏ ଦେମି
ଯିଏ ଖୁଆଲ୍ ମତେ ଭତ୍
ଦୁନଆଁର ପାହାଁ ଚଲ୍ ବାଟେ
ହାତ୍ ଧରି କହାଲ୍ ବାତ୍ ॥ ୫ ॥

ସେ ମୁନୁଷ ନଶା ଖାଇ ପିଇ
ହାରି ଦେଲ୍ ତାର୍ ମାନ୍
ଭୁଲି ଯା ନଶା ପିଇ କେ
ତୁଇ କର୍ ବୁଦ୍ଧି ଜ୍ଞାନ୍
ଯହ ଦିନ୍ ଜିଇଁବୁ ହେଲେ
ଇହାଦେ ମୋର୍ କଥାକେ ମାନ୍ ॥ ୬ ॥

ତସଲ୍‌ଡିହି, ସୁନ୍ଦରଗଡ, ଓଡିଶା

# ଅଗଷ୍ଟ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୩/ ୦୮/ ୨୦୧୭ | ଏକାଦଶୀ |
| ୦୬/ ୦୮/ ୨୦୧୭ | ଶିବୋପବାସ |
| ୦୭/ ୦୮/ ୨୦୧୭ | ଗହ୍ମା ପୂର୍ଣ୍ଣିମା, ବଳଦେବ ଜୀଉଙ୍କ ଜନ୍ମ, ରକ୍ଷାବନ୍ଧନ |
| ୧୩/ ୦୮/ ୨୦୧୭<br>୧୪/ ୦୮/ ୨୦୧୭<br>୧୫/ ୦୮/ ୨୦୧୭ | ବଳରାମ ଜୟନ୍ତି<br>ଜନ୍ମାଷ୍ଟମୀ ( ସ୍ମାର୍ତ୍ତ)<br>ସ୍ୱାଧୀନତା ଦିବସ, ଜନ୍ମାଷ୍ଟମୀ ( ବୈଷ୍ଣବ) , ନନ୍ଦୋତ୍ସବ( ସ୍ମାର୍ତ୍ତ) , ମଥୁରା ଓ ଦ୍ୱାରିକାରେ ଶ୍ରୀକୃଷ୍ଣ ଜନ୍ମ |
| ୧୬/ ୦୮/ ୨୦୧୭<br>୧୭/ ୦୮/ ୨୦୧୭<br>୧୮/ ୦୮/ ୨୦୧୭ | ମାସନ୍ତ<br>ସିଂହ ସଂକ୍ରାନ୍ତି<br>ଏକାଦଶୀ |
| ୨୦/ ୦୮/ ୨୦୧୭ | ଶିବୋପବାସ |
| ୨୧/ ୦୮/ ୨୦୧୭ | ଭାଦ୍ରବ ଅମାବାସ୍ୟା ( ସପ୍ତପୁରୀ) |
| ୨୪/ ୦୮/ ୨୦୧୭ | ବାଲି ତୃତୀୟା |
| ୨୫/ ୦୮/ ୨୦୧୭ | ଶ୍ରୀ ଗଣେଶ ପୂଜା |
| ୨୬/ ୦୮/ ୨୦୧୭ | ଋଷି ପଞ୍ଚମୀ, ନୂଆଖାଇ ପର୍ବ |
| ୨୯/ ୦୮/ ୨୦୧୭ | ରାଧାଷ୍ଟମୀ, ସୁରେନ୍ଦ୍ର ଦେବଙ୍କ ଶ୍ରାଦ୍ଧ, ଶ୍ରୀ ଦୁର୍ଗାଦେବୀଙ୍କ ଶୟନୋତ୍ସବ |
| ୩୦/ ୦୮/ ୨୦୧୭ | ତାଳନବମୀ, ବୁଧିବାମନ ଓଷା ଶେଷ |
| ୩୧/ ୦୮/ ୨୦୧୭ | ସୁଦଶାବ୍ରତ |

# ଟିକିଏ ହସନ୍ତୁ

ସ୍ତ୍ରୀ - ଶୁଣୁଛ, ଆଜିକାଲି ପୁଅ ବହୁତ ପଇସା ଉଡାଉଛି । ଯେଉଁଠି ବି ରଖିଲେ ପଇସାକୁ ସେ ଖୋଜି ନେଇଯାଉଛି ।

ସ୍ୱାମୀ – ଏବେ ପଇସାକୁ ମୂର୍ଖର ବହି ଭିତରେ ଲୁଚାଇ ରଖ, ତାର ପରିକ୍ଷା ପର୍ଯ୍ୟନ୍ତ ସୁରକ୍ଷିତ ରହିବ ।

---

ପପୁ ବହୁତ ହିମ୍ମତ ଧରି ଗୋଟିଏ ଝିଅକୁ ପ୍ରପୋଜ୍ କରିଦେଲା ।

ଝିଅ – ତୋ ଗାର୍ଲଫ୍ରେଣ୍ଡ୍ ବନବା ଅପେକ୍ଷା ଆତ୍ମହତ୍ୟା କରିବା ଭଲ ହେବ ।

ପପୁ – ମରିଯିବ, କନ୍ତୁ ଗରିବଙ୍କ ଭଲ କରିପାରିବନି!!!

---

ଗୋଟିଏ ଗାଁରେ ଛୋଟ ଝିଅଟିଏ ପ୍ରଥମ ଥର ପାଇଁ ଫୋନ୍ ଧରି ଦୋକାନକୁ ଆସିଲା ।

ଝିଅ – ମଉସା ୧୦ ଟଙ୍କାର ରିଚାର୍ଜ କରିଦିଅ ।

ଦୋକାନ – ଝିଅ, ୧୦ ଟଙ୍କାରେ କେବଳ ୭ ଟଙ୍କା ମିଳବ ।

ଝିଅ – ହଉ, ବାକି ତିନି ଟଙ୍କାର ମିକଚର୍ ଦେଇଦିଅ!!!

---

ଶିକ୍ଷକ – ଜଗା, ତୁ ନିୟମିତ ସ୍କୁଲକୁ କାହିଁକି ଆସୁନୁ?

ଜଗା – ସାର୍ ବାବା କହନ୍ତି ପ୍ରତିଦିନ ଗୋଟିଏ ଜାଗାକୁ ଗଲେ ଇଜ୍ଜତ୍ କମ ହୋଇଯାଏ ।

---

ଚଗଲା ମାଁ ଠୁ ମାଡ ଖାଇଲା ପରେ ବାବାକୁ କାନ୍ଦି କାନ୍ଦି ପଚାରିଲା – ବାପା ତମେ କେବେ ପାକିସ୍ତାନ ଯାଇଛ?

ବାପା – ନା ରେ ପୁଅ ।

ଚଗଲା – ତାହେଲେ ଏ ଆତଙ୍କବାଦୀ ଆଇଟମ୍ ଆଣିଲ କେଉଁଠୁ?

---

ଭକ୍ତ – ହେ ଭଗବାନ, ମୁଁ ପାପୀ, ମୋତେ କଷ୍ଟ ଦିଅ, ମୋତେ ଦୁଃଖ ଦିଅ, ମୋତେ ବର୍ବାଦ୍ କରିଦିଅ, ମୋତେ ଟେନସନ୍ ଦିଅ ।

ଭଗବାନ – ଆରେ ସିଧା ସିଧା କହୁନୁ କି ବାହାହେବାକୁ ଚାହୁଁଛୁ !!

# ଚନ୍ଦ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com / editor.vedantimagazine@gmail.com




ପଇଡ ଫଳଟି କେତେ ସୁନ୍ଦରିଆ
ପିଇବା ସାଙ୍ଗରେ ଖାଇବାକୁ ଦିଏ
ସ୍ୱାସ୍ଥ୍ୟ ପାଇଁ ଏତ ଭାରି ବଢିଆ

( ବିଜେତା: କଳ୍ପକାନ୍ତ ବେହେରା, ଲକ୍ଷ୍ନୌ, ଉତ୍ତରପ୍ରଦେଶ)

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭ୍ାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାର୍ବ ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଯୋଗାଇ ଦିଆଯାଏ । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭ୍ାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: **vedantimagazine@gmail.com** । ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**https://www.facebook.com/vedantiemagazine**

**http://vedantimagazine.wordpress.com**

**http://vedanti.wextarinteractive.com**